


▸ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-258 ♦BHUBANESWAR ♦WEDNESDAY ♦13 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୮ ♦ଭୁବନେଶ୍ୱର ♦ବୁଧବାର ♦୧୩ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



DSPL-839

ODISHA
INDIA'S BEST KEPT SECRET.

ଆମ ଓଡ଼ିଶା
ନବୀନ ଓଡ଼ିଶା

## ସମନ୍ୱିତ ସ୍ପୋର୍ଟସ କମ୍ପ୍ଲେକ୍ସ, ଜୟପୁର
## ଏବଂ
## ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମର
## ଶୁଭ ଉଦ୍‌ଘାଟନ

### ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ
କରକମଳରେ

### ୧୩ ମାର୍ଚ୍ଚ, ୨୦୨୪



### କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ

**ସମନ୍ୱିତ ସ୍ପୋର୍ଟସ କମ୍ପ୍ଲେକ୍ସ, ଜୟପୁର**

- ପ୍ରାକୃତିକ ଫୁଟବଲ ପଡ଼ିଆ, ସିନ୍ଥେଟିକ୍ ଆଥଲେଟିକ୍ ଟ୍ରାକ୍, ଜିମ୍ନାଷ୍ଟିକ୍ ସେଣ୍ଟର, ସୁଇମିଂ ପୁଲ୍ ଟେନିସ୍ ଓ ବାସ୍କେଟବଲ ଓପନ କୋର୍ଟ, ଫାସିଲିଟି ବିଲଡିଂ ଏବଂ ଦର୍ଶକ ଗ୍ୟାଲେରୀ

**୨୬ ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ**

- ଜଳେଶ୍ୱର
- ବାଲେଶ୍ୱର
- ବରଗଡ଼
- ବିଜେପୁର
- ବରପାଲି
- ପଦ୍ମପୁର
- ଅତାବିରା
- କବିସୂର୍ଯ୍ୟନଗର
- ପୁରୁଷୋତ୍ତମପୁର
- ଗୋପାଳପୁର
- କୋଦଳା
- ଭଞ୍ଜନଗର
- ଆସ୍କା
- ସୋରଡ଼ା
- ଜଗତସିଂହପୁର
- ପାରାଦୀପ
- କେନ୍ଦ୍ରାପଡ଼ା
- ଯୋଡ଼ା
- ଜଟଣୀ
- ମାଲକାନଗିରି
- ବାଲିମେଳା
- ଖରିଆର ରୋଡ୍,
- ବିନିକା
- ରାଜଗାଙ୍ଗପୁର
- ବ୍ରଜରାଜନଗର
- ବେଲପାହାଡ଼

OIPR-29001/13/0250/2324

“ କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ଶକ୍ତି ”





କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ | କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-258 ◆BHUBANESWAR ◆WEDNESDAY ◆13 MARCH 2024 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୫୮ ◆ଭୁବନେଶ୍ୱର ◆ବୁଧବାର ◆୧୩ ମାର୍ଚ୍ଚ ୨୦୨୪ ◆ଟ.୬.୦୦

## ଭୁବନେଶ୍ୱର-ବଲାଙ୍ଗିର ଏକ୍ସପ୍ରେସ୍ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ

**ଭୁବନେଶ୍ୱର,୧୨।୩ (ସମିସ):** ଭୁବନେଶ୍ୱର-ବଲାଙ୍ଗିର-ସୋନପୁର ଏକ୍ସପ୍ରେସ୍‌କୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଆଜି ସୋନପୁର ଷ୍ଟେସନ୍‌ଠାରେ ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଏହାକୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ୍ ବଲାଙ୍ଗିରରେ ପହଞ୍ଚିବା ପରେ ଅପରାହ୍ଣ ୧ଟା ୪୫ରେ ସୋନପୁର ଅଭିମୁଖେ ଯାତ୍ରା କରି ଅପରାହ୍ଣ ୩ଟା ୧୫ରେ ସୋନପୁରରେ ପହଞ୍ଚିବ। ଫେରିବା ପଥରେ ଏହା ସୋନପୁରରୁ ଅପରାହ୍ଣ ୧ଟାରେ ଛାଡ଼ି ଅପରାହ୍ଣ ୨ଟା ୨୫ରେ ବଲାଙ୍ଗିର ଷ୍ଟେସନ୍‌ରେ ପହଞ୍ଚିବ। ଏହା ପରେ ବଲାଙ୍ଗିରରୁ ଯାତ୍ରା ଆରମ୍ଭ କରି ରାତି ୯ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଟ୍ରେନ୍ ଆସନ୍ତା ୧୪ ତାରିଖରୁ ସୋନପୁରଠାରୁ ଏବଂ ୧୫ତାରିଖରୁ ଭୁବନେଶ୍ୱର ପଟୁ ନିୟମିତ ଚଳାଚଳ କରିବ। ବଲାଙ୍ଗିର ଓ ସୋନପୁର ମଧ୍ୟରେ ଏହା ବିଚ୍ଛୁପାଲି, ଝରତରଭା ଓ ନରସିଂହଗଡ଼ ଷ୍ଟେସନ୍‌ରେ ରହଣି କରିବ।

# ଓଡ଼ିଶାରେ ଗଡ଼ିଲା ତୃତୀୟ ବନ୍ଦେ ଭାରତ

### ୯ଟି ନୂତନ ଲାଇନ୍, ଦୋହରୀକରଣ ଓ ତୃତୀୟ ଲାଇନ୍ ଲୋକାର୍ପିତ

**ଭୁବନେଶ୍ୱର,୧୨।୩(ସମିସ):** ଓଡ଼ିଶାକୁ ଗଡ଼ିଲା ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍। ବିଶାଖାପାଟଣାରୁ ଭୁବନେଶ୍ୱର ଅଭିମୁଖେ ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରା କରିଛି। ଏହା ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ ଓ ବିଜୟନଗରମ୍‌ରେ ରହିବା ପାଇଁ ନିର୍ଦ୍ଧାରିତ ହୋଇଥିଲା। ଶନିବାର ବ୍ୟତୀତ ସପ୍ତାହକୁ ୬ ଦିନ ଚାଲିବ ଏହି ଟ୍ରେନ୍। ଆସନ୍ତା ୧୭ ତାରିଖଠାରୁ ଏହା ନିୟମିତ ଚାଲିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି। ଓଡ଼ିଶା ସମେତ ସମଗ୍ର ଦେଶରେ ୧୦ଟି ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ ହୋଇଛି। ଅହମ୍ମଦାବାଦ ଗସ୍ତ ଅବସରରେ ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାସହ ଓଡ଼ିଶାରେ ୨୭୪ ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ୧୬୨ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍, ୪୧ ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ ଷ୍ଟଲ୍, ୫୦ ସୋଲାର୍ ପାୱାର୍ ଷ୍ଟେସନ୍, ୫ଗୁଡସ



ସେଡ୍, ୯ଟି ନୂଆ ଲାଇନ, ଦୋହରୀକରଣ ଏବଂ ତୃତୀୟ ଲାଇନ ପ୍ରୋଜେକ୍ଟ, ୪ ଅଟୋ ସିଗନାଲ୍ ସିଷ୍ଟମ୍, ଗୋଟିଏ ଗତିଶକ୍ତି ଟର୍ମିନାଲ୍, ଗୋଟିଏ ଜନଔଷଧି କେନ୍ଦ୍ର ଏବଂ ଗୋଟିଏ ରେଳ କୋଚ୍ ରେଷ୍ଟୋରାଁ ଅନ୍ତର୍ଭୁକ୍ତ ରହିଛି।

ସେହିଭଳି ୯ଟି ନୂତନ ଲାଇନ, ଦୋହରୀକରଣ ଏବଂ ତୃତୀୟ ଲାଇନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ହେଉଛି, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ୨୩୪ କୋଟିର ହରିଦାସପୁର-ବଇରି ସେକ୍ସନ, କୋରାପୁଟ-ରାୟଗଡ଼ା ରେଳଲାଇନ୍ ଦୋହରୀକରଣ ପ୍ରକଳ୍ପ ଅନ୍ତର୍ଗତ ୧୩୧ କୋଟିର ଦାମନ ଯୋଡ଼ି-ବାଇଗୁଡ଼ା ସେକ୍ସନ୍, ବିଜୟନଗରମ-ଟିଟିଲାଗଡ଼ ତୃତୀୟ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ୧୬୭ କୋଟିର ସିଙ୍ଗାପୁର ରୋଡ୍-ରାୟଗଡ଼ା ସେକ୍ସନ, କୋଟାଭାଲାସା-କୋରାପୁଟ ଦୋହରୀକରଣ ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ୧୨୩ କୋଟିର ସେମିଳିଗୁଡ଼ା-ଆରକୁ-ଗୋରାପୁର ସେକ୍ସନ, କୋଟାଭାଲାସା-କୋରାପୁଟ ଦୋହରୀକରଣ ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ୪୭କୋଟିର କୋଟା-ବୋଡାବରା ରେଳ ସେକ୍ସନ, ବିଳାସପୁର-ଝାରସୁଗୁଡ଼ା ୪ର୍ଥ ଲାଇନ ରେଳ ପ୍ରକଳ୍ପ ଅନ୍ତର୍ଗତ ୫୫୦ କୋଟିର ଝାରସୁଗୁଡା-ଜାମାଗା ସେକ୍ସନ, ବଣ୍ଡାମୁଣ୍ଡା-ରାଞ୍ଚି ରେଳଲାଇନ ଦୋହରୀକରଣ ପ୍ରକଳ୍ପ ଅନ୍ତର୍ଗତ ୬୧.୭୩ କୋଟିର ଲିଙ୍କ ବି-ଲିଙ୍କ ସି ବଣ୍ଡାମୁଣ୍ଡା ସେକ୍ସନ, ରାଞ୍ଚି-ବଣ୍ଡାମୁଣ୍ଡା ରେଳଲାଇନ ଦୋହରୀକରଣ ପ୍ରକଳ୍ପ ଅନ୍ତର୍ଗତ୧୨୯.୯୫କୋଟିର ନବଗାଓଁ-ଓରଗା ସେକ୍ସନ, ନାରାୟଣଗଡ଼-ଭଦ୍ରକ ୪ର୍ଥ ଲାଇନ ରେଳ ପ୍ରକଳ୍ପ ଅନ୍ତର୍ଗତ ୩୬.୧୨ କୋଟିର ରାଣୀତାଲ-ରାଣୀତାଲ (ଖ) ୪ର୍ଥ ଲାଇନ ସେକ୍ସନ ଆଦିକୁ ପ୍ରଧାନମନ୍ତ୍ରୀ ଲୋକାର୍ପିତ କରିଥିଲେ।

■ ମେଟ୍ରୋ ପ୍ରକଳ୍ପ ପାଇଁ ଡିଏମ୍ଆରସି ତତ୍ପର

## ୬ଟି ଷ୍ଟେସନ ନିର୍ମାଣ ପାଇଁ ଟେଣ୍ଡର୍ ଆହ୍ୱାନ

**ଭୁବନେଶ୍ୱର, ୧୨।୩ (ସମିସ):** ଭୁବନେଶ୍ୱରରୁ ମେଟ୍ରୋ ପ୍ରକଳ୍ପ କାମ ପାଇଁ ତତ୍ପର ହୋଇଛି ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍(ଡିଏମ୍ଆରସି)। ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେବା ପରେ ପ୍ରାଥମିକ ପର୍ଯ୍ୟାୟରେ ସଂସ୍ଥା ଏକ ବଡ଼ ଟେଣ୍ଡର୍ ଆହ୍ୱାନ କରିଛି। ଏଥିରେ ଭୁବନେଶ୍ୱରର ପ୍ରମୁଖ ୬ଟି ସ୍ଥାନରେ ଷ୍ଟେସନ୍ ନିର୍ମାଣ ସହ ଭାଏଡକ୍ଟ ନିର୍ମାଣ ପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଛି। ଏହି ପ୍ରକଳ୍ପର ମୂଲ୍ୟ ପାଖାପାଖି ୬୩୦.୬୫ କୋଟି ଟଙ୍କା ରହିଥିବା ବେଳେ ଟେଣ୍ଡର୍ ପ୍ରକ୍ରିୟାରେ ଭାଗନେବା ପାଇଁ ହେଲେ ସମାନ ପ୍ରକଳ୍ପ

■ ଟେଣ୍ଡର ପରିମାଣ ରହିଛି ୬୩୦ କୋଟି ଟଙ୍କା
■ କାମଚଳା ବଜେଟ୍‌ରେ ପ୍ରକଳ୍ପ ପାଇଁ ମିଳିଛି ୧ ହଜାର କୋଟି

ଭଳି ୫୦୦ କୋଟି ଟଙ୍କାର କାର୍ଯ୍ୟ କରିଥିବା ଅଭିଜ୍ଞତା ରହିଥିବା ସର୍ତ୍ତ ରହିଛି। ଏଲଭେଟଡ୍ ପଦ୍ଧତିରେ ଏହି ଷ୍ଟେସନ ନିର୍ମାଣ କରାଯିବ ବୋଲି ଟେଣ୍ଡରରେ ଦର୍ଶାଯାଇଛି। ଷ୍ଟେସନ୍ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ସ୍ଥାନଗୁଡ଼ିକ ମଧ୍ୟରେ କ୍ୟାପିଟାଲ୍ ହସ୍ପିଟାଲ, ବାପୁଜୀନଗର, ଭୁବନେଶ୍ୱର ରେଳ ଷ୍ଟେସନ, ରାମନ୍ଦିର ଛକ, ବାଣି ବିହାର ଓ ଆଚାର୍ଯ୍ୟ ବିହାର ଛକ ଆଦି ୬ ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।

୧୫ଏପ୍ରିଲ୍‌ରୁ ୨୩ ଏପ୍ରିଲ ପର୍ଯ୍ୟନ୍ତ ଟେଣ୍ଡର ଦାଖଲ ପ୍ରକ୍ରିୟା ଜାରି ରହିବା ସହ ୨୪ଏପ୍ରିଲରେ ଟେଣ୍ଡର ଖୋଲିବ ବୋଲି ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଆସନ୍ତା ୧୯ତାରିଖରେ ଏକ ପ୍ରି-ବିଡ୍ ବୈଠକ ବସିବା ନେଇ ଦିଲ୍ଲୀ ମେଟ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ଗତ ନୂଆବର୍ଷ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପର ଭିତ୍ତି ସ୍ଥାପନ କରିବା ପରେ ଏହି ମେଟ୍ରୋ ପ୍ରକଳ୍ପ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଦିଲ୍ଲୀ ମେଟ୍ରୋ କର୍ପୋରେସନ୍‌କୁ ରାଜ୍ୟର ମେଟ୍ରୋ ପ୍ରକଳ୍ପର ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ଫୁଲପୋଖରୀ ନିକଟରେ ଦିଲ୍ଲୀ ମେଟ୍ରୋ ପକ୍ଷରୁ ମେଟ୍ରୋ ଡିପୋ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଡିପୋ ନିର୍ମାଣ ସହ ୱାର୍କସପ୍, ଓସିସି ବିଲ୍ଡିଂ ନିର୍ମାଣ ଓ ପାଚେରି ସମେତ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପାଇଁ ଭିନ୍ନଭିନ୍ନ ଭାବେ ୨ଟି ଟେଣ୍ଡର୍ ପୂର୍ବରୁ ଆହ୍ୱାନ କରାଯାଇ ସାରିଛି। ରାଜ୍ୟର ଏହି ସର୍ବବୃହତ୍ ପ୍ରକଳ୍ପ ପାଇଁ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଥିବା ବେଳେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ କରିବେ। '୫-ଟି' ଉପକ୍ରମ ଅନୁଯାୟୀ ଏହାକୁ ୪ବର୍ଷ ମଧ୍ୟରେ ଶେଷ କରିବାକୁ ଯୋଜନା ରହିଛି। ସୂଚନାଯୋଗ୍ୟ ଯେ ତ୍ରିଶୁଳିଆଠାରୁ ଭୁବନେଶ୍ୱର ଏୟାରପୋର୍ଟ ଯାଏଁ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ମୋଟ ୨୦ ଷ୍ଟେସନ ରହିବ।

ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ କାମଚଳା ବଜେଟ୍‌ରେ ୧ହଜାର କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ଯେହେତୁ ଆଗକୁ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ, ତେଣୁ ସାଧାରଣ ବଜେଟ୍ ଆସିବାରେ ବିଳମ୍ବ ହେବ। ମେଟ୍ରୋ ପ୍ରକଳ୍ପ ପାଇଁ ଆଗକୁ ଜୋରଦାର କାର୍ଯ୍ୟ ହେବାକୁ ଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଅନ୍ୟପଟେ ମେଟ୍ରୋ ରେଳ କର୍ପୋରେସନ୍ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓ ରାଜ୍ୟସ୍ତରୀୟ ପ୍ରକଳ୍ପ ତଦାରଖ କମିଟି ବୈଠକରେ ମଧ୍ୟ ମେଟ୍ରୋ ରେଳ ପ୍ରକଳ୍ପ କାମକୁ ବାରମ୍ବାର ସମୀକ୍ଷା କରାଯାଉଛି। ଗତ ଫେବୃଆରୀରେ ଏହି ଦୁଇ ଉଚ୍ଚସ୍ତରୀୟ କମିଟି ବୈଠକରେ ଆସନ୍ତା ୬ ମାସ ମଧ୍ୟରେ ମେଟ୍ରୋ ପକ୍ରଳ୍ପ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ସାରାକିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଭୂମି ଯୋଜନା ଓ ଗଠନ ବ୍ୟବସ୍ଥା, ସିଭିଲ କାମ, ବିଭିନ୍ନ ଉପଯୋଗିତା ସ୍ଥାନାନ୍ତର ଆଦି ସମ୍ପର୍କରେ ଟେଣ୍ଡର କାର୍ଯ୍ୟ ସରିବା ପାଇଁ ଯୋଜନା କରାଯାଇଛି। ଯାହାର ପରିଣାମ ସ୍ୱରୂପ ଏହି ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର ଆହ୍ୱାନ କରାଯାଇଥିବା ଜଣାପଡ଼ିଛି।

**ହଠାତ୍ ବଢ଼ିଲା ତାତି**

## ୩୬ ଡିଗ୍ରୀ ଉପରେ ୧୯ ସହର

**ଭୁବନେଶ୍ୱର, ୧୨।୩(ସମିସ):** ରାଜ୍ୟରେ ହଠାତ ବଢ଼ିଛି ତାପମାତ୍ରା। ସୋମବାର ଏକାଥରକେ ରାଜ୍ୟର ୧୯ଟି ସହରରେ ତାପମାତ୍ରା ୩୬ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର, ବୌଦ୍ଧ ଓ ପାରଳାଖେମୁଣ୍ଡି ଆଦିରେ ପାରଦ ୩୮ ଡିଗ୍ରୀ ଛୁଇଁଛି। ରାଜ୍ୟକୁ ବର୍ତ୍ତମାନ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ପବନ ବହୁଛି। ଏଥିପାଇଁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ଦିନ ମଧ୍ୟରେ ରାଜ୍ୟରେ ଆହୁରି ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ଆଶଙ୍କା ଥିବାରୁ କିଛି ଜିଲ୍ଲାରେ ଏହି ସମୟରେ ମଧ୍ୟରେ ପାରଦ ୪୦ ଡିଗ୍ରୀ ଛୁଇଁବାର ଆଶଙ୍କା କରାଯାଉଛି। ସେହିପରି ୨ଦିନ ପରେ ପାଗରେ ପରିବର୍ତ୍ତନ ଆସିବା ସହ କିଛିକିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବର୍ଷା ହେବା ସହ ଏହା ସାମୟିକ ଭାବେ ତାପମାତ୍ରା ହ୍ରାସ ଘଟାଇବ। ମାତ୍ର ଏହା ସତ୍ତ୍ୱେ ଅନେକ ସ୍ଥାନରେ ତାପମାତ୍ରା ୩୬-୩୭ ଡିଗ୍ରୀ ଉପରେ ରହିବ ବୋଲି ଆକଳନ କରାଯାଇଛି। ୧୪ତାରିଖରେ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଆଦିରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଆଶଙ୍କା ରହିଛି। ୧୫ରେ ବର୍ଷାର ପରିମାଣ ବୃଦ୍ଧି ସହ ଅଧିକ ଜିଲ୍ଲାରେ ଏହାର ପ୍ରଭାବ ଦେଖିବାକୁ ମିଳିବ।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-258 •BHUBANESWAR •WEDNESDAY •13 MARCH 2024 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୮ •ଭୁବନେଶ୍ୱର •ବୁଧବାର •୧୩ ମାର୍ଚ୍ଚ ୨୦୨୪ •ଟ.୬.୦୦

**ପୁରୀରେ ପୁଲିସ ଆଇନ ୩୦ ଧାରା ଲାଗୁ**

## ବିନାନୁମତିରେ ସଭା, ଶୋଭାଯାତ୍ରା ବନ୍ଦ

**୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର**

■ **ପୁରୀ, ୧୨।୩ (ସମିସ):** ପୁଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ଚଳିତ ମାସ ୩ ତାରିଖଠାରୁ ଆସନ୍ତା ମେ' ୩୧ ତାରିଖ ଅର୍ଥାତ୍ ୯୦ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନ୍ ଅଞ୍ଚଳ ସମେତ ପୁରୀ ପୌରସଂସ୍ଥା, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍ଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ୍ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଥାଉ କି, ଅନେକ ସମୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା ଏପରିକି ଉଚ୍ଚ ଶବ୍ଦରେ ଡାକବାଜି ଯନ୍ତ୍ର ବ୍ୟବହାର କରାଯାଉଛି। ଏହାଦ୍ୱାରା ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଥିବା ବେଳେ ଅନେକ ସ୍ଥାନରେ ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଏହାକୁ ନଜରରେ ରଖି ଏସ୍‌ପି ଏହି ପୁଲିସ ଆଇନର ୩୦ ଧାରା ଜିଲ୍ଲାବ୍ୟାପୀ ଲାଗୁ କରିଛନ୍ତି।

### ବଢ଼ିଲା ପଞ୍ଚାୟତିରାଜ ପ୍ରତିନିଧିଙ୍କ ପାରିତୋଷିକ ଓ ବୈଠକ ଭତ୍ତା

# ସରପଞ୍ଚଙ୍କୁ ମାସିକ ୧୦ ହଜାର, ବ୍ଲକ୍ ଅଧ୍ୟକ୍ଷଙ୍କୁ ୧୫ ହଜାର



### ଜିଲ୍ଲା ପରିଷଦ ସଭାପତିଙ୍କୁ ୩୦ ହଜାର, ଉପସଭାପତିଙ୍କୁ ୨୫ ହଜାର ଟଙ୍କା

- ରାଜକୋଷରୁ ବାର୍ଷିକ ଖର୍ଚ୍ଚ ହେବ ଅଧିକ ୧୬୨.୬୮ କୋଟି ଟଙ୍କା
- ପଦବୀରେ ଥାଇ ପରଲୋକରେ ପରିବାରକୁ ୨ ଲକ୍ଷ ଅନୁକମ୍ପା ରାଶି
- ଦୁର୍ଘଟଣାଜନିତ ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ମିଳିବ ୨ ଲକ୍ଷ ଟଙ୍କା
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ
- ସରକାରଙ୍କୁ କୃତଜ୍ଞତା ଜଣାଇଲା ରାଷ୍ଟ୍ରୀୟ ସରପଞ୍ଚ ସଂଗଠନ

■ **ଭୁବନେଶ୍ୱର, ୧୨।୩ (ସମିସ):** ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ଦୀର୍ଘ ଦିନର ଦାବିକୁ ପୂରଣ କରିଛନ୍ତି ରାଜ୍ୟ ସରକାର। ମଙ୍ଗଳବାର ରାଜ୍ୟର ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ବୃଦ୍ଧି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ବଡ଼ ଉପହାର ପ୍ରଦାନ କରିଛନ୍ତି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ପଞ୍ଚାୟତିରାଜ ପ୍ରତିନିଧିମାନେ ତାଙ୍କୁ ଭେଟି ପାରିତୋଷିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଆଧାରରେ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ପ୍ରତିନିଧିଙ୍କ ପାରିତୋଷିକ ଏବଂ ଭତ୍ତା ବୃଦ୍ଧି ଘୋଷଣା କରିଛନ୍ତି।

ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପରିଷଦ ସଭାପତିମାନେ ୯୩୮୦ ଟଙ୍କା ପରିବର୍ତ୍ତେ ୩୦,୦୦୦ ଟଙ୍କା ମାସିକ ପାରିତୋଷିକ ପାଇବେ। ସେମାନଙ୍କ ଦୈନିକ ଭତ୍ତା ସହ ବୈଠକ ଅର୍ଥ (ସିଟିଂ ଫି) ମଧ୍ୟ ୩୦୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲ୍ଲା ପରିଷଦ ଉପ-ସଭାପତିମାନଙ୍କ ପାରିତୋଷିକ ୭୦୪୦ଟଙ୍କାରୁ ୨୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ବୈଠକ ବାବଦରେ ଅର୍ଥ(ସିଟିଂ ଫି) ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲ୍ଲା ପରିଷଦ ସଦସ୍ୟମାନେ ପୂର୍ବରୁ ୩୫୩୦ ଟଙ୍କା ପାଉଥିବା ବେଳେ ଏବେ ମାସିକ ପାରିତୋଷିକ ବାବଦରେ ୧୦,୦୦୦ ଟଙ୍କା ଓ ସିଟିଂ ଫି ୩୦୦ଟଙ୍କା ପରିବର୍ତ୍ତେ ୬୦୦ ଟଙ୍କା ପାଇବେ। ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ପୂର୍ବରୁ ୩,୫୩୦ ଟଙ୍କା ପାଉଥିଲେ। ନୂଆ ନିଷ୍ପତ୍ତି ଅନୁଯାୟୀ ଏବେ ସେମାନେ ୧୫୦୦୦ଟଙ୍କା ▶ପୃଷ୍ଠା-୯

**କାହାକୁ କେତେ(ଟଙ୍କାରେ)**

| ପଞ୍ଚାୟତିରାଜ ପ୍ରତିନିଧି | ଥିଲା | ହେଲା |
|---|---|---|
| ଜିଲ୍ଲା ପରିଷଦ ସଭାପତି | ୯୩୮୦ | ୩୦୦୦୦ |
| ଜିଲ୍ଲା ପରିଷଦ ଉପସଭାପତି | ୭୦୪୦ | ୨୦୦୦୦ |
| ଜିଲ୍ଲା ପରିଷଦ ସଦସ୍ୟ | ୩୫୩୦ | ୧୦୦୦୦ |
| ପଞ୍ଚାୟତ ସମିତି ଅଧ୍ୟକ୍ଷ | ୩୫୩୦ | ୧୫୦୦୦ |
| ପଞ୍ଚାୟତ ସମିତି ଉପାଧ୍ୟକ୍ଷ | ୨୩୫୦ | ୭୫୦୦ |
| ପଞ୍ଚାୟତ ସମିତି ସଦସ୍ୟ | ୨୩୫୦ | ୭୫୦୦ |
| ସରପଞ୍ଚ | ୨୩୫୦ | ୧୦୦୦୦ |
| ନାଏବ ସରପଞ୍ଚ | ୯୪୦ | ୪୦୦୦ |

**୭ ରାଜ୍ୟର ୯୦ ନାମରେ ମୋହର**

## ବିଜେପିର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଆଜି!

■ **ନୂଆଦିଲ୍ଲୀ, ୧୨।୩ (ସମିସ):** ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ବିଜେପିର କେନ୍ଦ୍ରୀୟ ନିର୍ବାଚନ ସମିତି (ସିଇସି) ୭ ରାଜ୍ୟର ୯୦ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିଛି। ଆସନ୍ତାକାଲି ଅର୍ଥାତ୍ ବୁଧବାର ଏହି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇପାରେ ବୋଲି ମଧ୍ୟ ଏହି ସୂତ୍ରରୁ ସୂଚନା ମିଳିଛି। ତାମିଲନାଡୁରେ ଏଆଇଡ଼ିଏମ୍‌କେ, ହରିଆଣାରେ ଜେଜେପି ଓ ଓଡ଼ିଶାରେ ବିଜୁ ଜନତା ଦଳ ସହ ଆସନ ବୁଝାମଣା ସଂକ୍ରାନ୍ତ କଥାବାର୍ତ୍ତା ଚାଲିଥିବାରୁ ଏହି ରାଜ୍ୟଗୁଡ଼ିକରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ଦଳର ଜାତୀୟ ସଭାପତି ଜେ.ପି.ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସଙ୍ଗଠନ ମହାମନ୍ତ୍ରୀ ବି.ଏଲ୍.ସନ୍ତୋଷଙ୍କ ଉପସ୍ଥିତିରେ ବୈଠକରେ ବିଭିନ୍ନ ରାଜ୍ୟରେ ଲୋକସଭା ପ୍ରାର୍ଥୀଙ୍କ ନାମ ଉପରେ ଚର୍ଚ୍ଚା ହୋଇଛି। ବୈଠକରେ ସମ୍ପୃକ୍ତ ରାଜ୍ୟର ବରିଷ୍ଠ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୪ ଘଣ୍ଟା ଧରି ଚାଲିଥିବା ବୈଠକରେ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କ ନାମରେ ସହମତି ପ୍ରକାଶ ପାଇଥିବା କୁହାଯାଉଛି । ଏହା ସହ ୭୪ରୁ ଊର୍ଦ୍ଧ୍ୱ ବର୍ତ୍ତମାନର ସାଂସଦଙ୍କୁ ଆଗାମୀ ନିର୍ବାଚନ ନିମନ୍ତେ ସମ୍ଭାବ୍ୟ ପ୍ରାର୍ଥୀ ସୂଚୀରୁ ବାଦ ଦିଆଯାଇଥିବା ସୂଚନା ମିଳିଛି ।

- ମହାରାଷ୍ଟ୍ରର ୨୫, କର୍ଣ୍ଣାଟକର ୮ ଆସନରେ ପ୍ରାର୍ଥୀ ଚୂଡ଼ାନ୍ତ
- ବେଙ୍ଗାଲୁରୁ ଗ୍ରାମୀଣ କ୍ଷେତ୍ରରୁ ଦେବଗୌଡ଼ାଙ୍କ ଜ୍ୱାଇଁ ଡ. ମଞ୍ଜୁନାଥ
- ସମ୍ଭାବ୍ୟ ପ୍ରାର୍ଥୀ ସୂଚୀରୁ ବାଦ ୭୪ରୁ ଊର୍ଦ୍ଧ୍ୱ ସାଂସଦଙ୍କ ନାମ
- ବିଳମ୍ବ ହେବ ଓଡ଼ିଶା, ବିହାର, ତାମିଲନାଡୁର ପ୍ରାର୍ଥୀ ତାଲିକା

ମହାରାଷ୍ଟ୍ରର ୨୫ ଲୋକସଭା ଆସନ, ତେଲଙ୍ଗାନାର ୮ ଓ କର୍ଣ୍ଣାଟକର ୨୮ ଆସନରେ ପ୍ରାର୍ଥୀଙ୍କ ନାମକୁ ନେଇ ସିଇସି ବୈଠକରେ ଆପାତତଃ ସହମତି ପ୍ରକାଶ ପାଇଛି। କର୍ଣ୍ଣାଟକରେ ଦଳ କୁମାରସ୍ୱାମୀଙ୍କ ଜେଡ଼ିଏସ୍‌କୁ ୩ଟି ଆସନ ବିଜେପି ଦେବ। ସେହିପରି ପ୍ରଥମ ପର୍ଯ୍ୟାୟ ଘୋଷଣା ପରେ ▶ପୃଷ୍ଠା-୯

## ଶ୍ରୀମନ୍ଦିର ସେବାୟତଙ୍କ କଲ୍ୟାଣ ପାଇଁ ହାତ ଖୋଲିଦେଲେ ମୁଖ୍ୟମନ୍ତ୍ରୀ

### ସ୍ୱାସ୍ଥ୍ୟ ବୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି

■ **ଭୁବନେଶ୍ୱର,୧୨।୩(ସମିସ):** ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସେବାୟତମାନଙ୍କ କଲ୍ୟାଣ ପାଇଁ ହାତ ଖୋଲି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ବିଭିନ୍ନ ଭତ୍ତା ଓ ସ୍ୱାସ୍ଥ୍ୟ ବୀମା ପରିମାଣ ବୃଦ୍ଧି କରାଯାଇଛି। ସେହିପରି ସେବାୟତ ପରିବାରର ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ସବୁ କଲ୍ୟାଣ ଯୋଜନା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯିବ।

ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନେକ ଥର ପୁରୀ ଗସ୍ତ କରିଛନ୍ତି। ଏହି ଅବସରରେ ସେବାୟତମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ପାଣ୍ଡିଆନଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ସେବାୟତମାନଙ୍କ କଲ୍ୟାଣ ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି। ଶ୍ରୀ ଜଗନ୍ନାଥଙ୍କ ସେବାୟତ ଓ ତାଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପୂର୍ବରୁ ଦିଆଯାଉଥିବା ବୀମା ରାଶି ପରିମାଣକୁ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ଗୁରୁତର ରୋଗର ଚିକିତ୍ସା ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି। ପୁନଶ୍ଚ ସେବାୟତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ନିଟ୍, ଜେଇଇ ଓ ସିଭିଲ ସର୍ଭିସ୍ କୋଚିଂ ପାଇଁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏଥିପାଇଁ ବର୍ଷକୁ ୫୦ ହଜାର ଟଙ୍କା ହିସାବରେ ସର୍ବାଧିକ ୩ ଥର ସହାୟତା ଯୋଗାଇ ଦିଆଯିବ ।

ସେବାୟତମାନଙ୍କୁ ଦିଆଯାଉଥିବା ବିଭିନ୍ନ ବର୍ଦ୍ଧିତ ଭତ୍ତା, ସ୍ୱାସ୍ଥ୍ୟ ବୀମା ରାଶି, କୋଚିଂ ସହାୟତା ଓ ▶ପୃଷ୍ଠା-୯




- ଗୁରୁତର ରୋଗ କ୍ଷେତ୍ରରେ ଅତିରିକ୍ତ ୫ ଲକ୍ଷ ଟଙ୍କା
- ସେବାୟତ ପରିବାର ପିଲାଙ୍କ ପ୍ରବେଶିକା ଲାଗି କୋଚିଂ
- ବର୍ଷକୁ ୫୦ ହଜାର ଲେଖାଏଁ ସର୍ବାଧିକ ୩ଥର ମିଳିବ ସହାୟତା
- ବିଭିନ୍ନ କଲ୍ୟାଣ ଯୋଜନା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ୧୦.୮୫ କୋଟି ଟଙ୍କା
- ପରିକ୍ରମା ପ୍ରକଳ୍ପ ପରିଦର୍ଶନ ସମୟରେ '୫-ଟି' ଅଧ୍ୟକ୍ଷଙ୍କୁ ମିଳିଥିଲା ପ୍ରସ୍ତାବ

## ସବୁ ଭାଗବତ ଟୁଙ୍ଗୀକୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା

■ **ଭୁବନେଶ୍ୱର, ୧୨।୩ (ସମିସ):** ରାଜ୍ୟରେ ଥିବା ସମସ୍ତ ଭାଗବତ ଟୁଙ୍ଗୀକୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

ଭାଗବତ ଟୁଙ୍ଗୀ ଆମ ଗ୍ରାମ୍ୟ ଜୀବନର ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ପ୍ରାଣ କେନ୍ଦ୍ର। ସାରା ଗାଁକୁ ଭାଗବତ ଟୁଙ୍ଗୀ ଏକତାର ସୂତ୍ରରେ ବାନ୍ଧି ରଖିଥାଏ। ଆମ ସଂସ୍କୃତି ଓ ପରମ୍ପରାର ଏହି ମହାନ ପ୍ରତୀକ ଭାଗବତ ଟୁଙ୍ଗୀ ହେଉଛି ଓଡିଆ ଜାତିର ସାଂସ୍କୃତିକ ଅସ୍ମିତାର ଏକ ଗୌରବମୟ ପରିଚୟ। ତେଣୁ ରାଜ୍ୟରେ ଥିବା ୭,୨୦୦ଟି ଭାଗବତ ଟୁଙ୍ଗୀକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରତି ଭାଗବତ ଟୁଙ୍ଗୀ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର କରିଛନ୍ତି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଜରିଆରେ ଭାଗବତ ଟୁଙ୍ଗୀ ଗୁଡ଼ିକର ବିକାଶ କାର୍ଯ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ମହିଳା ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

## ବର୍ଷକୁ ମିଳିବ ଅଧିକ ୧୦ ଦିନ ସାମୟିକ ଛୁଟି

■ **ଭୁବନେଶ୍ୱର, ୧୨।୩ (ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକରୁଥିବା ମହିଳା କର୍ମଚାରୀମାନଙ୍କୁ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ସୁବିଧା, ସୁଯୋଗ ପ୍ରଦାନ କରି ଆସୁଛନ୍ତି। ଏହିକ୍ରମରେ ସେମାନଙ୍କ ହିତ ଏବଂ ସ୍ୱାର୍ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବିଭିନ୍ନ ବିଭାଗରେ କାର୍ଯ୍ୟକରୁଥିବା ମହିଳା କର୍ମଚାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବାର୍ଷିକ ୨୫ ଦିନର ସାମୟିକ ଛୁଟି ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

- ୧୫ ପରିବର୍ତ୍ତେ ମହିଳା କର୍ମଚାରୀଙ୍କୁ ୨୫ ଦିନ
- ଅର୍ଥ ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଧିବଦ୍ଧ ବିଜ୍ଞପ୍ତି

ସରକାରୀ କର୍ମଚାରୀମାନଙ୍କ ପାଇଁ ସାଧାରଣତଃ ବର୍ଷକୁ ୧୫ ଦିନର ସାମୟିକ ଛୁଟି ଦିଆଯାଉଥିବା ବେଳେ ମହିଳା ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଆଉ ଅଧିକ ୧୦ ଦିନର ଛୁଟି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ ମହିଳା କର୍ମଚାରୀମାନେ ବର୍ଷକୁ ୨୫ ଦିନର ସାମୟିକ ଛୁଟି ଉପଭୋଗ କରିପାରିବେ। ମହିଳାମାନଙ୍କ ପାରିବାରିକ ଦାୟିତ୍ୱ ଓ ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ ୯୦ ଦଶକରେ ମହିଳାମାନଙ୍କ ପାଇଁ ସରକାରୀ ଚାକିରିରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଥିଲା।

**ନିର୍ବାଚନ ପୂର୍ବରୁ ହରିୟାଣାରେ ଭାଙ୍ଗିଲା ବିଜେପି-ଜେଜେପି ମେଣ୍ଟ**

## ହଟିଲେ ଖଟ୍ଟର, ନାୟବ ସିଂ ମୁଖ୍ୟମନ୍ତ୍ରୀ

■ **ଚଣ୍ଡିଗଡ, ୧୨।୩ (ଏଜେନ୍ସି):** ନିର୍ବାଚନ ପୂର୍ବରୁ ହରିୟାଣା ରାଜନୀତିରେ ପରିବର୍ତ୍ତନ ଦେଖାଯାଇଛି। ଲୋକସଭା ଆସନ ବଣ୍ଟାକୁ ନେଇ ଶାସକ ମେଣ୍ଟ ବିଜେପି ଏବଂ ଦୁଷ୍ମନ୍ତ ଚୌଟାଲାଙ୍କ ଜନନାୟକ ଜନତା ପାର୍ଟି(ଜେଜେପି) ମଧ୍ୟରେ ମତଭେଦ ହେବାରୁ ଏହି ମେଣ୍ଟ ଭାଙ୍ଗିଯାଇଛି। ଏହାକୁ ନେଇ ହରିୟାଣାର ମନୋହର ଲାଲ ଖଟ୍ଟର ସରକାର ମଙ୍ଗଳବାର ଇସ୍ତଫା ଦେଇଥିଲେ।



କିନ୍ତୁ ପରେ ପରେ ୫ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ଏଠାରେ ବିଜେପି କ୍ଷମତା ହାତକୁ ନେଇଛି। ତେବେ ମନୋହରଙ୍କ ସ୍ଥାନ ନେଇଛନ୍ତି ନାୟବ ସିଂ ସାଇନି। ସେ ମୁଖ୍ୟମନ୍ତ୍ରୀ ଭାବେ ମଙ୍ଗଳବାର ସନ୍ଧ୍ୟାରେ ଶପଥ ନେଇଛନ୍ତି। ହରିୟାଣାର ୯୦ ଆସନ ବିଶିଷ୍ଟ ବିଧାନସଭାରେ ବିଜେପିର ସର୍ବାଧିକ ୪୧ ଜଣ ବିଧାୟକ ରହିଥିଲା ବେଳେ କଂଗ୍ରେସର ୩୦, ଜେଜେପିର ୧୦ ଏବଂ ୫ ସ୍ୱାଧୀନ ବିଧାୟକ ରହିଛନ୍ତି। ମେଣ୍ଟ ଭାଙ୍ଗିବା ପରେ ଏହି ୫ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ବିଜେପି ସରକାର ଗଠନ କରିଛି। ତେବେ ଲୋକସଭା ନିର୍ବାଚନକୁ ନେଇ ବିଜେପି ଏଠାରେ ଆଉ କାହା ସହିତ ମେଣ୍ଟ ନ କରି ସମସ୍ତ ୧୦ଟି ଆସନରେ ପ୍ରତିଦ୍ୱନ୍ଦିତା କରିବ ବୋଲି କୁହାଯାଉଛି। ଜେଜେପି ଏଠାରେ ୨ଟି ଲୋକସଭା ଆସନ ଚାହୁଁଥିଲା ବେଳେ ▶ପୃଷ୍ଠା-୯

## ଲୋକକଥା



ହିନ୍ଦୁରାଷ୍ଟ୍ର ଆଡ଼େ ଆଗେଇଲେ ବୋଧେ
ପାଦେ ଫୁଲ ସରକାର,
ସିଏଏ ଲଗେଇ ଦେଖେଇ ଦେଲେଣି
କେତେ ସତେ ପାରିବାର !
ଦ୍ୱନ୍ଦ୍ୱ ଦିଶେ ବରାବର,
ଧର୍ମ ନିରପେକ୍ଷ ରାଷ୍ଟ୍ରର ମାନ୍ୟତା
ହୋଇଯିବକି ହେ ଦୂର !!

### ଜାମୁଝରୀରେ ବିଶ୍ୱସ୍ତରୀୟ ସବୁଜବଳୟ ମଡେଲ କାରାଗାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

## କାରାଗାର ପାଇଁ ନୂତନ ଯୁଗର ଅଭ୍ୟୁଦୟ

■ **ଭୁବନେଶ୍ୱର, ୧୨।୩ (ସମିସ):** ଅପରାଧ ନ୍ୟାୟିକ ବ୍ୟବସ୍ଥାରେ କାରାଗାରରେ ଅନ୍ତେବାସୀ ଏଣିକି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସେମାନେ କେବଳ କାରାଗାରରେ ବନ୍ଦୀ ହୋଇ ରହିବେ ନାହିଁ ବରଂ ରହଣି ସମୟରେ ସଂସ୍କାର ଶିଖିବା ସହ ଆତ୍ମନିର୍ଭରଶୀଳ ହେବେ ଏବଂ ଆଇନ ମାନୁଥିବା ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ି ତୋଳିବା ସହ ସମାଜରେ ନିଜର ସ୍ଥିତି ଜାହିର କରିପାରିବେ ବୋଲି **ଖୋର୍ଦ୍ଧା ଜିଲ୍ଲା ଝାମୁଝରୀଠାରେ** ବିଶ୍ୱସ୍ତରୀୟ ସବୁଜବଳୟ ମଡେଲ କାରାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ମଙ୍ଗଳବାର



ଆଭାସୀ ମାଧ୍ୟମରେ କାରାଗାର ବିଭାଗ ପାଇଁ ଏକ ନୂତନ ଯୁଗର ଅଭ୍ୟୁଦୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଦୀର୍ଘ ଦିନ ଧରି ପୁରୁଣା ଜେଲରେ ଅତ୍ୟଧିକ ଅନ୍ତେବାସୀ ରହୁଥିବାରୁ ସେମାନଙ୍କୁ ଏକ ଉତ୍ତମ ପରିବେଶ ଯୋଗାଇଦେବାରେ ସମସ୍ୟା ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ '୫-ଟି' ଉପକ୍ରମରେ ଜାମୁଝରୀ ମଡେଲ କାରାଗାରର ପରିକଳ୍ପନା କରାଯାଇଛି। ଭବିଷ୍ୟତକୁ ନଜରରେ ରଖି ଏହି ମଡେଲ ଜେଲ୍‌କୁ ରୂପ ଦିଆଯିବ। ଏହି ଜେଲ୍‌ର ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ଦେଶରେ ଥିବା ବିଭିନ୍ନ ବଡ଼ବଡ଼ ଜେଲ୍‌ଗୁଡ଼ିକ ଉପରେ ଗବେଷଣା ଏବଂ ଅଧ୍ୟୟନ କରାଯାଇଛି। ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହେବ। ଆଇପି ବିଶିଷ୍ଟ ସର୍ଭେଲାନ୍ସ, ଇ-କୋର୍ଟ ରୁମ୍, ଏକାଧିକ ଭିସି ବ୍ୟବସ୍ଥା ସହ ଏହା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହେବ। ▶ପୃଷ୍ଠା-୯



# ପୋଖରୀରେ ବୁଡ଼ି ଦୁଇ ଶିଶୁ ମୃତ

**ଠାକୁରମୁଣ୍ଡା, ୧୨।୩ (ସମିସ):** ଠାକୁରମୁଣ୍ଡା ବ୍ଲକ୍ ମହୁଲଡିହା ଥାନା ଅନ୍ତର୍ଗତ କେଶଡିହା ଗ୍ରାମରେ ଘଟିଛି ଅଘଟଣ। ଗାଧୋଉଥିବା ବେଳେ ପୋଖରୀରେ ବୁଡ଼ି ଦୁଇ ଶିଶୁ ପ୍ରାଣ ହରାଇଛନ୍ତି। ମୃତ ଶିଶୁଦ୍ୱୟ ହେଲେ, କ୍ୟାମରା ହନହାଗାଙ୍କ ପୁଅ ସମ୍ବିତ ହନହାଗା (୩) ଏବଂ ରାଜେନ୍ଦ୍ର ମହାକୁଡ଼ଙ୍କ ପୁଅ ରାଜେଶ ମହାକୁଡ଼। ଅଙ୍ଗନବାଡ଼ି ଛୁଟି ହେବା ପରେ ଦୁହେଁ ଘରକୁ ଫେରି ଖେଳୁଥିଲେ। ପରେ ଅନ୍ୟ ଜଣେ ଶିଶୁ ସହ ଦୁହେଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗୋଧୋଇବା ବେଳେ ଅସାବଧାନତାବଶତଃ ଶିଶୁଦ୍ୱୟ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ଶିଶୁଜଣକ ଘରକୁ କାନ୍ଦି କାନ୍ଦି ଆସି ତାଙ୍କ ମା'ଙ୍କୁ ସବୁକଥା କହିବା ପରେ ଘଟଣା ପଦାକୁ ଆସିଥିଲା। ସଙ୍ଗେସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁଦ୍ୱୟଙ୍କୁ ପୋଖରୀରୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ମହୁଲଡିହା ପୁଲିସ ଶବଦ୍ୱୟକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-258 ♦BHUBANESWAR ♦WEDNESDAY ♦13 MARCH 2024 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୮ ♦ଭୁବନେଶ୍ୱର ♦ବୁଧବାର ♦୧୩ ମାର୍ଚ୍ଚ ୨୦୨୪ ♦ଟ.୬.୦୦







■ **କାରାଗାରରୁ ୨ କଏଦୀ ଫେରାର ହେବା ଘଟଣା**

## କାର୍ଯ୍ୟରେ ଅବହେଳା ପାଇଁ ୱାର୍ଡର୍ ନିଲମ୍ବିତ

**ଭୁବନେଶ୍ୱର, ୧୨।୩(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପ-କାରାଗାରରୁ ୨ଜଣ ବିଚାରାଧୀନ କଏଦୀ ଫେରାର ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ପଶ୍ଚିମାଞ୍ଚଳ ଜେଲ୍ ଡିଆଇଜି କୁଳମଣି ବେହେରା। ୱାର୍ଡର୍ ଦାନୀ ଦୋରାଙ୍କୁ ସେ ନିଲମ୍ବନ କରିଛନ୍ତି। ଏହି ୨ବିଚାରାଧୀନ କଏଦୀ ଯେଉଁ ଦିନ ଫେରାର ହେଲେ, ସେତେବେଳେ ୱାର୍ଡର୍ ଶ୍ରୀ ଦୋରା ଡ୍ୟୁଟିରେ ଥିଲେ। କାର୍ଯ୍ୟରେ ଅବହେଳା ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣାରେ ଜେଲ୍ ଅନ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପର ଅଧିକାରୀଙ୍କୁ ଡିଆଇଜି ସୁପାରିଶ କରିଥିବା ଜଣାପଡ଼ିଛି। ଏପରିକି ଜେଲ୍ ଡିଜି ଏହି ଘଟଣାରେ ଡିଆଇଜିଙ୍କଠାରୁ ପୂରା ଘଟଣା ପଚାରି ବୁଝିଛନ୍ତି। ଦୁଇ ଫେରାର କଏଦୀଙ୍କ ସହ ଆଉ କେଉଁମାନଙ୍କର ହାତ ରହିଛି, ସେନେଇ ମଧ୍ୟ ଖୋଳତାଡ଼ କରାଯାଉଛି। ତଦନ୍ତ ପରେ ଜେଲ୍ ଡିଜି ମଧ୍ୟ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅପରପକ୍ଷେ, ରାଜ୍ୟର ଏକାଧିକ ଉପକାରାଗାର ଏବଂ କାରାଗାରର ପାଚେରି ଉଚ୍ଚତା କମ୍ ଥିବାରୁ ବିଭିନ୍ନ ସମୟରେ କଏଦୀମାନେ ବିଭିନ୍ନ ଉପାୟରେ ଖସି ଯାଉଛନ୍ତି। ତେଣୁ ଏକ ବିଶେଷଜ୍ଞ ଟିମ୍ ଜେଲ୍ ପରିଦର୍ଶନରେ ଯାଇ ତାହାର ତଦାରଖ କରିବ ଏବଂ ଉଚ୍ଚତା କମ୍ ଥିବା ପାଚେରିକୁ ବଢ଼ାଇବା ପାଇଁ ଜେଲ୍ ବିଭାଗକୁ ପରାମର୍ଶ ଦେବେ।

**ଦୁଇ କଏଦୀଙ୍କୁ ବ୍ୟକ୍ତିଗତ କାମରେ ଲଗାଉଥିଲେ ଅଧୀକ୍ଷକ: ଡିଆଇଜି**

ସୂଚନାଯୋଗ୍ୟ, ଗତ ଶନିବାର ରାତି ପ୍ରାୟ ୮ଟା ବେଳେ ୨ ହତ୍ୟା ଅଭିଯୁକ୍ତ ଶୋଭାବନ ରଣା ଓ ସୁମିତ ବିହାରୀ ଟିଟିଲାଗଡ଼ ଉପ-କାରାଗାରରୁ ଫେରାର୍ ହୋଇଯାଇଥିଲେ। ସେମାନେ ଶିଡ଼ି ବ୍ୟବହାର କରି ଜେଲ୍ ୧୪ ଫୁଟ୍ ଉଚ୍ଚର କାନ୍ଥ ପାର ହୋଇ ଫେରାର ହୋଇଯାଇଥିଲେ। ଗତକାଲି ପଶ୍ଚିମାଞ୍ଚଳ ଜେଲ୍ ଡିଆଇଜି କୁଳମଣି ବେହେରା ଟିଟିଲାଗଡ଼ ଉପ-କାରାଗାର ଯାଇ ଏହାର ତଦନ୍ତ କରିଥିଲେ। ତଦନ୍ତ ବେଳେ ସେ ଜାଣିବାକୁ ପାଇଥିଲେ ଯେ ଦୁଇ ଫେରାର ବିଚାରାଧୀନ କଏଦୀଙ୍କୁ ଜେଲ୍ ଅଧୀକ୍ଷକ ବ୍ୟକ୍ତିଗତ କାମରେ ଲଗାଉଥିଲେ। ଜେଲ୍ ଅଧୀକ୍ଷକଙ୍କ ଅବହେଳାରୁ ଏହି ଘଟଣା ଘଟିଥିବା ସ୍ୱୀକାର କରିଛନ୍ତି ପଶ୍ଚିମାଞ୍ଚଳ ଜେଲ୍ ଡିଇଆଜି।

## ଚୋରି କରି ସମବାୟ ସମିତି ଅଫିସ୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଭୋଗରାଇ, ୧୨।୩(ସମିସ):** ଝରକା ତାଡ଼ି ଚୋରି କରିବା ପରେ ଅଫିସ୍‌ରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଭୋଗରାଇ ଚକପଳାସିଆ ସେବା ସମବାୟ ସମିତି ଅଫିସ୍‌ରେ ଏଭଳି ଆପରାଧିକ ଘଟଣା ଘଟିଛି। ଏଥିରେ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆସବାବପତ୍ର ଓ ଅନ୍ୟାନ୍ୟ ଉପକରଣ ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ଆଇରନ୍ ଚେଷ୍ଟରେ ଥବା ଲକ୍ଷାଧିକ ନଗଦ ଟଙ୍କା ବି ଜଳି ଯାଇଛି। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଖବର ପାଇ ବ୍ଲକ୍ ସମବାୟ ସମ୍ପ୍ରସାରଣ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ସମବାୟ ବିଭାଗର ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭୋଗରାଇ ପୁଲିସ୍ ଏହାର ତଦନ୍ତ ଆରମ୍ଭ କରିଛି। ତେବେ କୌଣସି ବଡ଼ଧରଣର ଅନିୟମିତତାର ତଥ୍ୟ ପ୍ରମାଣ ନଷ୍ଟ କରିବା ପାଇଁ କେହି ଜାଣିଶୁଣି ଏହି ନିଆଁ ଲଗାଇ ଦେଇଥିବା ନେଇ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ମାର୍ଚ୍ଚ ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ସମବାୟ ସମିତି କର୍ମଚାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାରୁ ଏହି



**୩୦ଲକ୍ଷ ଟଙ୍କାର ଆସବାବପତ୍ର ଭସ୍ମୀଭୂତ**

ସମବାୟ ସମିତି ଅଫିସ୍ ବନ୍ଦ ରହିଛି। ସୋମବାର ଭୋର୍‌ରେ ସମିତି ଅଫିସ୍ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ସଭାପତି ଶ୍ୟାମସୁନ୍ଦର ରାଉତ ଓ ସମ୍ପାଦକ ମନ୍ମଥ କୁମାର ପ୍ରଧାନଙ୍କ ସମେତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଭୋଗରାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ଭିତରେ ଥିବା ସମିତିର ସମସ୍ତ ଆସବାବପତ୍ର, ଉପକରଣ, ନଥିପତ୍ର ଓ ନଗଦ ଟଙ୍କା ପୋଡ଼ି ଯାଇଥିଲା। ଭୋଗରାଇ ପୁଲିସ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଫିସ୍ ପୂର୍ବ ପାର୍ଶ୍ୱରେ ଥିବା ଝରକା ତାଡ଼ି କେହି ଦୁର୍ବୃତ୍ତ ଭିତରେ ପ୍ରବେଶ କରିବା ସହିତ ଛୋଟ ଆଇରନ ଚେଷ୍ଟ ଉଠାଇ ନେଇ ଯାଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେଥିରେ ସମିତିର କ୍ୟାସବୁକ୍, କର୍ମଚାରୀଙ୍କ ନିଜସ୍ୱ ଫାଇଲ, ପିଡି କାର୍ଡ ଓ ଅନ୍ୟ କିଛି ଦରକାରୀ ନଥିପତ୍ର ରହିଥିଲା ବୋଲି ସମିତି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାବ୍ୟତୀତ ଦୁର୍ବୃତ୍ତ ଏକ ନକଲି ଚାବିରେ ଅନ୍ୟ ଏକ ବଡ଼ ଆଇରନ ଚେଷ୍ଟ ଖୋଲିବାକୁ ଚେଷ୍ଟା କରି ବିଫଳ ହୋଇଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ ୩୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଆସବାବପତ୍ର ଓ ଉପକରଣ ପୋଡ଼ି ପାଉଁଶ ହୋଇଯାଇଛି ବୋଲି ସମିତି ସମ୍ପାଦକ ମନ୍ମଥ କୁମାର ପ୍ରଧାନ କହିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**ଅନୁଗୋଳ, ୧୨।୩(ସମିସ):** ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ କୋର୍ଟ ମଙ୍ଗଳବାର ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ୧୦ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଦୋଷୀ ସୌଭାଗ୍ୟ ବେହେରାକୁ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଘଟଣାରୁ ପ୍ରକାଶ ଯେ ଗତ ୨୦୨୨ ଅକ୍ଟୋବର ୧୮ରେ ବଅଁରପାଳ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ମଧ୍ୟାହ୍ନ ଛୁଟି ପରେ ଆଉ ସ୍କୁଲକୁ ଆସି ନଥିଲେ। ଏ ସଂପର୍କରେ ଶିକ୍ଷୟିତ୍ରୀ ନାବାଳିକା ପରିବାରଲୋକଙ୍କୁ ଖବର ଦେଇଥିଲେ। ନାବାଳିକାର ବାପା ସ୍କୁଲକୁ ଆସି ଝିଅକୁ କେହି ଜଣେ ଟାଣି ଟାଣି ନେଇଯାଉଥିବା ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ନିକଟସ୍ଥ ଗ୍ରାମର ସୌଭାଗ୍ୟ ବେହେରା ତାଙ୍କ ଝିଅକୁ ଜୋରଜବରଦସ୍ତି କେଉଁଆଡ଼େ ନେଇ ପଳାଇଥିବା ଜାଣିବାକୁ ପାଇଥିଲେ। ଏନେଇ ନାବାଳିକାର ବାପା ବଅଁରପାଳ ଥାନାରେ ଏତଲା ଦେବା ପରେ ପୁଲିସ ଦଫା ୩୬୩/୩୬୬/୩୭୬(୨)(ଏନ)/୩୭୬(୩)/୫୦୬/୩୪ଆଇପିସି ୬(୧)୮ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଅଭିଯୁକ୍ତ ସୌଭାଗ୍ୟ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନାବାଳିକାକୁ ଉଦ୍ଧାର କରି ପୁଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ପିପି ଆଇନଜୀବୀ ପ୍ରଦୀପ କୁମାର ଭୁତିଆ ଏହି ମାମଲା ପରିଚାଳନା କରୁଥିଲେ।









# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
•VOLUME- 41 •ISSUE-258 •BHUBANESWAR •WEDNESDAY •13 MARCH 2024 •₹ 6.00
•ବର୍ଷ-୪୧ •ସଂଖ୍ୟା-୨୫୮ •ଭୁବନେଶ୍ୱର •ବୁଧବାର •୧୩ ମାର୍ଚ୍ଚ ୨୦୨୪ •ଟ.୬.୦୦


## ଅଇଁଠାପାଲି ଫ୍ଲାଏଓଭର ସହ ଉପମାର୍ଗ ପାଇଁ ୩୭୪ କୋଟି ମଞ୍ଜୁର

**ସମ୍ବଲପୁର, ୧୨।୩ (ସମିସ):** ସମ୍ବଲପୁର ସହର ମଧ୍ୟରେ ସଂଯୋଗ କରୁଥିବା ଦୁଇଟି ଜାତୀୟ ରାଜପଥ ଉପରେ ଫ୍ଲାଏଓଭର ଏବଂ ଆର୍‌ଓବି (ସୀମିତ ଉଚ୍ଚତାର ଉପମାର୍ଗ) ନିର୍ମାଣ ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ୩୭୪ କୋଟି ୧୭ ଲକ୍ଷ ମଞ୍ଜୁର କରିଛନ୍ତି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଏନେଇ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ଜାତୀୟ ରାଜପଥ ନଂ ୬ ଅଇଁଠାପାଲିସ୍ଥିତ ଜନଗହଳିପୂର୍ଣ୍ଣ ଛକ ଉପରେ ୬ ଲେନ୍ ବିଶିଷ୍ଟ ୩.୫ କିମି ଦୂରତାର ଏକ ଫ୍ଲାଏଓଭର ସହ ଏହାକୁ ସଂଯୋଗ କରୁଥିବା ୫୩ ନଂ ଜାତୀୟ ରାଜପଥ ଉପରେ ୨ ଲେନ୍ ବିଶିଷ୍ଟ ଏକ ଆର୍‌ଓବି ନିର୍ମାଣ କରାଯିବ। ଏହାଦ୍ୱାରା ଆଗାମୀ ଦିନରେ ଉକ୍ତ ଦୁଇଟି ସ୍ଥାନରେ ଟ୍ରାଫିକ୍ ଜାମ୍ ଓ ଜନଗହଳିକୁ ମାତ୍ରାଧିକ ହ୍ରାସ କରାଯାଇ ପାରିବ ବୋଲି କୁହାଯାଇଛି। ଅଇଁଠାପାଲି ଛକରେ ଫ୍ଲାଏଓଭର ନିର୍ମାଣ ପାଇଁ ବହୁ ବର୍ଷ ଧରି ଦାବି ହୋଇ ଆସୁଥିଲା। ପ୍ରାୟ ୨ ବର୍ଷ ହେଲା ଏଥିପାଇଁ ଡିପିଆର ନିର୍ମାଣ ହୋଇଥିଲା। ହେଲେ ବାରମ୍ବାର ଡିପିଆରକୁ ପରିବର୍ତ୍ତନ କରାଯାଉଥିଲା। ପରିଶେଷରେ ଏହି ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ହେଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା କରାଯାଉଛି।






# କଲରାବାଙ୍କରେ ୧୦୦ ଶଯ୍ୟାର କିମ୍ସ ଗ୍ରାମୀଣ ଡାକ୍ତରଖାନା ଲୋକାର୍ପିତ

**ନିଜ ଜନ୍ମମାଟି ପାଇଁ କିଛି କରିବା ହେଉଛି ଜୀବନର ଶ୍ରେଷ୍ଠ ସନ୍ତୋଷ: ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର/ରଘୁନାଥପୁର, ୧୨।୩ (ସମିସ):** ନିଜ ଗାଁ ପାଇଁ ନିଜ ଜନ୍ମମାଟି ପାଇଁ କିଛି କରିବା ହେଉଛି ଜୀବନର ଶ୍ରେଷ୍ଠ ସନ୍ତୋଷ। ଆମେ ସମସ୍ତେ ଯଦି ନିଜ ଗାଁ ନିଜ ମାଟି ପାଇଁ ଦାୟିତ୍ୱର ସହ କାମ କରିବା ତେବେ ରୂପାନ୍ତର ଲକ୍ଷ୍ୟ ଖୁବ୍ ଶୀଘ୍ର ପୂରଣ ହେବ। କଟକ ଜିଲ୍ଲା ଅନ୍ତର୍ଗତ ସ୍ମାର୍ଟ ଭିଲେଜ୍ କଲରାବାଙ୍କରେ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କିମ୍ସ ଗ୍ରାମୀଣ ଡାକ୍ତରଖାନା ଓ କଲରାବାଙ୍କ ସ୍ମାର୍ଟ ଭିଲେଜର ଲୋକାର୍ପଣ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୯ଟି କିମ୍ସ ଗ୍ରାମୀଣ ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

କାର୍ଯ୍ୟକ୍ରମରେ କିମ୍ସର ପ୍ରତିଷ୍ଠାତା ଓ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ସମାଜର ଦୁଇଟି ଅପରିହାର୍ଯ୍ୟ ଦିଗ। ମୁଖ୍ୟମନ୍ତ୍ରୀ ଏହି ଦୁଇଟି ଦିଗକୁ ଗୁରୁତ୍ୱର ସହ ନେଇ ଏହାର ବିକାଶ ଜରିଆରେ ଶୀର୍ଷରେ ପହଞ୍ଚାଇଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଉନ୍ନତିକୁ ସମାନ ଭାବେ ପ୍ରାଧାନ୍ୟ ଦେଇଥାନ୍ତି। ଆଜି କଲରାବାଙ୍କ ଗ୍ରାମରେ ସହର ଭଳି ସମସ୍ତ ସୁବିଧା ଉପଲବ୍ଧ କରାଯାଇଛି। ଆମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ମହତ ଲକ୍ଷ୍ୟ ନେଇ ଆମେ କାମ କରୁଛୁ ଏବଂ ଓଡ଼ିଶାର ସବୁ ପରିବାର ଯେପରି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ତାକୁ ଆମେ ପ୍ରାଧାନ୍ୟ ଦେଇ କାମ କରୁଛୁ ବୋଲି ସେ କହିଥିଲେ। ଏ ଦିଗରେ ଆମ ହସ୍‌ପିଟାଲ, ବିଏସ୍‌କେୱାଇ, ବିଏସ୍‌କେୱାଇ ନବୀନ କାର୍ଡ ଆଦି ଯୋଜନା କାର୍ଯ୍ୟକାରୀ କରାଯାଇଛି। କିମ୍ସ ପରି ଘରୋଇ ସଂସ୍ଥା ଗୁଡିକର ଯୋଗଦାନ ଆମର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆହୁରି ମଜବୁତ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି ଡ଼ାକ୍ତରଖାନା ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ '୫-ଟି' ଅଧ୍ୟକ୍ଷଙ୍କ ପ୍ରୋତ୍ସାହନ ପ୍ରଶଂସନୀୟ ଅଟେ ବୋଲି ଶ୍ରୀ ସାମନ୍ତ ମତବ୍ୟକ୍ତ କରିଥିଲେ।




**ବିଭିନ୍ନ ଜିଲ୍ଲାରେ ୧୯ଟି କିମ୍ସ ଗ୍ରାମୀଣ ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପନ**

କାର୍ଯ୍ୟକ୍ରମରେ '୫-ଟି'ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ର ଓ ନିଜ ଜନ୍ମ ମାଟି ପାଇଁ ଶ୍ରୀ ସାମନ୍ତଙ୍କ ଯୋଗଦାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଅଚ୍ୟୁତବାବୁଙ୍କ ଏହି ମହାନ ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ବିଧାୟକ ଚନ୍ଦ୍ର ସାରଥୀ ବେହେରା ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ପାଇଁ ଏସବୁ ସମ୍ଭବ ହୋଇପାରିଛି ବୋଲି ଉଲ୍ଲେଖ କରି ଆଜି ଅନ୍ୟ ରାଜ୍ୟରୁ ଲୋକ ଏଠାକୁ ଚିକିତ୍ସା ସେବା ଓ ପାଠ ପଢ଼ିବା ପାଇଁ ଆସୁଛନ୍ତି ବୋଲି କହିଥିଲେ। ଏହି ହସ୍‌ପିଟାଲ ବିଏସ୍‌କେୱାଇ ହିତାଧିକାରୀ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଅନ୍ୟପକ୍ଷରେ ବଲାଙ୍ଗିର, କଳାହାଣ୍ଡି, ବାରିପଦା, କେନ୍ଦୁଝର, ବାଲେଶ୍ୱର, ପୁରୀ, ସୁନ୍ଦରଗଡ, ସମ୍ବଲପୁର, କୋରାପୁଟ, ଶିବପୁର(ଜଗତସିଂହପୁର), ଲୁଣିବାହାଲ ଓ ମନମୁଣ୍ଡା (ବୌଦ୍ଧ), ପାଣିକୋଇଲି (ଯାଜପୁର), ବାଲିଗୁଡା, ଫୁଲବାଣୀ ଓ ଜି. ଉଦୟଗିରି (କନ୍ଧମାଳ), ଦଶପଲ୍ଲା (ନୟାଗଡ଼) ଏବଂ ଭଞ୍ଜନଗର ଓ ନରସିଂହପୁର (ଗଞ୍ଜାମ)ରେ କିମ୍ସ ଗ୍ରାମୀଣ ହସ୍‌ପିଟାଲ ସ୍ଥାପନ ହେବ। ଏହି ସମସ୍ତ ହସ୍‌ପିଟାଲ ଗୁଡ଼ିକରେ ସମ୍ପୃକ୍ତ ଜିଲ୍ଲାର ୧୫୦ଜଣ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ଦିଆଯିବ ।




### ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ବିଚ୍ଛିନ୍ନାଞ୍ଚଳର ପ୍ରାଥମିକ ବିଦ୍ୟାଳୟସ୍ତରରୁ ପଢ଼ାହେବ ଓଡ଼ିଆ

ବାଲେଶ୍ୱର, ୧୨।୩(ସମିସ):

ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ଉପଲକ୍ଷେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ତଥା ଷଢ଼େଇକଳା ବିଧାୟକ ଚମ୍ପେଇ ସୋରେନ ଓଡ଼ିଆ ଜନତାଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ତାହା ହେଲା ପୁଣିଥରେ ଝାଡଖଣ୍ଡରେ ଓଡ଼ିଆ ପାଠପଢ଼ା ପ୍ରାଥମିକ ସ୍ତରରୁ ବିଦ୍ୟାଳୟ ଗୁଡିକରେ ଆରମ୍ଭ ହେବ। ଏ ନେଇ ମୁଖ୍ୟମନ୍ତ୍ରୀ ଯିଏ ନିଜେ ଷଢ଼େଇକଳାରୁ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବିଭିନ୍ନ ମନ୍ତ୍ରୀ ପଦ ତୁଲାଇ ଏବେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରହିଛନ୍ତି। ତାଙ୍କ ପ୍ରତିନିଧି ସାନନ୍ଦ ଆଚାର୍ଯ୍ୟ ଆଜି ଷଢ଼େଇକଳାର ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଆ ସଂଗଠକ କାର୍ତ୍ତିକ କୁମାର ପରିଛାଙ୍କୁ ଜଣାଇଥିଲେ। ପ୍ରଥମ ଓଡ଼ିଆ ବିଧାୟକ ସ୍ୱର୍ଗତ ମିହିର କବି। ୧୯୫୨ ମସିହାରେ ୨ୟ, ହେଲେ ଯିଏ ନିଜ ରାଜ୍ୟ ଦେଇଥିଲେ ସ୍ୱାଧୀନ ଭାରତରେ ମହାରାଜା ଆଦିତ୍ୟ ପ୍ରତାପ ସିଂହଦେଓ ୧୯୫୭, ୩ୟ ହେଲେ ତାଙ୍କ ପୁତ୍ର ସ୍ୱର୍ଗତ ନୃପେନ୍ଦ୍ର ନାରାୟଣ ସିଂହଦେଓ, ୧୯୬୭ ୪ର୍ଥ ହେଲେ ସ୍ୱର୍ଗତ ସତଭାନୁ ସିଂହଦେଓ ୧୯୭୨। ଏହାଛଡା ୧୯୬୮ ମସିହାରେ ଚକ୍ରଧରପୁର ରୁଦ୍ର ପ୍ରତାପ ଷଡ଼ଙ୍ଗୀ ମଧ୍ୟ ଷଢେଇକଳାରୁ ଓଡ଼ିଆ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୭ ମସିହାରେ ଷଢେଇକଳା ଆସନ ସଂରକ୍ଷିତ ହେବା ପରେ ୧୯୭୭ ପର ଠାରୁ ଦୁଇଥର କାଦେ ମାଝି ଓଡ଼ିଆଙ୍କ ପ୍ରିୟ ବିଧାୟକ ହୋଇ ବିହାର ସରକାରଙ୍କ ମନ୍ତ୍ରୀ ଥିଲେ ଓ ଓଡିଆ ଶିକ୍ଷକ ନିଯୁକ୍ତି ଆଦି କାର୍ଯ୍ୟକୁ ବିଶେଷ ଭାବେ ଦେଖୁଥିଲେ।ହେଲେ ବିହାର ସରକାର ଓଡ଼ିଆକୁ ସେପରି ଗୁରୁତ୍ୱ ଦେଉ ନଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏ ଘୋଷଣା ପରେ ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା, ଖରସୁଆଁ ତଥା ସିଂହଭୂମିର ବିଚ୍ଛିନ୍ନାଞ୍ଚଳ ବିକାଶ ପରିଷଦ ଓ ମଧୁବାବୁ ଆଦର୍ଶ ମଞ୍ଚ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ସହ ଧନ୍ୟବାଦ ଅର୍ପଣ କରାଯିବାର ସ୍ଥିର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ ଗତ କିଛି ଦିନ ତଳେ ଷଢ଼େଇକଳା ଗସ୍ତରେ ଆସି ଷଢ଼େିକଳା ଟାଉନ ହଲକୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାଁରେ ନାମିତ କରାଇ ନିଜେ ଉଦଘାଟନ କରିଥିଲେ।

# ବିଜେପିରୁ ସୋର ପୌରାଧ୍ୟକ୍ଷ ମାଧବ ଧଡ଼ାଙ୍କ ଇସ୍ତଫା

ସୋର, ୧୨।୩(ସମିସ): ସୋର ପୌରାଧ୍ୟକ୍ଷ ମାଧବ ଧଡ଼ା ଆଜି ବିଜେପି ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିବା ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଷ୍ଟେସନଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ଆୟୋଜିତ ଏହି ସମ୍ବାଦିକ ସମ୍ମିଳନୀରେ ଶ୍ରୀ ଧଡ଼ା ତାଙ୍କର ଇସ୍ତଫା ସମ୍ପର୍କରେ ସୂଚନା ଦେବା ସହିତ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ କୋଣଠେସା କରାଯିବା ସହିତ ଲଗାତର ଅଣଦେଖା କରାଯାଉଛି, ଏହା ଦିନକୁ ଦିନ ଅସହ୍ୟ ହେବାରୁ ସେ ଭାରତୀୟ ଜନତା ପାର୍ଟିରୁ ଇସ୍ତଫା ଦେବା ସମ୍ପର୍କରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି।

ଶ୍ରୀ ଧଡ଼ା ୨୦୧୯ ମସିହାରେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ଯୋଗଦେଇଥିଲେ। ୨୦୨୨ ପୌର ନିର୍ବାଚନରେ ବିଜେପିରୁ ଟିକଟ ପାଇ ସୋର ପୌର ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଲଢ଼ି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅବିନାଶ ପାତ୍ରଙ୍କୁ ପରାସ୍ତ କରି ବିଜୟ ଲାଭ କରିଥିଲେ। ଆଗାମୀ ନିର୍ବାଚନକୁ ଆଖିରେ ରଖି ଇସ୍ତଫା ଦେଇ ପୁଣି ତାଙ୍କର ଘର ବାହୁଡ଼ା ହେବକି ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରେ ସେ କହିଛନ୍ତି ଯେ ସେ ଏ ପର୍ଯ୍ୟନ୍ତ କୌଣସି ସ୍ଥିର କରି ନାହାଁନ୍ତି, ସେ ଅନ୍ୟ କୌଣସି ଦଳରୁ ବିଧାୟକ ପଦ ପାଇଁ ପ୍ରାର୍ଥୀ ହୋଇପାରନ୍ତି କି ବୋଲି ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ସେପରି ସୁଯୋଗ ମିଳିଲେ ସେ ନିଶ୍ଚୟ ଚିନ୍ତା କରିବେ।

# ଜିଲ୍ଲାସ୍ତରୀୟ ପ୍ରତିଭା ସଂଗମ କାର୍ଯ୍ୟକ୍ରମ



ବାଲେଶ୍ୱର, ୧୨।୩ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ତରଫରୁ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ କଳା ମଞ୍ଚ ପ୍ରତିଭା ସଂଗମ କାର୍ଯ୍ୟକ୍ରମ ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ କଳା ମଞ୍ଚର ରାଷ୍ଟ୍ରୀୟ ସହସଂଯୋଜକ ପ୍ରିୟରଞ୍ଜନ ରାଉତ, ମୁଖ୍ୟବକ୍ତା ଭାବେ ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ନଗର ସଭାପତି ଡ. ଲେଖାରାଣୀ ଦାସ, ଜିଲ୍ଲା ସହ ସଂଯୋଜକ ସଞ୍ଜୀବ କୁମାର ମହାରଣା, ବିଭାଗ ସଂଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ, ବିଚାରକ ଭାବରେ ସଙ୍ଗୀତଜ୍ଞ ବିଶ୍ୱମ୍ବର ପ୍ରହରାଜ, ନୃତ୍ୟଶିଳ୍ପୀ ରାମ୍ୟା ହୁଇ, ଚିତ୍ରକାର ଦେବାଶିଷ ସାହୁ ପ୍ରମୁଖ ଏବଂ ପ୍ରତିଭା ସଂଗମ ସଂଯୋଜିକା ଗୀତାଞ୍ଜଳି ସେଠୀ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ସଙ୍ଗୀତ, ନୃତ୍ୟ, ନାଟକ, ରଙ୍ଗୋଲି, କବିତା ଆବୃତ୍ତି, ପାରମ୍ପରିକ ବେଶଭୂଷା ପ୍ରଦର୍ଶନ ପରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ କଳା ଏବଂ ପ୍ରତିଭାର ପ୍ରଦର୍ଶନ କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ- ଦ୍ୱିତୀୟ ସ୍ଥାନ କରିଥିବା ପ୍ରତିଯୋଗୀମାନେ ମାର୍ଚ୍ଚ ୧୯ରୁ ୨୧ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଭା ସଂଗମ କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଛନ୍ତି। ଉଦଯାପନୀ ସଭାରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଅଛି।

# ସର୍ବଭାରତୀୟ ଫିଜିଓଥେରାପି ସମ୍ମିଳନୀ: ଡା. ହିତାର୍ଥ ଓ ଡା. ଦୁର୍ଗାଶଙ୍କର ସମ୍ବର୍ଦ୍ଧିତ

ବାଲେଶ୍ୱର, ୧୨।୩(ସମିସ): ଉତ୍ତରାଖଣ୍ଡ ରାଜ୍ୟର ହିମାଳୟନ କଲଚୁରାଲ ସେଣ୍ଟର ଡେରାଡୁନଠାରେ ୬୧ତମ ସର୍ବଭାରତୀୟ ଫିଜିଓଥେରାପି ସମ୍ମିଳନୀ ଗତ ମାର୍ଚ୍ଚ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ତ୍ରୟ ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମକୁ ଲେଫଟେଣ୍ଟ ଜେନେରାଲ ଗୁରୁମିତ ସିଂ ଉଦ†ାଟିତ କରିଛନ୍ତି। ଏହି ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ପ୍ରାୟ ୧୫ଶହ ଫିଜିଓଥେରାପି ଡାକ୍ତର ଯୋଗ ଦେଇଥିଲା ବେଳେ ଓଡ଼ିଶାରୁ ଆଇଏପି ଓଡ଼ିଶା ରାଜ୍ୟର ମୁଖ୍ୟ ତଥା ଆଇଏମଏସ ଏବଂ ସମ ହସ୍ପିଟାଲର ମୁଖ୍ୟ ଡା. ସ୍ଥିତିପ୍ରଜ୍ଞା ଦଳବେହେରାଙ୍କ ନେତୃତ୍ୱରେ ଓଡ଼ିଶାରୁ ୪୫ ଜଣ ଅଂଶ ଗ୍ରହଣ କରିଥିଲେ। ବାଲେଶ୍ୱରରୁ ପ୍ରଫେସନାଲ ଫିଜିଓଥେରାପିଷ୍ଟି ଡା.ହିତାର୍ଥ ପଟ୍ଟନାୟକ, ଡା.ଦୁର୍ଗାଶଙ୍କର ପତି ଅଂଶ ଗ୍ରହଣ କରିଥିଲା ବେଳେ ଡା. ପ୍ରଭଞ୍ଜନ, ଡ.ପ୍ରିୟଦର୍ଶିନୀ, ଡ.ଅମଲେନ୍ଦୁ, ଡ.ସୌମେନ୍ଦ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଠିକ ସେହିପରି ବିଦେଶ ମାଟିରୁ ଡା.ଡାନିଆ ପିଣ୍ଟ, ଡ.ଜୁବିଆ ଭେଗର,




ଡା.ମିଚେଲ .ଏଚ . କାମେରୋନ (ୟୁ.ଏସ.ଏ.), ଡ.ୟମାସ୍କି (ଜାପାନ) ଡା.କେ. ପାର୍ଲସନ ଏବଂ ଡ.ଏଣ୍ଡ୍ରେସ ଫିଲିପ କେସିଏର ଯୋଗ ଦାନ କରି ଭୌତିକ ବିଜ୍ଞାନ (ଫିଜିଓଥେରାପି) ସମ୍ପର୍କରେ ଅନେକ ଗବେଷଣାକେ ଆଲୋଚନା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ଲୋଗାନ ଫିଟ ଇଣ୍ଡିଆ ହିଟ ଇଣ୍ଡିଆ କେବଳ ଫିଜିଓଥେରାପି ଦ୍ୱାରା ସମ୍ଭବ ହୋଇ ପାରିବ ବୋଲି ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁସ୍କର ସିଂ ଧାମୀ ଭିଡିଓ କନଫେରେନ୍ସିଂ ଦ୍ୱାରା ମତ ରଖିଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମ ରେ ଡା.ହିତାର୍ଥ ପଟ୍ଟନାୟକ ଏବଂ ଡା.ଦୁର୍ଗାଶଙ୍କର ପତି ଭୌତିକ ବିଜ୍ଞାନ ଉପରେ ଆଲୋଚନା କରିବା ସହ ସମ ସାମୟିକ ସମୟରେ ବିନା ମେଡ଼ିସିନରେ ଫିଜିଓଥେରାପି ଚିକିତ୍ସା ଦ୍ୱାରା ମଣିଷ କିପରି ସ୍ୱସ୍ଥ ରହି ପାରିବ, ଏ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ସଭିଙ୍କୁ ମୁଗ୍ଧ କରିଥିଲେ। ଯେଉଁଥିପାଇଁ ବାଲେଶ୍ୱରରୁ ଯାଇଥିବା ଡା.ହିତାର୍ଥ ପଟ୍ଟନାୟକ ଏବଂ ଡା. ଦୁର୍ଗାଶଙ୍କର ପତିଙ୍କୁ ସମ୍ମିଳିନୀର ଉଦଯାପନୀ ସମାରୋହରେ ସ୍ମୃତି ଫଳକ ଓ ଉତ୍ତରୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ଜାତୀୟ ରାଜପଥରେ ଦମ୍ପତିଙ୍କଠୁ ଲୁଟ୍

ବସ୍ତା ବ୍ଲକ, ୧୨।୩ (ସମିସ): ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥରେ ଦିନ ଦ୍ୱିପ୍ରହରରେ ଲୁଟ୍ ହୋଇଛି। ବସ୍ତା ଥାନା ଅନ୍ତର୍ଗତ ବାଉଁଶମୁଖା ଗ୍ରାମର ସତ୍ୟନାରାୟଣ ପାଢ଼ୀ ବାଲେଶ୍ୱରରେ ତାଙ୍କ ସ୍ତ୍ରୀଙ୍କୁ ଡାକ୍ତର ଦେଖାଇ ମଙ୍ଗଳବାର ଦ୍ୱିପ୍ରହର ଘରକୁ ଫେରୁଥିବା ବେଳେ ଏକ ବାଇକରେ ୩ ଜଣ ଯୁବକ ତାଙ୍କୁ ଦଣ୍ଡିକା - କଟି ପୋଲ ରାସ୍ତାର ଏକ ଫାଙ୍କା ସ୍ଥାନରେ ଅଟକାଇ ସତ୍ୟନାରାୟଣଙ୍କ ସ୍ତ୍ରୀ ପିନ୍ଧିଥିବା ହାରକୁ ଛିଣ୍ଡାଇ ନେଇ ଥିଲେ। ଗାଡ଼ି ଚାବି ଓ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିବା ବେଳକୁ ସତ୍ୟନାରାୟଣ ତାଙ୍କ ଗାଡ଼ିକୁ ତଳେ ପକାଇ ଦେଇ ପାଟି କରିଥଲେ। ପାଟି ଶୁଣି ଲୋକେ ଆସି ଯିବାରୁ ଲୁଟେରା ମାନେ ବାଇକ୍ ଧରି ଦ୍ରୁତ ଗତିରେ ସେଠାରୁ ଚଂପଟ ମାରିଥିଲେ। ଲୁଟେରା ମାନେ ସତ୍ୟନାରାୟଣଙ୍କୁ ଆକ୍ରମଣ ମଧ୍ୟ କରିଥଲେ ବୋଲି ସେ ପ୍ରକାଶ କରିଛନ୍ତି। ଲୁଟେରା ମାନଙ୍କ ବୟସ ୧୮ରୁ ୨୦ ବର୍ଷ ମଧ୍ୟରେ ହେବ ବୋଲି କୁହାଯାଇଛି। ଲୁଟେରାମାନେ ଲୁଟି ନେଇଥିବା ହାର ଟି ନକଲି ଥିବା କୁହାଯାଇଛି। ଏ ନେଇ ଥାନା ରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ଜଣା ପଡ଼ିଛି।

# ସହର ସବୁଜୀକରଣ ଦିଗହରା

ବାଲେଶ୍ୱର, ୧୨।୩(ସମିସ): ଦିଗହରା ହୋଇଛି ସହରର ସୌନ୍ଦର୍ଯ୍ୟକରଣ ଏବଂ ସବୁଜୀକରଣ। ସହରକୁ ସବୁଜ ଓ ସୁନ୍ଦର କରିବା ପାଇଁ ରୋଡ୍ ଡିଭାଇଡର୍ ଭିତରେ ଯେଉଁ ସଂଗଠନ ବା ପୌରପାଳିକା ପକ୍ଷରୁ ଗଛ ଲଗାଯାଇଥିଲା ସେସବୁ ଗଛ ଆଉ ନାହିଁ। ବିଶେଷକରି ସହରର ଓଟି ରୋଡ୍ ତାମୁଳିଆ ଓଭରବ୍ରିଜ ନିକଟରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଥିବା ରୋଡ୍ ଡିଭାଇଡର୍ ରେ ବିଭିନ୍ନ ସାମାଜିକ ସଂଗଠନ ଓ ପୌରପାଳିକା ପକ୍ଷରୁ ଦାମୀ ଗଛ ଲଗାଯାଇଥିଲା। ଗତ ଦୁଇ ବର୍ଷ ତଳେ ଦାମୀ ଗଛ ସବୁ ଲଗାଯାଇଥିଲା। କେଉଁଠି ପାମ୍ ଟ୍ରି ତ କେଉଁଠି ନେରିୟମ୍ ଗଛ ଲଗାଯାଇଥିଲା। କେଉଁଠି ଗଛ ଚାରିପାଖରେ ବାଡ କରାଯାଇଥିଲା ତ କେଉଁଠି ରଙ୍ଗୀନ କୁଣ୍ଡରେ ଲଗାଯାଇଥିବା ଗଛ ସହରର ଶୋଭା ବୃଦ୍ଧି କରୁଥିଲା। ହେଲେ ଆଜିକା ଦିନରେ ଗୋଟେ ବି ଗଛ ନାହିଁ। ଯତ୍ନ ଓ ରକ୍ଷଣାବେକ୍ଷଣ ଅଭାବରୁ ସବୁ ତକ ଗଛ ମରିଗଲେ। ଟଙ୍କା ଖର୍ଚ୍ଚ କରି ଲଗାଯାଇଥିବା ଏବେ ସହରକୁ ସବୁଜ କରିବା ଜାଗାରେ ଲଣ୍ଡା ପରି ଦୃଶ୍ୟମାନ କରାଉଛି। ସବୁଠୁ ପରିତାପର ବିଷୟ ହେଉଛି, ଡିଭାଇଡର୍ ଭିତରେ ଗଛ ଲଗାଇଥିବା କ୍ଲବ ବା ସଂଗଠନର ବୋର୍ଡ ଅଛି ହେଲେ ଗୋଟିଏ ବି ଗଛ ନାହିଁ। ଯାହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ ମଧ୍ୟ କରିଛନ୍ତି।



ଫକୀରମୋହନ ଗୋଲେଇରୁ ତାମୁଳିଆ ପର୍ଯ୍ୟନ୍ତ ରାସ୍ତା ଏବେ ସୁଦୃଶ୍ୟ ହେଉଛି। କିନ୍ତୁ ଦୁଃଖର କଥା ଯେ, ଉକ୍ତ ରାସ୍ତାର ଡିଭାଇଡର୍ ରେ ବିଗତ ବର୍ଷମାନଙ୍କରେ ବିଭିନ୍ନ ସଂଗଠନ କେବଳ ଫଟୋ ଉଠେଇନେବା ପାଇଁ ଗଛ ଲଗେଇଥିଲେ ଏବଂ ସେ ବାବଦଦରେ ଯେଉଁଠୁ ଅର୍ଥ ଆସିଥିବ ସେଇଠୁ ବିଲ୍ ପାଇଯିବା ପରେ ଗଛ ବାବଦରେ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଷ୍ଟେଟ୍ ବ୍ୟାଙ୍କ୍ ଭଳି ଅନୁଷ୍ଠାନ ମୁଭି ଏକ୍ସ୍ ସାମ୍ନାରେ ଅର୍ଥାତ୍ ଫକୀରମୋହନ ଗୋଲେଇରୁ ଷ୍ଟେସନ୍ ଛକ ଭିତରେ ବହୁ ଦାମୀ ପାମ୍ ଗଛ ଲଗେଇଥିଲେ। ସେଗୁଡିକ ଯଦି ଆଜି ବଞ୍ଚିରହିଥାନ୍ତି ତାହେଲେ ବହୁତ ସୁନ୍ଦର ଦେଖା ଯାଇଥାନ୍ତି। ଷ୍ଟେଟ୍ ବ୍ୟାଙ୍କ୍ ଭଳି ଅନୁଷ୍ଠାନ ମଧ୍ୟ ଗଛ ଲଗେଇ ତାହାର ରକ୍ଷଣାବେକ୍ଷଣା କରିଲେନି। ତେଣୁ ଡିଭାଇଡର୍ ରେ ଗଛ ଲଗେଇବା ଓ ପରବର୍ତୀ ସମୟରେ ସେସବୁ ମରିଯିବା ତାହା ମଧ୍ୟ ମଣିଷମାନଙ୍କୁ ଆଘାତ ଦିଏ। ପୌରପାଳିକା ହେଉ ଅବା କୌଣସି ସଂଗଠନ, ଏହାକୁ ଦାୟିତ୍ୱ ସହ ନିଅନ୍ତୁ। ଗଛ ଲଗାନ୍ତୁ ଏବଂ ତାହାର ଯତ୍ନ ମଧ୍ୟ ନିଅନ୍ତୁ' ବୋଲି ପ୍ରଫେସର ଡ. ସୁବାସ ଚନ୍ଦ୍ର ପାତ୍ର ମତବ୍ୟକ୍ତ କରିଛନ୍ତି।

ବୃକ୍ଷ ଲଗେଇବା ଓ ଏହାକୁ ଯତ୍ନର ସହ ବଞ୍ଚେଇ ରଖିବା ଦୁଇଟି ଭିନ୍ନ। ସହରର ମୁଖ୍ୟ ରାସ୍ତାରେ ବିଭିନ୍ନ ରୋଡ୍ ଡଡିଭାଇଡର ମାନଙ୍କରେ ବିଭିନ୍ନ ସଂସ୍ଥାର ସମାଜସେବୀ ମାନଙ୍କ ଦ୍ୱାରା ସୁନ୍ଦର ଗଛ ଲଗାଯାଇଥାଏ। ହେଲେ ବର୍ଷା ଦିନେ ଓ ଶୀତ ଦିନେ ଏହି ସବୁ ଗଛ ଠିକ ଠାକ ଥିବା ବେଳେ ଖରା ଦିନେ ଯତ୍ନ ଓ ରକ୍ଷଣାବେକ୍ଷଣ ଅଭାବ ଓ ପାଣି ବିନା ଗଛଗୁଡିକ ଶୁଖି ଶେଷରେ ମରିଯାଏ। ଫଳରେ ପ୍ରତ୍ୟେକ ବର୍ଷ କେବଳ ଗଛ ଲଗେଇ ହିସାବ ଦିଅଯାଏ ଆଉ ପୁଣି ପର ବର୍ଷ ଆଉ ଥରେ ଲଗେଇ ଫୋଟ ଉଠେଇବା ସାର ହୁଏ। ତେଣୁ ଦୟାକରି ଯେଉଁମାନେ ଗଛ ଲଗାଉଛନ୍ତି ସେମାନେ ଯଦି ଗଛ ବଢ଼ିବା ପର୍ଯ୍ୟନ୍ତ ଯତ୍ନ ନିଅନ୍ତେ ତା ହେଲେ ପରିବେଶ ସବୁଜିମା ହେଇ ରୁହନ୍ତା' ବୋଲି ଡା ପ୍ରକାଶ କୁମାର ମହାପାତ୍ର କହିଛନ୍ତି।

ବାଲେଶ୍ୱର ସହରର ତାମୁଳିଆଠାରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ସମୟରେ ବହୁ ସଂଖ୍ୟାରେ ପୁରାତନ ଗଛ ସବୁ ପ୍ରଶାସନ ଦ୍ୱାରା କାଟିଦିଆଗଲା। ପରବର୍ତ୍ତୀ ମୁହୂର୍ତରେ ବାଲେଶ୍ୱର ପୌରପାଳିକା ତଥା ବିଭିନ୍ନ ସଙ୍ଗଠନ ଦ୍ୱାରା ରାସ୍ତା ମଝିରେ ଥିବା ଡିଭାଇଡରରେ ବିଭିନ୍ନ ଫୁଲ ଗଛ ସବୁ ଲଗାଯାଇଥିଲା। ଲକ୍ଷ୍ୟ ଥିଲା ସହରକୁ ସବୁଜସୁନ୍ଦର କରିବା। ମାତ୍ର ଦୁଃଖର ବିଷୟ ଖାଲି ଗଛ ଲଗାଇ ଦେଇ ପୌରପାଳିକା ଏବଂ ତଥାକଥିତ ସଙ୍ଗଠନ ମାନେ ତା'ର ଉଚିତ୍ ଯତ୍ନ ନେଲେନି। ଯାହା ଫଳରେ ଏବେ ସହରରେ କୌଣସି ଡିଭାଇଡରରେ ଗୋଟିଏ ହେଲେ ଗଛ ନାହିଁ। ପୌରପାଳିକା ତଥା ସାମାଜିକ ସଂଗଠନ ଏବଂ ବାଲେଶ୍ୱରବାସୀ ଏ ବିଷୟରେ ଯତ୍ନବାନ ହେବା ଆବଶ୍ୟକ' ବୋଲି ବିକ୍ରମ କେଶରୀ କହିଛନ୍ତି। ସଂଗଠନ ଗଛଟିଏ ଲଗାଇ ନିଜର ନାମଫଳକ ଲଗାଇବା ପାଇଁ ଯେତିକି ଯତ୍ନବାନ ହେଉଛନ୍ତି ସେତିକି ଯତ୍ନବାନ ଗଛଟିର ରକ୍ଷଣାବେକ୍ଷଣ ପାଇଁ କିଛି ଟିକେ ପ୍ରୟାସ କରିଲେ ପରିବେଶ ଉପକୃତ ହୁଅନ୍ତା' ବୋଲି ସମ୍ବିତ ବିଶ୍ୱାଳ କହିଛନ୍ତି।

# ନିତ୍ୟାନନ୍ଦ ମିଶ୍ରଙ୍କୁ ତୁଳସୀ ସମ୍ମାନ



ବାଲେଶ୍ୱର, ୧୨।୩ (ସମିସ): ନିଖିଳ ଉତ୍କଳ ତୁଳସୀ ପରିବାର ପକ୍ଷରୁ ମଧୁବନ, ବାରିପଦା ନିକଟସ୍ଥ ହରିବଳଦେବ ଶିଶୁ ମନ୍ଦିରରେ ଦକ୍ଷତା ପ୍ରତିଯୋଗୀତା ଶିଶୁମେଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ଼ା ଆଦିତ୍ୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱରର ଜଣାଶୁଣା ସମାଜସେବୀ ନିତ୍ୟାନନ୍ଦ ମିଶ୍ର, ମୁଖ୍ୟ ବକ୍ତା ଭାବେ ଭାଗବତ ପଣ୍ଡା ଯୋଗ ଦେଇଥିଲେ। ବାହାନଗା ରେଳ ଦୁର୍ଘଟଣାରେ ମୟୁରଭଞ୍ଜ, ବାଲେଶ୍ୱରର ଗୁରୁତର ଆହତ ରେଳ ଯାତ୍ରୀ ମାନଙ୍କୁ ଈଶ୍ୱରୀୟ ଦୂତ ସାଜି ଜୀବନ ରକ୍ଷା କରିଥିବା ବାଲେଶ୍ୱରର ଜଣାଶୁଣା ବିଶିଷ୍ଟ ସମାଜସେବୀ ନିତ୍ୟାନନ୍ଦ ମିଶ୍ର, ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ତଥା ସମାଜସେବୀ ଅସିତ କୁମାର ଚାନ୍ଦ, ହାଇକୋର୍ଟର ଆଇନଜୀବୀ ତଥା ସମାଜସେବୀ ବିଚିତ୍ରାନନ୍ଦ ଦାସଙ୍କୁ ତୁଳସୀ ପରିବାର ପକ୍ଷରୁ 'ତୁଳସୀ ସମ୍ମାନ' ପ୍ରଦାନ କରାଯାଇଥିଲା।

ANIMESH FOOD PRODUCTS
ANIMESH INDIAN SNACKS · Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070800

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ପ୍ରଦୀପ କୁମାର ପଣ୍ଡା
କେଦାରଗୌରୀ ବିହାର, ପୁରୁଣା ଭୁବନେଶ୍ୱର

ଚାହୁଁ ଚାହୁ ଏକ ବର୍ଷ ବିତିଗଲା। କାଲି ପରି ଲାଗୁଛି । ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆଦର୍ଶ ଚିର ସ୍ମରଣୀୟ। ଆଜି ଏହି ପ୍ରଥମ ଶ୍ରାଦ୍ଧ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ଭାଇ: ଦିଲୀପ, ସନ୍ଦୀପ, ଭଉଣୀ: ଅଞ୍ଜଳୀ, ମିନାକ୍ଷୀ, ଅନୀତା, ଅମୀତା, ଭିଣୋଇ: ହର ନାରାୟଣ, ସୀତାକାନ୍ତ, ପ୍ରସନ୍ନ, ଭାତୃବଧୂ: ଚନ୍ଦ୍ରଜିତା, ପୁତୁରା: ରିଷି, ଭାଣିଜୀ: ମାମୁନ୍, ଭାଣିଜୀ ଜ୍ୱାଇଁ: ନିଖିଲ୍, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ମାଟି ଓ ବାଲି ଚୋରାଚାଲାଣ

ବସ୍ତା ବ୍ଲକ, ୧୨।୩ (ସମିସ):

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ବେଧଡକ ଭାବେ ଲୁଟ ଚାଲିଛି ବାଲି ଓ ମାଟି। ଦିନ ଦ୍ୱିପ୍ରହର ରେ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇ ବେଆଇନ ଭାବେ ମାଟି ଓ ବାଲି ପରିବହନ କରାଉଛନ୍ତି ଦଲାଲ। ବିନା ନମ୍ବର ପ୍ଲଟ, ବିନା ଫିଟନେସ, ବିନା ବୀମା ରେ ଦୈନନ୍ଦିନ ଶହ ଶହ ଟ୍ରିପ ମାଟି ଟ୍ରାକ୍ଟର ରେ ଚାଲାଣ ହେଉଥିବା ବେଳେ ସେମାନଙ୍କର ବେପରୁଆ ଗାଡି ଚାଳନାକୁ ନେଇ ସାଧାରଣ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ରେଲବାଇ ର ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ଚାଲିଥିବା ସେଥିପାଇଁ ହଜାର ହଜାର ଟ୍ରିପ୍ ମାଟି ଆବଶ୍ୟକତା ଥିବାରୁ ଦଲାଲ ମାନେ ବେଆଇନ୍ ଭାବେ ମାଟି ତାଙ୍କୁ ଦେଉଛନ୍ତି। ଯାହାଫଳରେ କାମକରୁଥିବା ଠିକାଦାର କମ୍ ଦାମ ରେ ମାଟି ପାଇ ଯାଉଛି। ଅନ୍ୟପଟେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ସେହିପରି ଏବେ ଜମି ବେପାର ବଢ଼ିବାରେ ଲାଗିଥିବା ବେଳେ ମାଟିର ଚାହିଦା ଆନେକ ରହିଛି। ଥାନା ଓ ତହସିଲରେ ମୋଟା ଅଙ୍କର ଅର୍ଥ ଦେଇ ବେଧଡକ ନମ୍ବର ବିହୀନ ଟ୍ରାକ୍ଟରରେ ଶହ ଶହ ଟ୍ରୀପ୍ ମାଟି ଚାଲାଣ ହେଉଛି। ବସ୍ତା ରେ ମାଟି ଟ୍ରାକ୍ଟର ଚାଲିବା କୁ ନେଇ ଲୋକେ ବହୁ ମାନସିକ ଚାପ ରେ ରହୁଛନ୍ତି। ସବୁ ଦେଖି ବସ୍ତା ପୁଲିସ ନୀରବଦ୍ରଷ୍ଟା ସାଜି ଥିବାରୁ ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠୁଛି। ରାତିରେ ପୁଲିସ ବସ୍ତାରେ ରାତ୍ରି କାଳୀନ ପାଟ୍ରୋଲିଂ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନନେବା ମାଟି ଚାଲାଣ କରୀଙ୍କୁ ପ୍ରଶ୍ରୟ ଦେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ରାତିରେ ଲୋକଙ୍କ ଚାଷ ଜମିରୁ ମାଟି ଜେସିବି ରେ ତାଡ଼ି ଚୋରୀ କରୁଛନ୍ତି ଦଲାଲ। ଏ ନେଇ ବସ୍ତା ତହସିଲ କାର୍ଯ୍ୟଳୟ ସହ ଯୋଗାଯୋଗ କରିବାରୁ ଏହି ବିଭାଗ ଏବେ ମାଇନିଂ ବିଭାଗକୁ ଯାଇଥିବା କହି ସେମାନେ ଏଡାଇ ଯାଉଛନ୍ତି।

PRINCE COLLEGE | SCHOOL
The No.-1 Residential Institution for
+2 SCIENCE | +2 ARTS | VI TO X
2023 +2 SCIENCE TOPPER
ନାମଲେଖା ପାଇଁ ENTRANCE TEST DATE
FOR +2 SCIENCE & ARTS :-
1st Phase - 07.03.2024
2nd Phase - 10.03.2024
3rd Phase - 13.03.2024
4th Phase - 22.03.2024
568 94.8%
(4th Phase Entrance, Only for CBSE / ICSE / Other Board Students).
RUDRA NARAYAN BHOI
DISTRICT TOPPER | ALL ODISHA 2ND TOPPER
FOR CLASS VI TO IX :-
1st Phase - 24.03.2024
2nd Phase - 31.03.2024
SUMMER CLASSES DATE : 14th, 18th, 21st, 28th March 2024
BARIPADA City Office : Debendrapur, Palbani 8895102045, 9937701648
BALASORE Central School Square 8763403768, 9337687655

SAI HIGHER SECONDARY SCHOOL
Admission Open!
RESIDENTIAL COLLEGE FOR +2 SCIENCE & ARTS
Permanently Recognised by Govt. of Odisha & Affiliated to C.H.S.E, Odisha
AWARDED AS RESIDENTIAL COLLEGE OF The NO.1 ODISHA
SPECIAL GUIDANCE TO SUPER-40 (INTEGRATED) FOR IIT / JEE, NEET, OUAT, NISER, IISER ASPIRANTS BY EXPERT TEACHERS
AVAIL ATTRACTIVE SCHOLARSHIP BY APPEARING THE SAI GENIUS TEST ON 10/03/2024 (SUNDAY) & 17/03/2024 (SUNDAY)
REGISTRATION OPEN FOR BRIDGE (SUMMER) COURSE
BRIDGE (SUMMER) COURSE STARTS FROM 21/03/2024 (THURSDAY)
N.H.18, TAKATPUR, BARIPADA, MAYURBHANJ, ODISHA
Mob.: 9437177734, 9861844566, 7008539750, 8249717211, 9437121113, 9583122296

### ୧୫ରେ ସମସ୍ତ ତଥ୍ୟ ଅପଲୋଡ୍ କରିବ ଇସିଆଇ

# ନିର୍ବାଚନୀ ବଣ୍ଡ ତଥ୍ୟ ଦାଖଲକଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୧୨।୩(ଏଜେନ୍ସି)**




ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ନିର୍ବାଚନ ଆୟୋଗଙ୍କ ନିକଟରେ ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିଛି। ମଙ୍ଗଳବାର ସୁଦ୍ଧା ଏହି ତଥ୍ୟ ଦାଖଲ କରିବାକୁ ଗତକାଲି ସୁପ୍ରିମକୋର୍ଟ ଏସବିଆଇକୁ କଡ଼ାବାଣୀ ଶୁଣାଇଥିଲେ। ସେହି ଅନୁସାରେ ଏସବିଆଇ ଏହି ତଥ୍ୟ ଦାଖଲ କରିଛି। ଏହାପରେ ନିର୍ବାଚନ ଆୟୋଗ ଏହି ତଥ୍ୟକୁ ଆସନ୍ତା ୧୫ ତାରିଖ ସୁଦ୍ଧା ୱେବସାଇଟ୍‌ରେ ଅପଲୋଡ୍ କରିବେ ବୋଲି ସୂଚନା ମିଳିଛି। ରାଜନୈତିକ ଦଳମାନଙ୍କୁ ମିଳୁଥିବା ଦାନକୁ ନେଇ ୨୦୧୮ରେ ନିର୍ବାଚନୀ ବଣ୍ଡ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। କେବଳ ଭାରତୀୟ ଷ୍ଟେଟ ବ୍ୟାଙ୍କ ଜରିଆରେ ଏବଂ ବଣ୍ଡ ମାଧ୍ୟମରେ ବିଭିନ୍ନ ସୂତ୍ରରୁ ଏହି ଦାନ ରାଜନୈତିକ ଦଳମାନଙ୍କ ନିକଟକୁ ଯାଉଥିଲା। ଏହି ବଣ୍ଡ ବ୍ୟବସ୍ଥା ଆରମ୍ଭ ଠାରୁ ଆଜି ଯାଏଁ ଏସବିଆଇ ମୋଟ ୧୬ ହଜାର ୫୧୮ କୋଟି ଟଙ୍କାର ବଣ୍ଡ ଜାରି କରିଥିଲା ବେଳେ ଏହାର ସମସ୍ତ ତଥ୍ୟ ନିର୍ବାଚନ ଆୟୋଗକୁ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜନୈତିକ ଦଳମାନଙ୍କୁ ମିଳୁଥିବା ଏହି ଦାନ ସମ୍ପର୍କରେ ସର୍ବସାଧାରଣ ଅବଗତ ହେବା ଦରକାର ବୋଲି ସୁପ୍ରିମକୋର୍ଟ ହୃଦୟଙ୍ଗମ କରିବା ପରେ ଏ ସମ୍ପର୍କରେ ସମସ୍ତ ତଥ୍ୟ ଦେବାକୁ ସୁପ୍ରିମକୋର୍ଟ ଏସବିଆଇକୁ ଗତ ଫେବୃଆରୀ ମାସରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଅଧିକ ସମୟର ଆବଶ୍ୟକତା ରହିଛି ବୋଲି ଦର୍ଶାଇ ଏସବିଆଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲା। ଆସନ୍ତା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେବାକୁ ଏସବିଆଇ ଆବେଦନ କରିଥିଲା ବେଳେ ଏହି ପ୍ରସଙ୍ଗରେ ଗତକାଲି ଶୁଣାଣି ହୋଇଥିଲା। ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ ହେଁ ଏସବିଆଇ ଉପରେ ବର୍ଷିଥିଲେ। ତିନି ସପ୍ତାହରୁ ଅଧିକ ସମୟ ପୂର୍ବରୁ ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ଦେବାକୁ କୁହାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ବ୍ୟାଙ୍କ କ'ଣ କରୁଥିଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅଧିକ ସମୟ ପାଇଁ ବ୍ୟାଙ୍କର ଆବେଦନକୁ ଖଣ୍ଡପୀଠ ଖାରଜ କରିଦେବା ସହିତ ମଙ୍ଗଳବାର ସୁଦ୍ଧା ଏହାକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଏସବିଆଇ ତଥ୍ୟ ଦାଖଲ କରିଥିବା ଜଣାପଡ଼ିଛି।

### ପୋଖରାନରେ 'ଭାରତ ଶକ୍ତି' ସମରାଭ୍ୟାସ

# ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର କ୍ଷମତା ପରଖିଲେ ମୋଦୀ

**ଜୟପୁର,୧୨।୩(ଏଜେନ୍ସି)**

ରାଜସ୍ଥାନର ପୋଖରାନରେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଶକ୍ତି ତଦାରଖ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମଙ୍ଗଳବାର ଏଠାରେ ଆୟୋଜିତ 'ଭାରତ ଶକ୍ତି' ସମରାଭ୍ୟାସରେ ସେ ୪୦ଟି ଦେଶର ପ୍ରତିନିଧିଙ୍କ ସହ ଜୈସଲମେରସ୍ଥିତ ପୋଖରାନ ଫିଲ୍ଡ ଫାୟାରିଂ ରେଞ୍ଜରେ ବିଭିନ୍ନ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ତଦାରଖ କରିଛନ୍ତି। ଶତ୍ରୁ ପକ୍ଷରୁ ମୁକାବିଲା ପାଇଁ ସ୍ୱଦେଶୀ ଅସ୍ତ୍ର କେତେ ସକ୍ଷମ ଏବଂ କେତେ ଭରସାଯୋଗ୍ୟ ତାହାର ପରୀକ୍ଷଣ କରାଯାଇଛି। ଏହି ସାମରିକ ଅଭ୍ୟାସ ବେଳେ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ସିଡିଏସ୍ ଅନୀଲ ଚୌହ୍ୱାନ, ତିନି ସେନାର ମୁଖ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଜଳ,ସ୍ଥଳ, ବାୟୁ ଏବଂ ସାଇବର ସ୍ପେସ ଡୋମେନରେ ବିପଦକୁ ପ୍ରତିହତ କରିବା ପାଇଁ ଭାରତୀୟ ସଶସ୍ତ୍ର ବାହିନୀର ସମନ୍ୱିତ କାର୍ଯ୍ୟକ୍ଷମ କ୍ଷମତାକୁ ପ୍ରଦର୍ଶନ କରାଯାଇଥିଲା। ପୂର୍ବରୁ ବିଦେଶରୁ ଅଧିକାଂଶ ସାମରିକ ଅସ୍ତ୍ରଅସ୍ତ୍ର ଆମଦାନୀ କରାଯାଉଥିଲା। ହେଲେ ବିଗତ କିଛି ବର୍ଷ ହେଲା ମେକ୍ ଇନ ଇଣ୍ଡିଆ ଯୋଜନାରେ ବହୁ ସ୍ତରରେ ଭାରତରେ ସ୍ୱଦେଶୀ ଜ୍ଞାନ କୌଶଳ ଉପଯୋଗରେ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରାଯାଉଛି।



#### ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଲା ତେଜସ୍; ଅଳ୍ପକେ ବର୍ତ୍ତିଗଲେ ପାଇଲଟ୍

ଜୈସଲମେରରେ ସମରାଭ୍ୟାସ ଚାଲୁଥିଲା ବେଳେ ଜବାହର ନଗର ନିକଟରେ ବାୟୁସେନାର ଏକ ଲଢୁଆ ବିମାନ ତେଜସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯୁଦ୍ଧାଭ୍ୟାସରେ ସାମିଲ ହେବାକୁ ଯାଉଥିବା ବେଳେ ଏହି ବିମାନଟି କୌଣସି କାରଣରୁ ତଳକୁ ଖସି ପଡ଼ି ଜଳିଯାଇଛି। ତେବେ ଏହାର ପାଇଲଟ୍ ପାରାଚ୍ୟୁଟ୍ ଯୋଗେ ସୁରକ୍ଷିତ ଭାବେ ରକ୍ଷା ପାଇଯାଇଛନ୍ତି। ବିଗତ ୨୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ତେଜସ ଦୁର୍ଘଟଣାଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁସାରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ସିଧା ମେଘବାଲ ହଷ୍ଟେଲ ପାଖରେ ପଡିଥିଲା। ଏହାପରେ ଏଥିରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଫଳରେ ଆଖପାଖ ଅଞ୍ଚଳରେ ବ୍ୟାପକ ଧୂଆଁ ବ୍ୟାପି ଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଥିଲେ।

### • କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ତାଲିକା

# ୬ ରାଜ୍ୟରୁ ୪୩ ଜଣଙ୍କୁ ଟିକଟ

## ଛିନ୍ଦୱାଡ଼ାରୁ ନକୁଲନାଥ; ଜାଲୋରରୁ ବୈଭବ ଲଢ଼ିବେ

**ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି)**

ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ମଙ୍ଗଳବାର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ଏଥିରେ ୬ ରାଜ୍ୟର ୪୩ ପ୍ରାର୍ଥୀଙ୍କ ନାମ ରହିଛି। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁଅ ନକୁଳନାଥଙ୍କୁ ଛିନ୍ଦାୱାଡ଼ାରୁ ପ୍ରାର୍ଥୀ କରାଯାଇଛି। ସେହିପରି ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ଗେହଲଟଙ୍କୁ ଜାଲୋରରୁ ଟିକଟ ଦିଆଯାଇଛି। ଏହା ପୂର୍ବରୁ ମାର୍ଚ୍ଚ ୮ ତାରିଖରେ କଂଗ୍ରେସ ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରି ୩୯ ଜଣଙ୍କ ନାମ ଘୋଷଣା କରିଥିଲା। ଏ ପର୍ଯ୍ୟନ୍ତ କଂଗ୍ରେସ ୮୨ ନାମ ଘୋଷଣା କଲାଣି। ଏମାନଙ୍କ ମଧ୍ୟରେ ସାମିଲ ୭୬.୭ ପ୍ରତିଶତ ପ୍ରାର୍ଥୀଙ୍କ ବୟସ ୬୦ ବର୍ଷରୁ କମ୍ ରହିଛି। ଦ୍ୱିତୀୟ ତାଲିକାରେ ଆସାମରୁ ୧୨, ଗୁଜରାଟ ୭, ମଧ୍ୟପ୍ରଦେଶର ୧୦ , ରାଜସ୍ଥାନର ୧୦, ଉତ୍ତରାଖଣ୍ଡର ୩ ଏବଂ ଡାମନ ଡିଉର ଗୋଟିଏ ଆସନରୁ ପ୍ରାର୍ଥୀ ଦିଆଯାଇଛି।

## ରାଷ୍ଟ୍ରପତି ମୁର୍ମୁଙ୍କୁ ସମ୍ମାନସୂଚକ ଡକ୍ଟରେଟ୍

ପୋର୍ଟ ଲଇସ୍,୧୨ ।୩(ଏଜେନ୍ସି): ମରିସସର ଜାତୀୟ ଦିବସ ଉତ୍ସବରେ ମୁଖ୍ୟଅତିଥି ହେବାକୁ ନିମନ୍ତ୍ରଣ ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମରିସସକୁ ତିନିଦିନିଆ ସରକାରୀ ଗସ୍ତରେ ଯାଇଛନ୍ତି। ଆଜି ମରିସସ ତାହାର ଜାତୀୟ ଦିବସ ପାଳନ କରିଛି। ଏହି ଅବସରରେ ଆଜି ମରିସସ ବିଶ୍ୱବିଦ୍ୟାଳୟ ତରଫରୁ ରାଷ୍ଟ୍ରପତି ମୁର୍ମୁଙ୍କୁ ସମ୍ମାନସୂଚକ ଡକ୍ଟରେଟ(ସିଭିଲ ଲ') ପ୍ରଦାନ କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ତାହାର ସାମାଜିକ ଗଣମାଧ୍ୟମ ଏକ୍ସ ଆକାଉଣ୍ଟରେ ସୂଚନା ପୋଷ୍ଟ କରିଛି। ନିଜ ସମ୍ଭାଷଣରେ ରାଷ୍ଟ୍ରପତି ମୁର୍ମୁ ଭାରତ ସହ ସମ୍ପର୍କରେ ରହି ନିଜ ଅତୀତ ଗୌରବ ମନେପକାଇବା ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ବ୍ରତୀ ହେବାକୁ ମରିସସ ଯୁବକଯୁବତୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, 'ମରିସସ ଆସି ମୋତେ ଯେଉଁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଓ ଆତିଥ୍ୟ ମିଳିଛି ତାହା ଭାରତ-ମରିସସ ନିବିଡ଼ ସମ୍ପର୍କ ଓ ଉଭୟ ଦେଶର ଲୋକଙ୍କ ମଧ୍ୟରେ ଆତ୍ମୀୟତା ଭାବର ଦୃଷ୍ଟାନ୍ତ। ଆଜି ପ୍ରସିଦ୍ଧ ମରିସସ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ପ୍ରାପ୍ତିର ଖୁସୀ ଅନୁଭବ କଲାବେଳେ ମୁଁ ଭାବୁଛି ଯେ ଶିକ୍ଷା ହିଁ ଭାଗ୍ୟ ବଦଳାଇଥାଏ ଯାହା ମରିସସ କ୍ଷେତ୍ରରେ ଘଟିଛି। ୧୯୦୧ରେ ମହାତ୍ମା ଗାନ୍ଧୀ ମରିସସ ଆସି ସେତେବେଳେ କୃଷି ଶ୍ରମିକ ଭାବେ ମରିସସରେ କାର୍ଯ୍ୟରତ ଭାରତୀୟମାନଙ୍କୁ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇଥିଲେ। ମହାତ୍ମା କହିଥିଲେ ଯେ ଶିକ୍ଷା ଲୋକଙ୍କୁ ରାଜନୈତିକ-ସାମାଜିକ କ୍ଷେତ୍ରରେ ସଶକ୍ତ କରାଏ। ଫଳରେ ମରିସସରେ ଶିକ୍ଷାର ପ୍ରସାର ହୋଇପାରିଥିଲା। ପରେ ଏସ ରାମଗୁଲାମ ଓ ଅନିରୁଦ୍ଧ ଜଗନ୍ନାଥଙ୍କ ଭଳି ମରିସସର ଦୂରଦ୍ରଷ୍ଟା ନେତାମାନେ ଶିକ୍ଷା ଭିତ୍ତିଭୂମିର ବିସ୍ତାର କରି ମରିସସକୁ ଏକ ସମୃଦ୍ଧ ଦେଶରେ ଓ ଉଦ୍ଦୀପ୍ତ ଦେଶରେ ପରିଣତ କରିଛନ୍ତି।' ବିଶ୍ୱବିଦ୍ୟାଳୟ କେବଳ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ସାକାର କରିନଥାଏ, ମାନବତାର ଭବିଷ୍ୟତ ଗଢ଼ିଥାଏ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

## ରୁଷ୍‌ର କାର୍ଗୋ ବିମାନ ଦୁର୍ଘଟଣାଗ୍ରସ୍ତ; ୧୫ ମୃତ

ମସ୍କୋ, ୧୨।୩ (ଏଜେନ୍ସି): ରୁଷିଆର ଏକ କାର୍ଗୋ ବିମାନ ମଙ୍ଗଳବାର ଦ୍ୱିପହରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୫ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ବିମାନର ଗୋଟିଏ ଇଞ୍ଜିନରେ ନିଆଁ ଲାଗି ଯାଇଥିଲା। ଏଥିଯୋଗୁଁ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ଇଭାନୋନୋ କ୍ଷେତ୍ରରେ ଖସି ପଡ଼ିଥିଲା। ଏଥିରେ ଚାଳକ ଦଳର ୮ ଜଣ ସଦସ୍ୟ ଏବଂ ୭ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣାରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ଏହାର ଭିଡିଓ ରୁଷ୍‌ରେ ଭାଇରାଲ ହେବାରେ ଲାଗିଛି। ଏଥିରେ ବିମାନ ଜଳୁଥିବା ଦେଖାଯାଉଛି। ତେବେ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ଆଇଏଲ-୭୬ ନାମକ ଏହି ବିମାନରେ ୪ଟି ଇଞ୍ଜିନ ରହିଥିଲା।

## ୪୮୦ କୋଟି ଟଙ୍କାର ଡ୍ରଗ୍ସ ଜବତ

ପୋରବନ୍ଦର, ୧୨।୩ (ଏଜେନ୍ସି): ଗୁଜରାଟ ପୋରବନ୍ଦରରୁ ୩୫୦ କିମି ଦୂର ଆରବସାଗରର ଭାରତର ସାମୁଦ୍ରିକ ସୀମାରୁ ଏକ ପାକିସ୍ତାନ ବୋଟ ଜବତ କରାଯାଇଛି। ଏଥିରୁ ୪୮୦ କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଛି। ଏହା ସହିତ ବୋଟ୍‌ର ୬ ସଦସ୍ୟଙ୍କୁ ଗିରଫ କରାଯାଇଛି। ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗୁଇନ୍ଦା ସୂଚନା ପାଇବା ପରେ ସୋମବାର ରାତିରେ ବୋଟ୍‌କୁ ଧରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ତଟରକ୍ଷୀ ବାହିନୀ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଏବଂ ଗୁଜରାଟ ଆଣ୍ଟି-ଟେରରିଜିମ ସ୍କ୍ୱାର୍ଡ (ଏଟିଏସ) ସାମିଲ ହୋଇଥିଲା। ଭାରତୀୟ ଟିମ୍‌କୁ ଦେଖି ବୋଟ୍ ପଳାଇବାକୁ ପ୍ରୟାସ କରିଥିଲା। ପରେ ପିଛା କରି ବୋଟ୍‌କୁ ଧରି କୂଳକୁ ଅଣା ଯାଇଥିଲା।

## ନେତନ୍ୟାହୁଙ୍କୁ ଭେଟିଲେ ଅଜିତ ଡୋଭାଲ

ତେଲ ଆଭିଭ, ୧୨।୩ (ଏଜେନ୍ସି): ଭାରତୀୟ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ସୋମବାର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଭେଟ କରିଛନ୍ତି। ନେତନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ନେତନ୍ୟାହୁ ଗାଜାରେ ଜାରି ଯୁଦ୍ଧ ବିଷୟରେ ଡୋଭାଲଙ୍କୁ ସୂଚନା ଦେଇଥିଲେ। ଏହା ବ୍ୟତୀତ ବନ୍ଦୀଙ୍କ ମୁକ୍ତି ଏବଂ ଗାଜାରେ ରିଲିଫ ସାମଗ୍ରୀ ପହଞ୍ଚାଇବା ନେଇ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ହମାସ ଗତ ବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଏଥିରେ ୧୨୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହା ସହିତ ୨୩୪ ଜଣଙ୍କୁ ବନ୍ଦୀ କରି ନେଇଥିଲା। ଏମାନଙ୍କ ମଧ୍ୟରୁ ୧୦୩ ଜଣଙ୍କୁ ମୁକ୍ତ କରିଦିଆଗଲାଣି। ଅନ୍ୟପକ୍ଷରେ ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ କରୁଥିବା ଆକ୍ରମଣରେ ଏ ପର୍ଯ୍ୟନ୍ତ ୩୧ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି ବୋଲି ହମାସ ପକ୍ଷରୁ ଦାବି କରାଯାଇଛି।

## ମାଳଦ୍ୱୀପ ଛାଡ଼ିଲେ ଭାରତର ୨୫ ସୈନିକ

ମାଲେ, ୧୨।୩ (ଏଜେନ୍ସି): ଭାରତ ମାଳଦ୍ୱୀପରେ ଥିବା ନିଜ ସୈନିକଙ୍କ ପ୍ରତ୍ୟାହାର ଆରମ୍ଭ କରିଛି। ଅଦ୍ଦୁ ଦ୍ୱୀପରେ ଥିବା ଭାରତର ୨୫ ସୈନିକ ଦେଶ ଛାଡ଼ି ସାରିଛନ୍ତି। ମାଳଦ୍ୱୀପର ନ୍ୟାସନାଲ ଡିଫେନ୍ସ ଫୋର୍ସ (ଏମଏନଡିଏଫ)ର ସୂଚନା ଆଧାରରେ ସ୍ଥାନୀୟ ଖବରକାଗଜ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ଭାରତ କିମ୍ବା ମାଳଦ୍ୱୀପ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହି ସୂଚନା ଦିଆଯାଇ ନାହିଁ। ଏହା ପୂର୍ବରୁ ଫେବୃଆରୀ ୨୯ରେ ଭାରତର ୨୬ ଜଣିଆ ଟେକ୍ନିକାଲ ଟିମ୍ ମାଳଦ୍ୱୀପର ପହଞ୍ଚି ଯାଇଥିଲେ। ଏମାନେ ଭାରତୀୟ ସୈନିକଙ୍କ ସ୍ଥାନ ନେବେ ଏବଂ ମାଳଦ୍ୱୀପକୁ ଭାରତ ଦେଇଥିବା ବିମାନର ପରିଚାଳନା କରିବେ।

## ୧୦ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ,୧୨।୩(ଏଜେନ୍ସି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ୧୦ ନୂଆ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଅହମ୍ମଦାବାଦରୁ ଆଭାସୀ ମାଧ୍ୟମରେ ବିଭିନ୍ନ ରୁଟ୍‌ରେ ଚାଲିବାକୁ ଥିବା ଏହି ଟ୍ରେନଗୁଡିକୁ ସବୁଜ ପତାକା ଦେଖାଇ ମୋଦୀ ଉଦଘାଟନ କରିଛନ୍ତି। ଅହମ୍ମଦାବାଦ- ମୁମ୍ବାଇ, ବିଶାଖାପାଟନମ୍-ସିକନ୍ଦରାବାଦ୍, ଭୁବନେଶ୍ୱର-ବିଶାଖାପାଟନମ୍, ମହୀଶୂର-ଚେନ୍ନଇ, ଲକ୍ଷ୍ନୌ-ଡେରାଡୁନ, ପାଟନା-ଲକ୍ଷ୍ନୌ, ନିଉ ଜଲପାଇଗୁଡି-ପାଟନା ଏବଂ ବାରାଣସୀ-ରାଞ୍ଚି ଆଦି ରୁଟ୍‌ରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ କରିଛି। ଏହାସହିତ ପ୍ରଧାନମନ୍ତ୍ରୀ ମୋଦୀ ଆହୁରି ବହୁ ରେଳ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଛନ୍ତି।

## ୪ ରାଜ୍ୟର ୩୦ ଠିକଣାରେ ଏନ୍‌ଆଇଏ ଚଢ଼ଉ

ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ଏବଂ ଗ୍ୟାଙ୍ଗଷ୍ଟର ଲିଙ୍କ୍ ମାମଲାରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଜେନ୍ସି ୪ ରାଜ୍ୟ ପଞ୍ଜାବ, ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ର ୩୦ ଠିକଣାରେ ଚଢ଼ଉ କରିଛି। ଏହି ୪ ରାଜ୍ୟର ଅନେକ ଅପରାଧି ଲରେନ୍ସ ବିଷ୍ଣୋଇ ଏବଂ ତା ପରି ଅନ୍ୟ ଗ୍ୟାଙ୍ଗଷ୍ଟରଙ୍କ ସହ ସମ୍ବନ୍ଧ ରଖିଛନ୍ତି। ଏମାନେ ଗ୍ୟାଙ୍ଗଷ୍ଟରଙ୍କ ନିର୍ଦ୍ଦେଶରେ ହତ୍ୟା ଏବଂ ବଟି ଆଦାୟ ମାମଲାରେ ଲିପ୍ତ ରହୁଛନ୍ତି। ରିପୋର୍ଟ ଅନୁଯାୟୀ ଏନ୍‌ଆଇଏ ସକାଳ ୫-୬ ଟାରେ ଅଲଗା ଅଲଗା ରାଜ୍ୟର ପୁଲିସକୁ ସାଙ୍ଗରେ ଧରି ଅପରାଧିଙ୍କ ଠିକଣାରେ ପହଞ୍ଚି ଥିଲା। ମଧ୍ୟପ୍ରଦେଶର ଭୋପାଳ ଏବଂ ପଞ୍ଜାବର ଫରିଦକୋଟରୁ ୨ ଅପରାଧିଙ୍କୁ ନେଇ ଜେରା କରାଯାଉଛି। ବିଦେଶରେ ଥିବା ଗ୍ୟାଙ୍ଗଷ୍ଟରଙ୍କ ସହ ଏମାନଙ୍କର ସମ୍ବନ୍ଧ ରହିଛି ବୋଲି ଆଶଙ୍କା କରାଯାଉଛି।

## ଭାରତ ସର୍ବାଧିକ ଅସ୍ତ୍ରଶସ୍ତ୍ର କିଣୁଥିବା ଦେଶ

ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ଭାରତ ପୁଣି ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର କିଣୁଥିବା ଦେଶ ହୋଇଛି। ୨୦୧୪-୧୮ ତୁଳନାରେ ୨୦୧୯-୨୩ ମଧ୍ୟରେ ଆମଦାନୀ ୪.୭ ପ୍ରତିଶତ ବୃଦ୍ଧି ପାଇଛି। ସ୍ୱିଡେନ ଥିଙ୍କଟ୍ୟାଙ୍କ 'ସିପରି'ର ରିପୋର୍ଟରେ ସୋମବାର ଏହି ସୂଚନା ଦିଆଯାଇଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିପରି) ପକ୍ଷରୁ କୁହାଯାଇଛି ଯେ ରୁଷ୍ ଭାରତର ମୁଖ୍ୟ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ରାଷ୍ଟ୍ର ରହିଛି। ତେବେ ୧୯୬୦-୬୪ ପରେ (ସୋଭିଏତ ସଂଘର ବିଲୟ ପରେ) ପ୍ରଥମ ଥର ପାଇଁ ଭାରତର ଆମଦାନୀରେ ରୁଷ ଅଂଶ ୫୦ ପ୍ରତିଶତ ହ୍ରାସ ପାଇଛି। ଏହା ସତ୍ତ୍ୱେ ଭାରତ ୩୬ ପ୍ରତିଶତ ଅସ୍ତ୍ରଶସ୍ତ୍ର ରୁଷ୍‌ରୁ ଆଣୁଛି। ଅସ୍ତ୍ରଶସ୍ତ୍ର ଆମଦାନୀରେ ଭାରତ ତଳକୁ ସାଉଦି ଆରବ, କାତାର, ୟୁକ୍ରେନ ଏବଂ ପାକିସ୍ତାନ ରହିଛି। ଇସଲାମାବାଦ ଚୀନ୍‌ଠାରୁ ୮୨ ପ୍ରତିଶତ ଅସ୍ତ୍ରଶସ୍ତ୍ର କିଣୁଛି। ସେହିପରି ଜାପାନର ଅସ୍ତ୍ରଶସ୍ତ୍ର ଆମଦାନୀ ୧୫୫ ପ୍ରତିଶତ ଏବଂ ଦକ୍ଷିଣ କୋରିଆର ୬.୫ ପ୍ରତିଶତ ବୃଦ୍ଧି ପାଇଛି।

### ଲେଡି ଡନ୍‌କୁ ବାହାହେଲା ଗ୍ୟାଙ୍ଗଷ୍ଟର ଜଠେଡ଼ି

# ପୁଲିସବାଲା ବରଯାତ୍ରୀଙ୍କ ଗହଣରେ ପିନ୍ଧାଇଲା ସିନ୍ଦୂର

**ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି)**



ହରିୟାଣାର ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର କାଲା ଜେଠେଡ଼ି ଓରଫ ସନ୍ଦୀପ ମଙ୍ଗଳବାର ଲେଡି ଡନ୍ ଅନୁରାଧା ଚୌଧୁରୀ ଓରଫ ମ୍ୟାଡାମ ମିଞ୍ଜକୁ ବିବାହ କରିଛି। ଉଭୟେ ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଥିବା ବଙ୍କେଟ ହଲ୍‌ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ହଲ୍ ତିହାର ଜେଲ୍‌ରୁ ପ୍ରାୟ ୧୨ କିମି ଦୂରରେ ରହିଛି। ୫୨ ହଜାର ଟଙ୍କା ଦେଇ ସନ୍ଦୀପର ଓକିଲ ଏହି ହଲ୍ ବୁକ୍ କରିଥିଲେ। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସନ୍ଧାନୀ କୁକୁରଙ୍କ ସହିତ ୨୫୦ରୁ ଅଧିକ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ପୁଲିସ କର୍ମଚାରୀ ବରଯାତ୍ରୀ ହୋଇ ଗ୍ୟାଙ୍ଗଷ୍ଟାର ସହ ବିବାହ ମଣ୍ଡପରେ ପହଞ୍ଚି ଥିଲେ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ବିବାହ ସମ୍ପନ୍ନ ହୋଇଥିଲା। ମଥାରେ ସିନ୍ଦୁର ଦେଇ କାଲା ଅନୁରାଧାଙ୍କୁ ନିଜର କରିନେଇଥିଲା। ଏହି ବିବାହ ପାଇଁ ଉଭୟଙ୍କୁ କୋର୍ଟ ୬ ଘଣ୍ଟାର ପାରୋଲ ଅନୁମତି ଦେଇଥିଲେ। ୧୦ରୁ ସନ୍ଧ୍ୟା ୪ଟା ମଧ୍ୟରେ ବିବାହ ଶେଷ କରିବାକୁ କୁହାଯାଇଥିଲା। ଉଭୟେ ଏହି ସମୟ ମଧ୍ୟରେ ସବୁ ପରମ୍ପରା ପାଳନ କରି ବିଧିବଦ୍ଧ ଭାବେ ପତିପତ୍ନୀ ହୋଇଥିଲେ। ଏହା ପରେ କାଲା ଜଠେଡି ତିହାର ଜେଲ୍ ଫେରି ଯାଇଥିଲା। ରବିବାର ନବଦମ୍ପତିଙ୍କ ଗୃହ ପ୍ରବେଶ ହେବ। ଉଭୟେ ହରିୟାଣାର ସୋନିପତ ସ୍ଥିତ ଜଠେଡ଼ି ଗ୍ରାମକୁ ଯିବେ। ଏଠାରେ ପରମ୍ପରା ଅନୁଯାୟୀ ଗୃହ ପ୍ରବେଶ ସମ୍ପନ୍ନ ହେବ। ଏଥିପାଇଁ ମାତ୍ର ୩ ଘଣ୍ଟା ନିମନ୍ତେ ପାରୋଲ ମିଳିଛି। ଏହା ପୂର୍ବରୁ ସୋମବାର ଲେଡି ଡିନ ନିଜ ସ୍ୱାମୀଙ୍କ ନାମରେ ମେହେନ୍ଦି କରିଥିଲେ। ସେ ହାତରେ ମେହେନ୍ଦ୍ରୀ ଲଗାଇ ସ୍ୱାମୀଙ୍କ ନାମ ଲେଖିଥିଲେ। ଏହା ପରେ ଅନୁରାଧା ମଙ୍ଗଳବାର ନାଲି ଶାଢ଼ୀ ପିନ୍ଧି ବିବାହ ମଣ୍ଡପରେ ପହଞ୍ଚି ଥିଲେ।

# ସିଏଏ ବିରୋଧରେ ସୁପ୍ରିମକୋର୍ଟ ଗଲା ଆଇୟୁଏମ୍‌ଏଲ୍

**ନୂଆଦିଲ୍ଲୀ, ୧୨ ।୩(ଏଜେନ୍ସି)**

ନାଗରିକତା(ସଂଶୋଧନ) ଆଇନ ବା ସିଏଏ'ର ସଦ୍ୟ ବିଜ୍ଞପିତ ସଂଶୋଧିତ ନିୟମଗୁଡ଼ିକ ଖୁବ୍ ସଂକ୍ଷିପ୍ତ, ଖଣ୍ଡିତ, ଛିନ୍ନ ତଥା ଅସମ୍ପୂର୍ଣ୍ଣ ଓ ଅସଙ୍ଗତ ଲାଗୁଥିବା ବେଳେ ପୂର୍ବରୁ ଅନୁସୃତ ନିୟମକୁ କୋହଳ କରାଯାଇ ଯେଉଁଭଳି ନାଗରିକତା ପ୍ରଦାନ ପ୍ରକ୍ରିୟାକୁ କ୍ଷୀପ୍ରତର କରାଯାଇଛି ତାହାର ବୈଧତା ଉଚ୍ଚତମ ଅଦାଲତରେ ପରଖାଯିବା ଆବଶ୍ୟକ ବୋଲି ଦର୍ଶାଇ ଇଣ୍ଡିଆନ ୟୁନିଅନ୍ ମୁସଲିମ୍ ଲିଗ୍ (ଆଇୟୁଏମଏଲ) ପକ୍ଷରୁ ଆଜି ସୁପ୍ରିମକୋର୍ଟରେ ଏକ ଯାଚିକା ଦାଖଲ କରାଯାଇଛି। ଆଇୟୁଏମଏଲ ପକ୍ଷରୁ ଆଡଭୋକେଟ୍ ପଲ୍ଲବୀ ପ୍ରତାପ ଦାଖଲ କରିଥିବା ଏହି ଯାଚିକାରେ ଦର୍ଶାଯାଇଛି ଯେ ସଂଶୋଧିତ ସିଏଏ ଷ୍ଟାଚ୍ୟୁଟ ଓ ରେଗୁଲେସନ୍ସଗୁଡ଼ିକର ଲାଭ ପାଇବାରୁ ମୁସଲିମମାନଙ୍କୁ ବଞ୍ଚିତ କରାଯିବା ଧର୍ମୀୟ ଭେଦଭାବ ଓ ବାଛବିଚାର ଆଧାରିତ ହୋଇଥିବା ହେତୁ ସମ୍ବିଧାନସମ୍ମତ ନୁହେଁ। ଯେଉଁଭଳି ଭାବେ ଅଣମୁସଲିମ୍ ଶରଣାର୍ଥୀଙ୍କୁ ଫାଷ୍ଟ-ଟ୍ରାକରେ ନାଗରିକତା ପ୍ରଦାନ ଲକ୍ଷ୍ୟରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରେ ଧର୍ମୀୟ ବିଦ୍ୱେଷ, ଆକ୍ରୋଶ, ନିର୍ଯ୍ୟାତନା ଓ ହିଂସାର ଶରବ୍ୟ ବା ଶିକାର ହୋଇ ଭାରତକୁ ଶରଣାର୍ଥୀ ଭାବେ ଆସିଥିବା ହିନ୍ଦୁ, ଶିଖ୍ ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଭାରତର ନାଗରିକତା ପାଇପାରିବା ନେଇ ନୂଆ ନିୟମ ଗଢ଼ାଯାଇଛି ତାହା ଦେଶର ଧର୍ମନିରପେକ୍ଷତା ବୈଶିଷ୍ଟ୍ୟର ବିରୋଧାଚରଣ କରୁଛି। କେନ୍ଦ୍ର ସରକାର ୨୦୧୯ରେ ସଂସଦରେ ନାଗରିକତା(ସଂଶୋଧନ) ଆଇନ ପାସ୍ କରାଇ ରାଷ୍ଟ୍ରପତିଙ୍କ ସମ୍ମତି ହାସଲ କରିବାର ୪ବର୍ଷ ବିତିବା ପରେ ଯାଇ ଏବେ ନୂଆ ଆଇନ ସମ୍ପର୍କିତ ନିୟମାବଳୀ ଲାଗୁ କରିଛନ୍ତି। ତେଣୁ ଉଚ୍ଚତମ ନ୍ୟାୟାଳୟଙ୍କ ଚୂଡ଼ାନ୍ତ ରାୟ ଆସିବା ଯାଏ ଅପେକ୍ଷା କରାଗଲେ କାହାରି କିଛି ସ୍ୱାର୍ଥହାନୀ ଘଟିବ ନାହିଁ। ଯଦି ଶେଷରେ ସିଏଏ ଅସାମ୍ବିଧାନିକ ବୋଲି ରାୟ ଦିଅନ୍ତି ତେବେ ସଂଶୋଧିତ ଆଇନ ବଳରେ ନାଗରିକତା ପାଇଥିବା ବ୍ୟକ୍ତିଙ୍କ ନାଗରିକ ମାନ୍ୟତା ପ୍ରତ୍ୟାହାର କରାଯିବା ଭଳି ଅପ୍ରୀତିକର ପରିସ୍ଥିତି ଉପୁନ୍ନ ହେବ। ତେଣୁ ସଦ୍ୟ ବିଜ୍ଞପିତ ସିଏଏ ନିୟମାବଳୀ ଉପରେ ରହିତାଦେଶ ଦିଆଯିବା ବାଞ୍ଛନୀୟ। ସିଏଏ ମାମଲାରେ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ମିଳିବା ପୂର୍ବରୁ ନାଗରିକତା ଆଇନ, ପାସପୋର୍ଟ ଆଇନ ଓ ଫରେନର୍ସ ଆଇନକୁ ନେଇ ମୁସଲିମମାନେ ଯେପରି ଅସୂୟା ଓ ଆକ୍ରୋଶର ଶରବ୍ୟ ନହୁଅନ୍ତି ତାହା ସୁନିଶ୍ଚିତ କରାଯିବା ଆବଶ୍ୟକ। ଯାଚିକାର ଜରୁରୀ ଶୁଣାଣି ପାଇଁ ଆଇୟୁଏମଏଲ ପକ୍ଷରୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କୁ ନିବେଦନ କରାଯାଇଛି।




### ଉତ୍ସବ ମନାଉଛନ୍ତି ହିନ୍ଦୁ ଶରଣାର୍ଥୀ

ଦେଶରେ ସିଏଏ ଲାଗୁ ହେବା ପରେ ରାଜସ୍ଥାନ, ପଶ୍ଚିମବଙ୍ଗ ପରି ରାଜ୍ୟରେ ରହୁଥିବା ପାକିସ୍ତାନୀ ହିନ୍ଦୁ, ଶିଖ ଶରଣାର୍ଥୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅନେକ ସ୍ଥାନରେ 'ଭାରତ ମାତା କି ଜୟ', ' ମୋଦୀ ଜିନ୍ଦାବାଦ' ନାରା ଦେଇ ସେମାନେ ଖୁସିବ୍ୟକ୍ତ କରିଛନ୍ତି । ଖାଲି ଏତିକି ନୁହେଁ , ଶରଣାର୍ଥୀମାନେ ବାଜା ବଜାଇବା ସହ ବାଣ ଫୁଟାଇ ଖୁସି ମନାଇଛନ୍ତି ।ରାଜସ୍ଥାନ, ଦିଲ୍ଲୀ, ଗୁଜରାଟ, ଆସାମ ଏବଂ ପଶ୍ଚିମବଙ୍ଗରେ ରହିଥିବା ଶରଣାର୍ଥୀଙ୍କ ଶିବିରରେ ଖୁସିର ଲହରି ଖେଳି ଯାଇଥିବା ଦେଖିବାକୁ ମିଳିଛି। ସେମାନେ ଏବେ ଭାରତରେ ସ୍ଥାୟୀ ନାଗରିକ ହେବାକୁ ଯାଉଥିବାରୁ ଖୁସିରେ ଉତ୍ସବ ମନାଇଛନ୍ତି।

ଆସନ୍ତା ଶହେ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ବଳରେ କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟା ମାନବ ବୁଦ୍ଧିମତ୍ତାଠାରୁ ବହୁ ଆଗକୁ ଚାଲିଯିବ! ସେତେବେଳକୁ ଆମର ଏବଂ କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟାର ଲକ୍ଷ୍ୟପଥ ମଧ୍ୟରେ ଯେପରି ପାର୍ଥକ୍ୟ ନରହେ , ତାହା ସୁନିଶ୍ଚିତ କରିବାକୁ ପଡ଼ିବ।

-ଷ୍ଟିଫେନ ହକିଙ୍ଗ



ସକାଳ
THE SAKALA

## ନାଗରିକତା (ସଂଶୋଧନ) ଅଧିନିୟମ ବିଜ୍ଞପ୍ତି

# ନିର୍ଯାତିତ ଶରଣାର୍ଥୀଙ୍କୁ ଐତିହାସିକ ନ୍ୟାୟ

ସାଧାରଣ ନିର୍ବାଚନର ଅଳ୍ପଦିନ ପୂର୍ବରୁ ଭାରତ ସରକାର ନାଗରିକତା (ସଂଶୋଧନ) ଅଧିନିୟମ (ସିଏଏ)ର ବିଜ୍ଞପ୍ତି ସୋମବାର ଜାରି କରିଛନ୍ତି। ଏହାସହିତ ଏହି ସଂଶୋଧିତ ଅଧିନିୟମର ପ୍ରୟୋଗ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ସିଏଏ ଦ୍ୱାରା ଭାରତ ସରକାର ପଡ଼ୋଶୀ ଦେଶରେ ଅତ୍ୟାଚାରିତ ହୋଇ ଆମ ଦେଶରେ ଶରଣାର୍ଥୀ ଜୀବନ ବିତାଉଥିବା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନମାନଙ୍କୁ ସ୍ଥାୟୀ ନାଗରିକତା ପ୍ରଦାନ କରିବେ। ଯେଉଁମାନେ ୨୦୧୪ ଡିସେମ୍ବର ଶେଷ ସୁଦ୍ଧା ଭାରତକୁ ଆସି ଆଶ୍ରୟ ନେଇଛନ୍ତି, ସେମାନଙ୍କୁ ଏହି ନାଗରିକତ୍ୱ ପ୍ରଦାନ କରାଯିବ ଏବଂ ସେମାନେ ଦେଶର ସ୍ଥାୟୀ ନାଗରିକ ପାଲଟିବେ। ଏହାପରେ ଯେଉଁମାନେ ଆସିଛନ୍ତି ବା ଆସିବେ ସେମାନଙ୍କୁ ନାଗରିକତା ଆଇନ ୧୯୫୫ରେ ଥିବା ବ୍ୟବସ୍ଥା ମାଧ୍ୟମରେ ନାଗରିକତା ପ୍ରଦାନ ପାଇଁ ବିଚାର କରାଯିବ। କେବଳ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶରେ ନିର୍ଯାତିତ ହୋଇ ଭାରତକୁ ଶରଣାର୍ଥୀ ଭାବେ ପଳାଇ ଆସିଥିବା ଅଣମୁସଲମାନମାନଙ୍କ ପାଇଁ ଏହି ଅଧିନିୟମ ଉଦ୍ଦିଷ୍ଟ।

ଭାରତର ବିଭାଜନ ଧର୍ମଭିତ୍ତିରେ ହେବା ପରେ ମୁସଲମାନମାନେ ସେମାନଙ୍କର ନିଜସ୍ୱ ଦେଶ 'ପାକିସ୍ତାନ' ପାଇଲେ; କିନ୍ତୁ ସେ ଦେଶ ଓ ପରବର୍ତ୍ତୀ କାଳରେ ବାଂଲାଦେଶ ଓ ଆଫଗାନିସ୍ତାନରେ ଥିବା ସଂଖ୍ୟାଲଘୁ ନାଗରିକମାନେ ନିର୍ଯାତିତ ହୋଇ ଶେଷ ଗନ୍ତବ୍ୟ ଭାବେ ଭାରତକୁ ପଳାଇ ଆସିଥିଲେ। ଦୀର୍ଘଦିନ ଧରି ସେମାନେ ପିଢ଼ି ପରେ ପିଢ଼ି ଭାରତରେ କଟାଇଥିଲେ ମଧ୍ୟ ଏ ଯାଏଁ ସେମାନଙ୍କୁ ସ୍ଥାୟୀ ନାଗରିକତ୍ୱ ମିଳିନଥିଲା। ତେଣୁ ଏହି ନୂତନ ଅଧିନିୟମକୁ ଅନେକେ ଭାରତ ବିଭାଜନ ପ୍ରକ୍ରିୟାର ଅସମାପ୍ତ ଅଧ୍ୟାୟ ବୋଲି ଆଖ୍ୟା ଦେଉଛନ୍ତି। କାରଣ ଏହି ଅଧିନିୟମ ମାଧ୍ୟମରେ ବିଭାଜନ ପରବର୍ତ୍ତୀ ନିର୍ଯାତିତ ସଂଖ୍ୟାଲଘୁ ଲୋକମାନେ ସେଠାରେ ନିଜ ଜନ୍ମମାଟି ଛାଡ଼ି ଭାରତ ପଳାଇ ଆସିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥାୟୀ ନାଗରିକତା ପାଇ ନ ଥିଲେ। ମାନବିକ ଦୃଷ୍ଟିକୋଣରୁ ଏହା ଭାରତ ସରକାରଙ୍କର ଏକ ଉତ୍ତମ ଓ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ୨୦୦୩ରେ ଏହି ନାଗରିକତ୍ୱ ପ୍ରସଙ୍ଗ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ରାଜ୍ୟସଭାରେ ଉଠାଇଥିଲେ; କାରଣ ସେ ଓ ତାଙ୍କ ପରିବାର ଅସଂଖ୍ୟ ନିର୍ଯାତିତଙ୍କ ପରିବାର ମଧ୍ୟରୁ ଅନ୍ୟତମ, ଯେଉଁମାନେ ଦେଶ ବିଭାଜନ ସମୟରେ ଭାରତକୁ ପଳାଇ ଆସିଥିଲେ। କିନ୍ତୁ ତତ୍କାଳୀନ କଂଗ୍ରେସ ସରକାର ଏ ଦିଗରେ ବିଶେଷ କିଛି କରିପାରି ନଥିଲା।

ଏଠାରେ ସୂଚନାଯୋଗ୍ୟ ଯେ ସିଏଏକୁ ଦେଶର ସଂସଦ ୨୦୧୯ରେ ଅନୁମୋଦନ କରିଥିଲା। ପ୍ରାୟ ପାଞ୍ଚବର୍ଷ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାର କାର୍ଯ୍ୟକାରିତା ଘେନି ବିଜ୍ଞପ୍ତି ପ୍ରକାଶ କରିଛି। ମୋଦୀଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ସରକାର ସାଧାରଣ ନିର୍ବାଚନ ଆଗରୁ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ପୂର୍ବରୁ ଯେଉଁ ଘୋଷଣା କରିଥିଲେ ତାହା ଏବେ କାର୍ଯ୍ୟକାରୀ କରିଛନ୍ତି। ଏହା ସହିତ ୧୯୫୫ର ନାଗରିକତା ଆଇନର ଆବଶ୍ୟକୀୟ ସଂଶୋଧନ ମଧ୍ୟ କରାଯାଇଛି। ଯେଉଁସବୁ ନିର୍ଯାତିତ ଲୋକ ଭାରତରେ ଆଶ୍ରୟ ନେଇଛନ୍ତି, ସେମାନଙ୍କୁ ଫାଷ୍ଟଟ୍ରାକ୍ ବ୍ୟବସ୍ଥା ମାଧ୍ୟମରେ ଛ'ବର୍ଷ ମଧ୍ୟରେ ନାଗରିକତା ମିଳିବ। ତେବେ ଏହି ଆଇନରେ ସମ୍ପୃକ୍ତ ତିନିଦେଶର ମୁସଲମାନମାନଙ୍କୁ ଭାରତର ନାଗରିକତା ମିଳିବ ନାହିଁ। କାରଣ ସେମାନଙ୍କର ମାତୃଭୂମି ବା ହୋମଲାଣ୍ଡ ରହିଛି ଏବଂ ସେମାନେ ସେଠାରେ ସଂଖ୍ୟାଗରିଷ୍ଠ ହୋଇଥିବାରୁ ନିର୍ଯାତିତ ସଂଖ୍ୟାଲଘୁ ବୋଲି ଧରାଯାଇପାରିବ ନାହିଁ। ତେଣୁ ଯେଉଁ ମୁସଲମାନମାନେ ବାଂଲାଦେଶ, ପାକିସ୍ତାନ, ଆଫଗାନିସ୍ତାନ ଓ ମିଆଁମାର ଆଦିରୁ ଭାରତ ଭିତରକୁ ପଶି ଆସି ଏଠାରେ ବସବାସ କରୁଛନ୍ତି, ସେମାନଙ୍କୁ ଏହି ନୂତନ ଅଧିନିୟମର ସୁବିଧା ମିଳିବନି ସିନା କିନ୍ତୁ ନାଗରିକତା ଆଇନ ୧୯୫୫ରେ ଥିବା ସର୍ବକାଳୀନ ବ୍ୟବସ୍ଥା ପ୍ରକ୍ରିୟାରେ ସେମାନଙ୍କର ଅଭିଯୋଗ ଶୁଣାଯିବ। ତେବେ ସେମାନଙ୍କୁ ଦେଶରୁ ନିକାଲିବାକୁ ସିଏଏରେ କୌଣସି ଦଫା ବା ନିୟମ ନାହିଁ।

ଭାରତ ଏକ ବିଚିତ୍ର ଦେଶ। ଏଥିରେ ସବୁ କଥାରେ ରାଜନୀତି ପଶେ ଏବଂ ଅନେକ ଲୋକ ଓ ରାଜନୈତିକ ଦଳ ମନଗଢ଼ା କାହାଣୀ ପ୍ରଚାର କରି ରାଜନୀତି କରନ୍ତି। ଲୋକଙ୍କୁ ଉସୁକାଇ ସରକାର ନିଷ୍ପତ୍ତି ବିରୋଧରେ ପ୍ରତିବାଦ ଆରମ୍ଭ କରନ୍ତି। ସିଏଏ ପ୍ରତି ମଧ୍ୟ ଏକାଧିକ ରାଜନୈତିକ ଦଳଙ୍କର ନିର୍ଦ୍ଦିଷ୍ଟ ଅଭିସନ୍ଧିମୂଳକ ବିଚାର ଓ ଭାବନା ରହିଛି। ସେମାନେ ପ୍ରଚାର କରୁଛନ୍ତି ଯେ ସିଏଏ ଦ୍ୱାରା ଭାରତରେ ମୁସଲମାନମାନଙ୍କ ନାଗରିକତ୍ୱର ଅବସାନ ଘଟିବ ଓ ସେମାନଙ୍କୁ ଦେଶରୁ ବାହାର କରି ଦିଆଯିବ। ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ଏକ ଗୁଜବ। ସିଏଏ ଭାରତରେ ରହୁଥିବା ହିନ୍ଦୁ, ବୌଦ୍ଧ, ଜୈନ, ଶିଖ ଓ ଖ୍ରୀଷ୍ଟିୟାନ ଶରଣାର୍ଥୀମାନଙ୍କୁ ନାଗରିକତା ଦେବାକୁ ଉଦ୍ଦିଷ୍ଟ, କିନ୍ତୁ କାହାରି ନାଗରିକତା ଉଚ୍ଛେଦ କରିବା ପାଇଁ ଏହି ଅଧିନିୟମରେ ବ୍ୟବସ୍ଥା ନାହିଁ। ଯେଉଁ ମୁସଲମାନମାନେ ଦେଶ ବିଭାଜନ ପରେ ଭାରତରେ ଏକ ନିର୍ଦ୍ଦିଷ୍ଟ ସମୟ ପରେ ଅନୁପ୍ରବେଶ କରିଛନ୍ତି ଏବଂ ଏବେ ସୁଦ୍ଧା ବାଂଲାଦେଶ ପଟରୁ କରି ଚାଲିଛନ୍ତି ସେମାନଙ୍କୁ କିନ୍ତୁ ଏସବୁ ସୁବିଧା ଏବେ ମିଳିବ ନାହିଁ। ସେଥିମଧ୍ୟରୁ ସର୍ବାଧିକ ହେଉଛନ୍ତି ବାଂଲାଦେଶର ବଙ୍ଗଭାଷୀ ଓ ମିଆଁମାରର ରୋହିଙ୍ଗିଆ ମୁସଲମାନ। ପଶ୍ଚିମବଙ୍ଗ, କେରଳ ଓ ଉତ୍ତରପୂର୍ବାଞ୍ଚଳରେ ଏମାନଙ୍କ ପ୍ରଭାବ ଅଧିକ ଓ ସେମାନେ ନିର୍ଦ୍ଦିଷ୍ଟ କେତେକ ରାଜନୈତିକ ଦଳର ଭୋଟବ୍ୟାଙ୍କ ପାଲଟି ଯାଇଛନ୍ତି।

ସୁତରାଂ ଯେଉଁମାନେ ସିଏଏକୁ ନେଇ ଚିନ୍ତିତ, ସେମାନେ ଏହି ସଂଶୋଧିତ ଅଧିନିୟମକୁ ଆଉଥରେ ପଢ଼ନ୍ତୁ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ମନେ ପକାନ୍ତୁ। ଏହି ସଂଶୋଧିତ ଅଧିନିୟମ କାହାରି ନାଗରିକତ୍ୱ ଛଡ଼ାଇ ନେବାକୁ ଉଦ୍ଦିଷ୍ଟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ବାରମ୍ବାର ସ୍ପଷ୍ଟୀକରଣ ଦେଇ ଆସିଛନ୍ତି। ତେଣୁ ଗୁଜବ ଓ ବିରୋଧ ଅର୍ଥହୀନ। ତଥାପି ୨୦୨୦ରେ ଦିଲ୍ଲୀର ଶାହିନବାଗ୍ ଓ ଉତ୍ତର-ପୂର୍ବ ଦିଲ୍ଲୀ ଅଞ୍ଚଳରେ ଯେଉଁଭଳି ଦଙ୍ଗା ଓ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ତାହା ଆମେ ସମସ୍ତେ ଦେଖିଛେ। ଏଥର ମଧ୍ୟ ବିଭିନ୍ନ ଜାଗାରେ ରାଜନୈତିକ ଦଳମାନେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରୁଛନ୍ତି। ଏପରିକି ଅଲ୍‌ଇଣ୍ଡିଆ ମୁସ୍‌ଲିମ୍ ଲିଗ୍ ଓ ଆଉ କେତେକ ଗୋଷ୍ଠୀ ପକ୍ଷରୁ ଏହି ଅଧିନିୟମ ବିରୁଦ୍ଧରେ ଅଦାଲତରେ ମାମଲା ରୁଜୁ କରାଯାଇଛି। ବିଶେଷକରି ଦେଖାଯାଉଛି ଯେ ଅଣବିଜେପି ଶାସିତ ଅନେକ ପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଏହି ଅଧିନିୟମକୁ ସେମାନଙ୍କ ରାଜ୍ୟରେ ଲାଗୁ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ସମ୍ବିଧାନ ଦୃଷ୍ଟିରୁ ଦେଖିଲେ ନାଗରିକତା ଆଇନ ଓ ତହିଁରେ ସଂଶୋଧନ ଆଦି କେନ୍ଦ୍ର ସରକାରଙ୍କ କ୍ଷମତା କ୍ଷେତ୍ରରେ ରହିଛି। ପ୍ରାଦେଶିକ ସରକାର ଏଥିରେ ହସ୍ତକ୍ଷେପ କରିବାର କୌଣସି ସାମ୍ବିଧାନିକ ଔଚିତ୍ୟ ଓ ଆଇନଗତ ଅଧିକାର ନାହିଁ। ସେମାନେ କେବଳ ବିଜେପିକୁ ବିରୋଧ କରିବା ନାଁରେ ଏ ସବୁ କରୁଛନ୍ତି ଏଥିରେ ସନ୍ଦେହ ନାହିଁ। ଆହୁରି ମଧ୍ୟ ଆଗକୁ ଯେଉଁ ଜାତୀୟ ନାଗରିକ ପଞ୍ଜିକା ବା ଏନ୍‌ଆର୍‌ସି କାର୍ଯ୍ୟକାରୀ ହେବାକୁ ଯାଉଛି ସେଥିରେ ଭାରତରେ ଦୀର୍ଘଦିନ ଧରି ବେଆଇନ ଭାବେ ବସବାସ କରୁଥିବା ପଡ଼ୋଶୀ ଦେଶର ମୁସଲମାନମାନଙ୍କୁ ସ୍ଥାୟୀ ନାଗରିକତା ପ୍ରଦାନର ବ୍ୟବସ୍ଥା କରାଯାଉଛି। ଏହା କାର୍ଯ୍ୟକାରୀ ହେଲେ ଶରଣାର୍ଥୀ ନାଗରିକତା ଓ ଥଇଥାନ ନେଇ ସବୁ ସଂଶୟ ଓ ଦ୍ୱନ୍ଦ୍ୱ ଦୂର ହେବ। ଏହି ପ୍ରକ୍ରିୟା ଆସାମରେ ସୁପ୍ରିମକୋର୍ଟର ତତ୍ତ୍ୱାବଧାନରେ ପ୍ରଥମେ କରାଯାଉଛି।

ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏ ବିଷୟଟି ବିଶେଷ ସମ୍ବେଦନଶୀଳତା ସୃଷ୍ଟି କରିବ ଏବଂ ଦେଶର ବିଭିନ୍ନ ମୁସଲମାନ ବହୁଳ ଅଞ୍ଚଳଗୁଡ଼ିକରେ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି ହୋଇପାରେ। କେନ୍ଦ୍ର ସରକାର ଏଭଳି ସମ୍ଭାବ୍ୟ ଘଟଣାମାନଙ୍କ ଉପରେ ତୀକ୍ଷ୍ଣ ନଜର ତ ରଖିବେ, କିନ୍ତୁ ଅଣବିଜେପି ଶାସିତ ପ୍ରଦେଶଗୁଡ଼ିକରେ ଏଭଳି ସାମ୍ପ୍ରଦାୟିକ ଅସ୍ଥିରତାକୁ ପ୍ରଶ୍ରୟ ମିଳିବ ନାହିଁ ବୋଲି ଆମେ ଆଶା କରୁ। ଭାରତ ଓ ଭାରତ ବାହାରେ ଥିବା ହିନ୍ଦୁ, ଶିଖ ଓ ବୌଦ୍ଧ ଆଦି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଏହି ନୂତନ ବ୍ୟବସ୍ଥାକୁ ସ୍ୱାଗତ କରିବା ସ୍ୱାଭାବିକ। ଭାରତର ଅନେକ ମୁସଲମାନ ଗୋଷ୍ଠୀ ମଧ୍ୟ ଏଥିରେ ଭାରତର ଜାତୀୟ ସ୍ୱାର୍ଥ ଲକ୍ଷ୍ୟ କରିପାରିଛନ୍ତି। କେବଳ ମୁଷ୍ଟିମେୟ ରାଜନୀତିରେ ପ୍ରେରିତ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ଏଭଳି ପରିସ୍ଥିତିରେ ଆସନ୍ତା ସାଧାରଣ ନିର୍ବାଚନ ମୁକ୍ତ, ଅବାଧ ଓ ସାମ୍ପ୍ରଦାୟିକ ବିଦ୍ୱେଷ ବିନା ସମ୍ପାଦିତ ହୋଇପାରିଲେ ପୃଥିବୀର ବୃହତ୍ତମ ଗଣତନ୍ତ୍ରରେ ସଦ୍‌ଭାବନା ଓ ସଂହତି ସୁନିଶ୍ଚିତ ହୋଇପାରିବ। ●

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଏଆଇ ଦୁରୁପଯୋଗର ନିରାକରଣ



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଆନ୍ତର୍ଜାତିକସ୍ତରରେ ୨୦୨୪ରେ ୫୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ସ୍ଥାନୀୟ ସରକାର ଗଠନ ନିମନ୍ତେ ନିର୍ବାଚନ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ଅବସରରେ ନିର୍ବାଚନ ପ୍ରଚାରରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଉପଯୋଗରେ ଅସତ୍ୟ ଓ ବିଭ୍ରାନ୍ତିକର ଖବର ପ୍ରସାର ଜନିତ ବିପତ୍ତିକୁ ନେଇ ବିଭିନ୍ନ ସ୍ତରରେ ଉଦବେଗ ପ୍ରକାଶ ପାଇଛି। ଅନେକ ରାଷ୍ଟ୍ରରେ ସରକାରଙ୍କ ପକ୍ଷରୁ ପ୍ରଯୁକ୍ତି ବିଦ୍ୟା ଓ ସାମାଜିକ ଗଣମାଧ୍ୟମ ମଞ୍ଚର କର୍ମକର୍ତ୍ତାମାନଙ୍କୁ ଏହି ଦିଗରେ ବୈଷୟିକ କୌଶଳ ଉପଯୋଗରେ ଅସତ୍ୟ ପ୍ରସାର ରୋକିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କେତେକ ରାଷ୍ଟ୍ରରେ ଆଧୁନିକ ପ୍ରଯୁକ୍ତି କୌଶଳ ଦୁରୁପଯୋଗ ପ୍ରତିରୋଧ ନିମନ୍ତେ ଆଇନ ମଧ୍ୟ ପ୍ରଣୟନ ହୋଇଛି କିମ୍ବା ପ୍ରଚଳିତ ଆଇନକୁ ସଶକ୍ତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି।

ଏଆଇ ଏକ କ୍ରମବିକଶିତ ପର୍ଯ୍ୟାୟ ମଧ୍ୟ ଦେଇ ଗତି କରୁଥିବା ହେତୁ ଏ କ୍ଷେତ୍ରରେ ଗବେଷଣା ଓ ନୂତନ ଉତ୍ପାଦ ଉଦ୍ଭାବନରେ କୌଣସି ରାଷ୍ଟ୍ର ପ୍ରତିବନ୍ଧକ ସୃଷ୍ଟି କରିବା ନିମନ୍ତେ ଅନିଚ୍ଛୁକ। ଏକପକ୍ଷରେ ଏଆଇ ଦ୍ୱାରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନଠାରୁ ଆରମ୍ଭ କରି କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଓ ମନୋରଞ୍ଜନ ଆଦି ପ୍ରତ୍ୟେକ ସ୍ତରରେ ଯୁଗାନ୍ତକାରୀ ପରିବର୍ତ୍ତନ ଏବଂ ତଦ୍‌ଜନିତ ଗୁଣବତ୍ତା ବିକାଶର ସୁବିଧାସୁଯୋଗ କେହି ହାତ ଛଡ଼ା କରିବା ଚାହାନ୍ତି ନାହିଁ। ଅପରପକ୍ଷରେ ଏଆଇର ଦୁରୁପଯୋଗ ସମତାଳରେ ବଢ଼ି ଚାଲିଥିବା ବେଳେ କୌଣସି ପ୍ରଯୁକ୍ତି ବିଦ୍ୟା ବା ସଫ୍ଟୱେର ଅନୁଷ୍ଠାନ କିମ୍ବା ସରକାର ଏକାକୀ ଏହାର ମୁକାବିଲା କରିବା ସମ୍ଭବ ନୁହେଁ। ଏହି ପରିପ୍ରେକ୍ଷୀରେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ବର୍ଗର ସମ୍ମିଳିତ ପ୍ରଚେଷ୍ଟା ଜରୁରୀ।

ଜର୍ମାନୀର ମ୍ୟୁନିକ୍ ସହରରେ ଗତ ଫେବୃଆରୀ ୧୬ରୁ ୧୮ ତାରିଖ ତିନିଦିନ ଧରି 'ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା। ଏହି ମଞ୍ଚରେ ଏଆଇ ଉତ୍ପାଦ ଓ ସେବାରେ ସମ୍ପୃକ୍ତ ବିଶ୍ୱର କେତେକ ପ୍ରମୁଖ କମ୍ପାନୀ ଆଗାମୀ ନିର୍ବାଚନରେ ଏଆଇ ଦୁରୁପଯୋଗ ପ୍ରତିରୋଧ ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଏକ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଛନ୍ତି। ସେମାନଙ୍କ ମଧ୍ୟରେ ଆଡୋବ, ଆମାଜନ, ଗୁଗୁଲ, ଆଇବିଏମ, ମେଟା, ମାଇକ୍ରୋସଫ୍ଟ, ଓପନ ଏଆଇ ଓ ଟିକଟକ ଭଳି ପ୍ରସିଦ୍ଧ କମ୍ପାନୀ ସହ ଆନ୍ଥ୍ରୋପିକ, ଇନଫେକ୍ସନ ଏଆଇ ଭଳି ସଫ୍ଟୱେର ସଂସ୍ଥା, ଇଲେଭେନ ଲ୍ୟାବ ଭଳି ଭଏସ-କ୍ଲୋନ ସେବା, ମ୍ୟାକ ଆଫି, ଟ୍ରେଣ୍ଡସ ମାଇକ୍ରୋ ଭଳି ପ୍ରତିରକ୍ଷା ସେବା ଓଷ୍ଟବିଲିଟି ଏଆଇ, ଷ୍ଟେବଲ ଡିଫ୍ୟୁଜନ ଭଳି ଇମେଜ-ଜେନେରେଟର କମ୍ପାନୀ ସାମିଲ ଥିବା ଜଣାପଡ଼ିଛି। ଏକ୍ସ ସମେତ ଅନ୍ୟ କେତେକ କମ୍ପାନୀ ପରେ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିବା ସୂଚନା ମିଳିଛି।

'ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀ'ର ୨୦୨୪ରେ ୬୦ତମ ଅଧିବେଶନ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ୭୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ୩୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବିଶେଷଜ୍ଞ ଯୋଗ ଦେଇଥିଲେ। କ୍ରମାଗତ ଭାବେ ୧୯୬୩ରୁ ଆୟୋଜିତ ଏହି ସ୍ୱାଧୀନ ସମ୍ମିଳନୀରେ ବିଭିନ୍ନ ବିଶେଷଜ୍ଞ, ପ୍ରଶାସକ, ରାଜନୈତିକ ନେତୃବର୍ଗ ଓ ସାମାଜିକ କର୍ମୀ ପ୍ରମୁଖ ଯୋଗ ଦେଇ ବିଶ୍ୱସୁରକ୍ଷା ଦିଗରେ ବହୁଦିଗରୁ ଆଲୋଚନା କରିଥା'ନ୍ତି। ଆୟୋଜକଙ୍କ ବିଚାରରେ ଏଆଇ, ମୁଖ୍ୟତଃ ଡିପ୍‌ଫେକ୍ ଉପଯୋଗରେ ନିର୍ବାଚନ ପ୍ରଚାରରେ ବିଭ୍ରାନ୍ତି ଏକ ଆନ୍ତର୍ଜାତିକ ସମସ୍ୟା ଭାବେ ବିବେଚିତ ହୋଇ ସମ୍ମିଳୀନରେ ବିଚାରବିମର୍ଶ ଆହ୍ୱାନ କରାଯାଇଛି।

୨୦୨୪ରେ ବିଭିନ୍ନ ରାଷ୍ଟ୍ରରେ ଅନୁଷ୍ଠିତ ହୋଇସାରିଥିବା ଏବଂ ହେବାକୁ ଯାଉଥିବା ନିର୍ବାଚନରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଅଂଶଗ୍ରହଣ କରୁଥିବା ଜଣାପଡ଼ିଛି। ଗତ ଫେବୃୟାରୀରେ ବାଂଲାଦେଶ, ପାକିସ୍ତାନ, ତାଇୱାନ ଓ ଇଣ୍ଡୋନେସିଆରେ ନିର୍ବାଚନ ସରିଥିବା ବେଳେ ଭାରତ, ରୁଷ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନଠାରୁ ଦକ୍ଷିଣ ଆଫ୍ରିକା, ଏଲସାଲଭାଡେର ଭଳି ରାଷ୍ଟ୍ରରେ ଆଉ କିଛି ମାସ ପରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏଆଇର ଦୁରୁପଯୋଗକୁ ନିୟନ୍ତ୍ରଣ କରିବା ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ।



ବର୍ତ୍ତମାନ ନିର୍ବାଚନ ପ୍ରଚାରରେ ଇମେଜ ଜେନେରେଟର ଯୋଗେ ଅସତ୍ୟ ଭିଡିଓ ଓ ଭଏସ-କ୍ଲୋନିଂ ଯୋଗେ ଅସତ୍ୟ ଅଡିଓ ପ୍ରଯୋଜନା ଓ ପ୍ରସାର ନିର୍ବାଚନ ପ୍ରଚାରରେ ବ୍ୟବହୃତ ହେଉଥିବା ଦେଖିବାକୁ ମିଳିଛି। ଜାନୁୟାରୀ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁ ହାମ୍ପସ୍ୱିୟାରଠାରେ ରାଷ୍ଟ୍ରପତି ନିର୍ବାଚନର ପ୍ରାରମ୍ଭିକ ପର୍ଯ୍ୟାୟରେ ରାଷ୍ଟ୍ରପତି ଜୋ ବାଇଡନ ଜନସାଧାରଣଙ୍କୁ ଭୋଟ ଦେବାରେ ନିରୁତ୍ସାହିତ କରୁଥିବା ଅଡିଓ ପ୍ରସାରିତ ହୋଇଥିଲା। ଅନ୍ୟ ଚର୍ଚ୍ଚିତ ଉଦାହରଣ ମଧ୍ୟରେ ସ୍ଲୋଭାକିଆ ନିର୍ବାଚନରେ ଜେଲ୍‌ରେ ଥିବା ଜଣେ ପ୍ରାର୍ଥୀ ଜନବିରୋଧୀ ମନ୍ତ୍ରଣା କରୁଥିବା ଅଡିଓ ସୋସିଆଲ ମିଡିଆରେ ଘୂରି ବୁଲିଥିଲା।

ମ୍ୟୁନିକ୍ ଏଆଇ ଦୁରୁପଯୋଗ ପ୍ରତିରୋଧ ଚୁକ୍ତି ପ୍ରମୁଖ ପ୍ରଯୁକ୍ତି ମଞ୍ଚଙ୍କ ପକ୍ଷରୁ ବିଚାର ବିମର୍ଶ ପରେ ଗୃହୀତ। ମୂଳତଃ ଏହା ସାଙ୍କେତିକ। ଯେଉଁ ମଞ୍ଚଗୁଡ଼ିକ ବ୍ୟବହାର କରି ଡିପ୍‌ଫେକ୍ ପ୍ରସ୍ତୁତ କରାଯାଉଛି ଏବଂ ଯେଉଁ ମଞ୍ଚଗୁଡ଼ିକରେ ପ୍ରସାରିତ ହେଉଛି ଉଭୟ ବର୍ଗର ଆୟୋଜକଗଣ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ପ୍ରସ୍ତୁତ ଅଡିଓ ଓ ଭିଡିଓ ପ୍ରତି ସତର୍କ ଦୃଷ୍ଟି ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। କୌଣସି ସୃଜନକୁ ବାରଣ କରିବା କିମ୍ବା ମଞ୍ଚରୁ ବାହାର କରିଦେବା ଭଳି ଚରମ ପଦକ୍ଷେପ ନେବା ନିମନ୍ତେ ପରାମର୍ଶ ଦିଆଯାଇନାହିଁ। ବିଭିନ୍ନ ରାଷ୍ଟ୍ରରେ ପ୍ରଚଳିତ ନିୟମକାନୁନ ଅନୁଯାୟୀ ସୃଜନ ଓ ସୃଜନ ପ୍ରସାରଣ ନିୟନ୍ତ୍ରଣକୁ ଉଚିତ ବ୍ୟବସ୍ଥା ଦର୍ଶାଯାଇଛି। ମ୍ୟୁନିକ୍ ଚୁକ୍ତିରେ ୨୦୨୪ ନିର୍ବାଚନ ପ୍ରଚାରକୁ ଦୃଷ୍ଟିରେ ରଖି ଆଠ ଗୋଟି ଦିଗକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମତଃ, ଏଆଇ ବ୍ୟବହାରରେ ଡିପ୍‌ଫେକ୍ ଭଳି ଅଡିଓ ଓ ଭିଡିଓ ସମସ୍ୟାର ସମାଧାନ ନିମନ୍ତେ ଗବେଷଣା ଓ ପ୍ରଯୁକ୍ତି କୌଶଳ ଉଦ୍ଭାବନ ପ୍ରତି ବିଭିନ୍ନ ମଞ୍ଚ ଧ୍ୟାନ ଦେବେ। ଦ୍ୱିତୀୟତଃ, ସାର୍ବଜନୀନସ୍ତରରେ ଡିପ୍‌ଫେକ୍ ନିର୍ବାଚନ ଉପାଦାନଗୁଡ଼ିକର ପ୍ରତିରୋଧ ନିମନ୍ତେ ସାଧନ ପ୍ରସ୍ତୁତିକୁ ଉତ୍ସାହିତ କରିବେ। ତୃତୀୟତଃ, କିଏ ନିର୍ବାଚନୀ ଡିପ୍‌ଫେକ୍ ପ୍ରସ୍ତୁତ କରୁଛି ଏବଂ କେଉଁସୂତ୍ରରୁ ପ୍ରକାଶିତ ହେଉଛି ତାହା ସହଜରେ ନିର୍ଣ୍ଣୟ କରିବା ନିମନ୍ତେ ଉଦ୍ୟମ କରାଯିବ। ଚତୁର୍ଥତଃ, ଡିପ୍‌ଫେକ୍ ଚିହ୍ନଟ ହେବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପଦକ୍ଷେପ ନିଆଯିବ। ପଞ୍ଚମତଃ, ନିର୍ବାଚନ ପ୍ରଚାରରେ ଡିପ୍‌ଫେକ୍ ପ୍ରସାରଣ ରୋକିବା ନିମନ୍ତେ ଗୋଟିଏ ପ୍ରଯୁକ୍ତି ମଞ୍ଚ ଅର୍ଜନ କରୁଥିବା ତଥ୍ୟ ଓ ଜ୍ଞାନ ଅନ୍ୟକୁ ପ୍ରଦାନ କରିବେ। ଫଳରେ ଏକ ସମ୍ମିଳିତ ଅଭିଯାନ ଆୟୋଜନ ସମ୍ଭବ ହେବ। ଷଷ୍ଠରେ, ପ୍ରସ୍ତାବିତ ଅଭିଯାନରେ ସ୍ୱଚ୍ଛତା ଅବଲମ୍ବନ ପ୍ରତି ଧ୍ୟାନ ଦିଆଯିବ। ସପ୍ତମତଃ, ନିର୍ବାଚନ ପ୍ରଚାରରେ ଏଆଇ ଦୁରୁପଯୋଗ ପ୍ରତିରୋଧ କାର୍ଯ୍ୟକ୍ରମରେ ସାମାଜିକ ସଂଗଠନଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାମିଲ କରାଯିବ। ଅଷ୍ଟମତଃ, ଅଭିଯାନକୁ ସଫଳ କରିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରିବା ତଥା ଗଣମାଧ୍ୟମ ସାକ୍ଷରତା ପ୍ରସାର ଭଳି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ ଇତ୍ୟାଦି।

ଏଆଇ କ୍ଷେତ୍ରରେ ଗବେଷଣା ତ୍ୱରାନ୍ୱିତ ହେବାରେ ଲାଗିଛି। ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ଡିପ୍‌ଫେକ୍ ପ୍ରତିରୋଧ ନିମନ୍ତେ ବିଚାରବିମର୍ଶ ଚାଲିଥିବା ଅବସରରେ ଚାଟ-ଜିପିଟି ପକ୍ଷରୁ ୧୫ ଫେବୃୟାରୀ ୨୦୨୪ରେ 'ସୋରା' ନାମକ ଏକ ନୂତନ ପ୍ରଯୁକ୍ତି କୌଶଳ ଉଦ୍ଭାବନ ଘୋଷଣା କରାଯାଇଥିଲା। ଲିଖିତ ନିର୍ଦ୍ଦେଶ ପାଇବା ସଙ୍ଗେସଙ୍ଗେ 'ସୋରା' କ୍ଷୁଦ୍ର ଅବଧିର ଭିଡିଓ ପ୍ରସ୍ତୁତ କରିବା କ୍ଷମତା ଅଧିକାରୀ। ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ, ଏହି ଧରଣର ପ୍ରଯୁକ୍ତି କୌଶଳ ପୂର୍ବରୁ ଗୁଗୁଲ, ମେଟାଓ ରନୱେ ଏଆଇ ଭଳି ସଂସ୍ଥା ପ୍ରସ୍ତୁତ କରିସାରିଥିଲେ ହେଁ 'ସୋରା'ର ଭିଡିଓର ମାନ ଗୁଣାତ୍ମକ ଦୃଷ୍ଟିରୁ ଭଲ ବୋଲି କୁହାଯାଉଛି। ଏହି ପ୍ରଯୁକ୍ତି କୌଶଳ ତୁରନ୍ତ ବ୍ୟବହାର ଲାଗି ସର୍ବସାଧାରଣରେ ଉପଲବ୍ଧ ହୋଇନଥିଲେ ସୁଦ୍ଧା ଅନୁରୂପ ସୁବିଧାସୁଯୋଗ ଡିପ୍‌ଫେକ୍ ଭିଡିଓ ପ୍ରସ୍ତୁତିକୁ ଅଧିକ ସୁଗମ କରିବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ଦଳେ ଗଣମାଧ୍ୟମ ସମୀକ୍ଷକ ପ୍ରମୁଖ ପ୍ରଯୁକ୍ତି କୌଶଳ ମଞ୍ଚଗୁଡ଼ିକ ପକ୍ଷରୁ ପ୍ରସ୍ତୁତ ମ୍ୟୁନିକ୍ ଚୁକ୍ତିକୁ ଡିପ୍‌ଫେକ୍ ଓ ଅନ୍ୟାନ୍ୟ ଏଆଇ ଦୁରୁପଯୋଗ ପ୍ରତିରୋଧ କ୍ଷେତ୍ରରେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବର୍ଣ୍ଣନା କରୁଥିବା ବେଳେ ଅନ୍ୟ ଦଳେ ଘୋଷିତ ନିର୍ଦ୍ଦେଶାବଳୀ ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ କରିଥା'ନ୍ତି। ମୁଖ୍ୟତଃ, ଲିଖିତ ନିର୍ଦ୍ଦେଶରେ ଭିଡିଓ ପ୍ରସ୍ତୁତି ପ୍ରଣାଳୀ ନିୟନ୍ତ୍ରଣ ନିମନ୍ତେ ବ୍ୟବସ୍ଥା ଉଦ୍ଭାବନ ଓ ପ୍ରଚଳନ ପୂର୍ବରୁ ଏହି ଧରଣର ପ୍ରଯୁକ୍ତି କୌଶଳ ବ୍ୟବହାର ନିଷିଦ୍ଧ କରିବା ନିମନ୍ତେ ଦାବି ନିର୍ବାଚନୀ ବର୍ଷରେ ଗୁରୁତ୍ୱ ବହନ କରେ। ●

# ଆର୍ଥିକ ସାକ୍ଷରତା ସମୃଦ୍ଧିର ଚାବିକାଠି



ଅନନ୍ତ ଚରଣ ସ୍ୱାଇଁ
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

ନୌକାରେ ନଦୀ ପାର ହେଉଥାଆନ୍ତି ଜଣେ ବେଦଜ୍ଞ ପଣ୍ଡିତ। ତାଙ୍କ ମନ୍ତ୍ର ଉଚ୍ଚାରଣରେ ଚତୁର୍ଦ୍ଦିଗ ପ୍ରତିଧ୍ୱନିତ ହେଉଥାଏ। ଡଙ୍ଗା ଚାଲିଥାଏ ଆଗକୁ ଆଗକୁ। ପଣ୍ଡିତେ ହଠାତ୍ ନାଉରୀକୁ ପଚାରିଲେ, 'ତମେ ଋଗ୍ ବେଦ ଜାଣିଛ?' 'ନାହିଁ ଆଜ୍ଞା! ସେ ବେଦ ଫେଦ ମୋତେ ଜଣା ନାହିଁ'। ନାଉରି ଉତ୍ତର ଦେଲା। ପଣ୍ଡିତେ କହିଲେ, 'ବେଦ ଜ୍ଞାନ ନଥିବା ହେତୁ ତମ ଜୀବନ ନିରର୍ଥକ। ତମର ୨୫ ଭାଗ ଜୀବନ ବ୍ୟର୍ଥ।' କିଛିସମୟ ପରେ ପଣ୍ଡିତେ ପୁନଶ୍ଚ ନାଉରୀକୁ ପଚାରିଲେ, 'ଆଚ୍ଛା! ତମେ ଯଜୁର୍ବେଦ ଜାଣିଛ?' ସେହି ସମାନ ଉତ୍ତର ରଖିଲା ନାଉରି। ପଣ୍ଡିତେ କହିଲେ, 'ଆହା! ତମର ୫୦ ଭାଗ ଜୀବନ ବ୍ୟର୍ଥ।' କିଛିସମୟ ପରେ ପଣ୍ଡିତେ ନାଉରିକୁ ପୁଣି ପ୍ରଶ୍ନ କଲେ, 'ତମେ ସାମ ବେଦ ଜାଣିଛ?' ନାଉରୀ ଦୁଃଖର ସହ କହିଲା, 'ଆଜ୍ଞା! ଆମେ ନିରକ୍ଷର ଗରିବ ଲୋକ। ବେଦ ଅଧ୍ୟୟନରୁ କ'ଣ ବା ମିଳିବ?' ପଣ୍ଡିତେ କହିଲେ, 'ତମ ୭୫ ଭାଗ ଜୀବନ ନିରର୍ଥକ, ବ୍ୟର୍ଥ।' କିଛିସମୟ ପରେ, ହଠାତ ଆକାଶରେ ଘୋଟି ଆସିଲା କଳାହାଣ୍ଡିଆ ମେଘ। ପବନର ଗତି ପ୍ରଖର ହେବାରେ ଲଗିଲା। ଦୋହଲି ବାକୁ ଲାଗିଲା ଡଙ୍ଗା। ଏଥର ନାଉରୀ ପଣ୍ଡିତଙ୍କୁ ପଚାରିଲା, 'ପଣ୍ଡିତ ମହାଶୟ, ଆପଣ ପହଁରା ଜାଣିଛନ୍ତି?' ପଣ୍ଡିତେ କହିଲେ, 'ମୋତେ ପହଁରା ଜଣାନାହିଁ।' ନାଉରୀ କହିଲା, 'ପହଁରା ଜାଣି ନଥିବାରୁ ଆପଣଙ୍କ ଜୀବନ ଶତପ୍ରତିଶତ ବ୍ୟର୍ଥ।'

ଏପରି ସ୍ଥିତିରେ ନିଜ ଜୀବନ ବଞ୍ଚାଇବାକୁ ଏକମାତ୍ର ଭରସା ପହଁରିବା। ଜୀବନ ବଞ୍ଚାଇବାକୁ ବେଦ ଜ୍ଞାନ ଏବେ କାମରେ ଆସିବ ନାହିଁ। ସେହିପରି ଯେତେ ଜ୍ଞାନ ଥାଉ ପଛକେ ଆର୍ଥିକ ଜ୍ଞାନ ନଥିଲେ ଅଭାବ ପାଖ ଛାଡ଼ିବ ନାହିଁ। ଜୀବନ ବ୍ୟର୍ଥ। ଜ୍ଞାନ ଅର୍ଜନର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଲା ଧନ ଉପାର୍ଜନ। ଜୀବନ ରୂପକ ଭବସାଗର ପାରି ହେବା ପାଇଁ ଆର୍ଥିକ ଜ୍ଞାନ ଆହରଣ ସହ ଏହାର ଉପଯୁକ୍ତ ବ୍ୟବହାର ନିତାନ୍ତ ଆବଶ୍ୟକ। ଆମର ଧାରଣା ଯେ ସାକ୍ଷର ବ୍ୟକ୍ତି ଆପେ ଆପେ ଆର୍ଥିକ ସାକ୍ଷରତା ସମ୍ବନ୍ଧିତ ଜ୍ଞାନ ଆହରଣ କରିଥାଏ। ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ସାକ୍ଷର ବ୍ୟକ୍ତି ପାଇଁ ଆର୍ଥିକ ଜ୍ଞାନ ଆହରଣ କରିବା ସହଜ ହୋଇଥାଏ। ସାକ୍ଷରତା କେବଳ ଜଣେ ବ୍ୟକ୍ତିର ଜୀବନକୁ ସମୃଦ୍ଧ କରେ ନାହିଁ, ଏହା ଲୋକଙ୍କର ଦକ୍ଷତା ବିକାଶ ଓ ରୋଜଗାର ପାଇଁ ସୁଯୋଗ ସୃଷ୍ଟି କରେ।

ଯେକୌଣସି ଏକ ଭାଷାରେ ପଢ଼ିବା, ଲେଖିବା ଓ ବୁଝିପାରିବା ବ୍ୟକ୍ତିକୁ ସାକ୍ଷର ବୋଲି ଧରାଯାଏ। କିନ୍ତୁ ଆର୍ଥିକ ସାକ୍ଷରତା ହେଉଛି ସଚେତନତା, ଜ୍ଞାନ, ଦକ୍ଷତା, ମନୋଭାବ ଏବଂ ଆଚରଣ ସହାୟତାରେ ସଠିକ ଆର୍ଥିକ ନିଷ୍ପତ୍ତି ନେବା ଏବଂ ଶେଷରେ ବ୍ୟକ୍ତିଗତ ଆର୍ଥିକ ସଫଳତା ହାସଲ କରିବା। ବିଶ୍ୱ ଆର୍ଥିକ ସାକ୍ଷରତା ସର୍ବେକ୍ଷଣ ଅନୁଯାୟୀ ବିଶ୍ୱରେ ୩୩% ବୟସ୍କ ବ୍ୟକ୍ତି ଆର୍ଥିକ ସାକ୍ଷର। ରାଷ୍ଟ୍ରୀୟ ବିତ୍ତୀୟ ଶିକ୍ଷା କେନ୍ଦ୍ରର ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତିକରଣ ସର୍ଭେ ୨୦୧୯ ର ଆକଳନ ଅନୁଯାୟୀ, ଭାରତରେ ଆର୍ଥିକ ସାକ୍ଷରତା ହାର ୨୭%। ସହରାଞ୍ଚଳରେ ଆର୍ଥିକ ସାକ୍ଷରତାର ହାର ୩୩% ଥିବା ବେଳେ ଗ୍ରାମାଞ୍ଚଳରେ ଏହା ମାତ୍ର ୨୪%। ସେହିପରି ୨୯% ପୁରୁଷଙ୍କ ତୁଳନାରେ ୨୧% ମହିଳା ଆର୍ଥିକ ଦୃଷ୍ଟିରୁ ସାକ୍ଷର। ଗୋଆ, ଚଣ୍ଡିଗଡ଼ ଦିଲ୍ଲୀରେ ଆର୍ଥିକ ସାକ୍ଷରତା ହାର ୫୦%ରୁ ଅଧିକ ଥିବା ବେଳେ ନିମ୍ନରେ ଥିବା ରାଜ୍ୟଗୁଡ଼ିକ ହେଲେ ଓଡ଼ିଶା, ସିକିମ ଓ ଛତିଶଗଡ଼, ଯେଉଁଠାରେ ଆର୍ଥିକ ସାକ୍ଷରତା ହାର ଯଥାକ୍ରମେ ୧୧%, ୧୦% ଓ ୯%।

ସାକ୍ଷରତା ବା ବିଶେଷ ଭାବରେ ଆର୍ଥିକ ସାକ୍ଷରତା ଯେକୌଣସି ବ୍ୟକ୍ତିକୁ ଅର୍ଥସଙ୍କଟରୁ ସୁରକ୍ଷା ଦେଇଥାଏ। ଖାଦ୍ୟ, ପୋଷାକ ଏବଂ ଆଶ୍ରୟସ୍ଥଳ ସହ ବ୍ୟକ୍ତିର ଅନ୍ୟାନ୍ୟ ନ୍ୟୂନତମ ମୌଳିକ ସୁବିଧା ପୂରଣ ପାଇଁ ଅର୍ଥ ଦରକାର।



ସାକ୍ଷର ଓ ନିରକ୍ଷର ଉଭୟ ଗୋଷ୍ଠୀର ବ୍ୟକ୍ତି ଅର୍ଥ ଉପାର୍ଜନ କରିଥାଆନ୍ତି। କିନ୍ତୁ ସାକ୍ଷରଙ୍କ ତୁଳନାରେ ନିରକ୍ଷରଙ୍କର ଆୟ କମ। ଆର୍ଥିକ ଜ୍ଞାନ ଅଭାବରୁ ଜଣେ ବ୍ୟକ୍ତି ସାକ୍ଷର ହେଉ ବା ନିରକ୍ଷର ନିଜ ଉପାର୍ଜିତ ଅର୍ଥର ସଦୁପଯୋଗ କରି ପାରନ୍ତି ନାହିଁ। ଆର୍ଥିକ ନିରକ୍ଷର ବ୍ୟକ୍ତି ସାଇବର ଠକେଇର ଶିକାର ହେବାର ଆଶଙ୍କା ଅଧିକ। ଫଳରେ ଅଭାବ ସେମାନଙ୍କର ପାଖ ଛାଡ଼େ ନାହିଁ। 'ନ୍ୟାଶ୍‌ନାଲ ସର୍ଭେ ଅଫ୍ ଇଣ୍ଡିଆ'ର ତଥ୍ୟ ଅନୁଯାୟୀ, ୨୦୨୨ମସିହାରେ ଭାରତର ସାକ୍ଷରତା ହାର ୭୭ .୭ ପ୍ରତିଶତ। ରାଷ୍ଟ୍ରୀୟ ବିତ୍ତୀୟ ଶିକ୍ଷା କେନ୍ଦ୍ରର ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତୀକରଣ ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଏ ଯେ ଆମଦେଶରେ ଆର୍ଥିକ ସାକ୍ଷରତା ହାର ୨୭%। ଆର୍ଥିକ ସାକ୍ଷରତା ଦୃଷ୍ଟିରୁ ଆମ ରାଜ୍ୟର ସ୍ଥିତି ଅଧିକ ଉଦବେଗଜନକ। ଓଡ଼ିଶାର ସାକ୍ଷରତା ହାର ୭୭ .୩ ପ୍ରତିଶତ ଥିବା ବେଳେ ଆର୍ଥିକ ସାକ୍ଷରତା ହାର ମାତ୍ର ୧୧%। ଭାରତରେ ପୁରୁଷ ସାକ୍ଷରତା ୮୪ .୭% ଥିବା ବେଳେ ମହିଳା ସାକ୍ଷରତା ମାତ୍ର ୭୦ .୩%। ସହରାଞ୍ଚଳର ସାକ୍ଷରତା ସ୍ତର ୮୭.୫% ତୁଳନାରେ ଗ୍ରାମାଞ୍ଚଳରେ ଏହା ମାତ୍ର ୭୩ .୫%।

ବଞ୍ଚିବା ଲୋକର ଅନେକ ଚିନ୍ତା ମଧ୍ୟରୁ ସବୁଠାରୁ ବଡ଼ ହେଉଛି ଅନ୍ନ ବା ଖାଦ୍ୟ ଚିନ୍ତା। ଖାଦ୍ୟ ପାଇବା ପାଇଁ ପାଖରେ ଟଙ୍କା ଥିବା ଦରକାର। ରୋଜଗାର ବା ଆୟର ପନ୍ଥା ଥିଲେ ହାତକୁ ଟଙ୍କା ଆସେ। ଜୀବନରେ ଟଙ୍କାର ସଦୁପଯୋଗ ସମ୍ପନ୍ନତା ଓ ଦୁରୁପଯୋଗ ସଙ୍କଟ ଆଣିଥାଏ। ହାତକୁ ଟଙ୍କା ଆସିଲେ ଅଯଥାରେ ଖର୍ଚ୍ଚ ଓ ଚୋରିହାରିର ଭୟ ଥାଏ। ବ୍ୟାଙ୍କରେ ଟଙ୍କା ରହିଲେ, ଏପରି ଭୟକୁ ସହଜରେ ଏଡ଼ାଇ ହେବ। ବ୍ୟାଙ୍କରେ ଟଙ୍କାର ସଠିକ ନିବେଶ, ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଜିକରଣ, ଋଣ ଆଦିର ସୁବିଧା ରହିଛି। ସଞ୍ଚୟ କରିବାରେ ପୁରୁଷଙ୍କ ତୁଳନାରେ ମହିଳାମାନେ କିଛି କମ ନୁହନ୍ତି। ଘର ଖର୍ଚ୍ଚରୁ ବଞ୍ଚାଇ ବହୁ ଯତ୍ନରେ ସଞ୍ଚୟ କରିଥାଆନ୍ତି। ଉପଯୁକ୍ତ ସୁବିଧା ଅଭାବରୁ ଘରେ ଡବା ଭିତରେ, ତକିଆ ତଳେ କିମ୍ବା କେହି ନ ଦେଖିଲା ପରି ଗୁପ୍ତସ୍ଥାନରେ ଟଙ୍କା ସାଇତି ରଖନ୍ତି। ଅତି ଦରକାର ସମୟରେ ସେହି ସାଇତା ଟଙ୍କା ପରିବାରର ଖର୍ଚ୍ଚ ମେଣ୍ଟାଇ ଥାଏ।

ଓଡ଼ିଶା ସରକାରଙ୍କ ଆମ ବ୍ୟାଙ୍କ ଯୋଜନାରେ ସବୁ ପଞ୍ଚାୟତକୁ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ପରିବାରକୁ ସୁବିଧାରେ ବ୍ୟାଙ୍କିଙ୍ଗ ସେବା ଯୋଗାଇହେବ। ବିଶେଷକରି ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାର ଏହି ଯୋଜନା ଦ୍ୱାରା ଉପକୃତ ହେବେ। ଘର ପାଖରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧି ହେତୁ ମହିଳାମାନଙ୍କୁ କାରବାର କରିବାକୁ ସୁବିଧା ହେବ। ଘରେ ଟଙ୍କା ନ ରଖି ବ୍ୟାଙ୍କରେ ରଖିବା ଦ୍ୱାରା ଏଥିରେ ସୁଧ ମିଳିବ ଏବଂ ଟଙ୍କା ସୁରକ୍ଷିତ ରହିବ। ଆମ ବ୍ୟାଙ୍କ ଯୋଜନା ମହିଳା ସଶକ୍ତୀକରଣ ଏବଂ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ଏହା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଲକ୍ଷ୍ୟ ପୂରଣ କରିବାରେ ମଧ୍ୟ ସହାୟକ ହେବ। ●

# ଆସନ୍ତା ୫୦ ବର୍ଷକୁ ଦୃଷ୍ଟିରେ ରଖି ଜେଲ୍‌ଗୁଡ଼ିକର ହେବ ସମ୍ପ୍ରସାରଣ

■ ସୁରକ୍ଷା ତଦାରଖ କରିବ ଏଆଇ
■ କାରାଗାର ଆଇନ୍‌ର ମାର୍ଗଦର୍ଶିକା କଡ଼ାକଡ଼ି ଅନୁପାଳନ ଲକ୍ଷ୍ୟ
■ ଗୃହ ବିଭାଗ ଗଠନ କଲା ଜିଲ୍ଲାସ୍ତରୀୟ କମିଟି

**ଭୁବନେଶ୍ୱର,୧୨।୩(ସମିସ):** ରାଜ୍ୟର ଥିବା ଜେଲ୍‌ଗୁଡ଼ିକରେ ଦୀର୍ଘ ଦିନର ସମସ୍ୟା ଦୂର ହେବ। କଏଦୀଙ୍କ ପାଇଁ ବହୁବିଧ ସୁବିଧା ଉପଲବ୍ଧ କରାଯିବ, ସ୍ଥାନାଭାବ ସମସ୍ୟା ଦୂର ପାଇଁ ନୂଆ ଜେଲ୍ ନିର୍ମାଣ କରାଯିବ। ସୁରକ୍ଷା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ ହେବ, ଓଡ଼ିଶା କାରାଗାର ଆଇନ-୨୦୨୦ର ଅନୁପାଳନ କଡ଼ାକଡ଼ି ହେବ। ମୋଟାମୋଟି ଭାବେ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଜେଲ୍‌ଗୁଡ଼ିକର କ୍ଷମତା ବୃଦ୍ଧି କରାଯିବ। ଏଥିପାଇଁ ସରକାର ଜିଲ୍ଲାସ୍ତରୀୟ କମିଟି ଗଠନ କରି ଉପରୋକ୍ତ ଲକ୍ଷ୍ୟ ହାସଲ ପାଇଁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି କମିଟିରେ ଜିଲ୍ଲା ଜଜ୍ (ଜିଲ୍ଲା ନ୍ୟାୟିକ ସେବା ପ୍ରାଧିକରଣର ଅଧ୍ୟକ୍ଷ) କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଜିଲ୍ଲାପାଳ, ଏସ୍‌ପି, ଜେଲ୍ ଅଧୀକ୍ଷକ ଏବଂ ଜିଲ୍ଲା ନ୍ୟାୟିକ ସେବା ପ୍ରାଧିକରଣ ସଚିବ ଏହାର ସଦସ୍ୟ ନିଯୁକ୍ତ ହୋଇଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ଜେଲ୍‌ଗୁଡ଼ିକର ସୁପରିଚାଳନା ପାଇଁ ଓଡ଼ିଶା କାରାଗାର ଆଇନ-୨୦୨୦ ପ୍ରଣୟନ କରାଯାଇଛି। ତେବେ ଜେଲ୍‌ଗୁଡ଼ିକରେ ଅନେକ ସମସ୍ୟା ରହିଛି। ତେଣୁ ଉପରୋକ୍ତ କମିଟି ଗଠନ କରାଯାଇଛି। ଜିଲ୍ଲାରେ ଥିବା କାରାଗାରଗୁଡ଼ିକରେ ସ୍ଥାନାଭାବ ସମସ୍ୟାର ଅନୁଧ୍ୟାନ କରିବା ସହିତ ନୂତନ ଜେଲ୍ ନିର୍ମାଣ ପାଇଁ କମିଟି ପଦକ୍ଷେପ ନେବ। ଜେଲ୍‌ରେ କଏଦୀମାନଙ୍କ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଉପଲବ୍ଧ କରିବା କମିଟିର ପ୍ରମୁଖ ଦାୟିତ୍ୱ ହେବ। ସେହିପରି ଜେଲ୍‌ରେ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବସ୍ଥା ଆରମ୍ଭ କରିବା ପାଇଁ କମଟି ପଦକ୍ଷେପ ନେବ। ଏହାଦ୍ୱାରା ଜେଲ୍‌ରେ ସୁରକ୍ଷା ବ୍ୟବସ୍ଥା ତ୍ରୁଟିଶୂନ୍ୟ କରିବା ଲାଗି ଲକ୍ଷ୍ୟ ରହିଛି। ଏଥିସହ କଏଦୀଙ୍କ ସହ ସାକ୍ଷାତ ପାଇଁ ଭିଡିଓ କନଫରେନ୍ସିଂ ସୁବିଧା ଉପଲବ୍ଧ କରାଯିବା ସହ ମାନସିକ ସମସ୍ୟାର ସମାଧାନ ପାଇଁ ଟେଲି ମେଡିସିନ୍ ବ୍ୟବସ୍ଥା ଆରମ୍ଭ କରାଯିବ। ଜିଲ୍ଲା ଭିତରେ ନୂଆ ଜେଲ୍ ନିର୍ମାଣ ପାଇଁ ଜମି ଚିହ୍ନଟ ସହ ଅଧିଗ୍ରହଣ କରିବା, ସ୍ଥାନାଭାବ ସମସ୍ୟା ପାଇଁ ସମ୍ପ୍ରସାରଣ କାମ ଆରମ୍ଭ କରାଇବା, ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ କମିଟି ପଦକ୍ଷେପ ନେବ। ସେହିପରି ଜିଲ୍ଲା ସ୍ତରରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ କମିଟି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ନୂଆ କୀର୍ତ୍ତିମାନ ସ୍ଥାପନ କରିବା ଲାଗି ଲକ୍ଷ୍ୟ ରହିଛି। ଯଦି ଜମି ଅଧିଗ୍ରହଣରେ ସମସ୍ୟା ଥାଏ, ତେବେ ସେ ସମ୍ପର୍କରେ ଅନୁମୋଦନ ହାସଲ କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କମିଟି ମୁଖ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିପାରିବ। ଏକ ମାମଲାର ବିଚାର କରି ଉପରୋକ୍ତ ପଦକ୍ଷେପ ନେବା ଲାଗି ଏକ କମିଟି ଗଠନ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ ଜେଲ୍‌ଗୁଡ଼ିକରେ କଏଦୀଙ୍କ ପାଇଁ ସ୍ଥାନାଭାବ ଏକ ପ୍ରମୁଖ ସମସ୍ୟା। ଏହାସହ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ, ସୁରକ୍ଷା, ଭିତ୍ତିଭୂମିର ଅଭାବ ଦୂର କରିବା ଭଳି ଆହ୍ୱାନ ରହିଛି। ଯଦିଓ ଜେଲ୍‌ଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ସରକାର ପୂର୍ବରୁ ଅନେକ ପଦକ୍ଷେପ ନେଇଛନ୍ତି, ତେବେ ସମସ୍ୟାର ବିଲୋପ ପାଇଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ଏପରିସ୍ଥଳେ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇ ଜେଲ୍‌ରେ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ଫଳପ୍ରଦ ହେବ ବୋଲି କୁହାଯାଇଛି।

# ଓଡ଼ିଶାର ୩ ବିତରକ କମ୍ପାନୀକୁ ଏ+ ମାନ୍ୟତା

■ କେନ୍ଦ୍ର ଶକ୍ତି ମନ୍ତ୍ରାଳୟର ସମନ୍ୱିତ ରେଟିଂ ଏବଂ ର୍‍ୟାଙ୍କିଂ
■ ମୋଟ ୧୪ଟି ଏ+ ମଧ୍ୟରୁ ଓଡ଼ିଶାର ୩ ସାମିଲ

**ଭୁବନେଶ୍ୱର,୧୨।୩(ସମିସ):** ରାଜ୍ୟରେ ଯୌଥ ଉଦ୍ୟୋଗରେ ବିଦ୍ୟୁତ୍ ବିତରଣ ସେବା ଯୋଗାଉଥିବା ଟାଟା ପାୱାର ସେବା ପ୍ରଦାନରେ ସଂସ୍କାର ଆଣିବାକୁ ପ୍ରୟାସ ଜାରି ରଖିଛି। ଯାହାର ସୁଫଳ ଏବେ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହେଉଛି। ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ନିକଟରେ ପ୍ରକାଶିତ ଦ୍ୱାଦଶ ବାର୍ଷିକ ବିଦ୍ୟୁତ୍ ବିତରଣ ୟୁଟିଲିଟିର ସମନ୍ୱିତ ରେଟିଂ ଅନୁଯାୟୀ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ୩ଟି କମ୍ପାନୀ 'ଏ+' ଗ୍ରେଡ୍ ପାଇବା ସହ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏସଓଡିଏଲ୍ ଏହି ସଫଳତା ହାସଲ କରିଛନ୍ତି। ଅପରପକ୍ଷେ ଟିପିଏସଓଡିଏଲ୍ 'ବି' ଗ୍ରେଡ ହାସଲ କରିଛି। ଏହି ରେଟିଂରେ ପରିଚାଳନା ଓ ଆର୍ଥିକ ପ୍ରଦର୍ଶନ, ନିୟାମକ ଅନୁପାଳନ, ଗ୍ରାହକ ସେବା ଏବଂ ଶକ୍ତି ଦକ୍ଷତା ଭଳି ବିଭିନ୍ନ ମାନଦଣ୍ଡକୁ ବିଚାରକୁ ନିଆଯାଇଥିଲା। ଓଡ଼ିଶା ଡିସକମ୍‌ର ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଏବଂ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଯଥାକ୍ରମେ ୯୧.୧, ୯୧.୧ ଓ ୯୧ ନମ୍ବର ରଖି 'ଏ+' ଗ୍ରେଡ୍ ହାସଲ କରିଛନ୍ତି। ଅପରପକ୍ଷେ ଏନେଇ କମ୍ପାନୀ ଉଲ୍ଲେଖଯୋଗ୍ୟ ଯେ ବିତରକ କମ୍ପାନୀଗୁଡ଼ିକ ଉତ୍କୃଷ୍ଟ ସେବା ପ୍ରଦାନ କରିବା ସହ ଗ୍ରାହକମାନଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ଶକ୍ତି ପ୍ରଦାନ ପାଇଁ ଉଦ୍ୟମ କରି ଆସୁଛନ୍ତି। କାର୍ଯ୍ୟ ଆରମ୍ଭ କରିବାର ୩ବର୍ଷ ମଧ୍ୟରେ ଉନ୍ନତ ପରିଚାଳନା ଓ ଆର୍ଥିକ ପ୍ରଦର୍ଶନ ଆଧାରରେ ଓଡ଼ିଶା ଡିସକମ୍‌ଗୁଡ଼ିକର ମାନ୍ୟତାରେ ଉନ୍ନତି ଘଟିଛି। ଏହି ମୂଲ୍ୟାୟନରେ ୫୫ଟି ବିଦ୍ୟୁତ ବିତରକ ୟୁଟିଲିଟିକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୧୪ଟି ୟୁଟିଲିଟି 'ଏ+'ର ସର୍ବୋଚ୍ଚ ରେଟିଂ ହାସଲ କରିଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ଟାଟା ପାୱାରର ବିଦ୍ୟୁତ ବଣ୍ଟନ ବ୍ୟବସାୟର ଏକ ଅଂଶ ଭାବରେ ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏସଓଡିଏଲ୍ ଓ ଟିପିଏନଓଡିଏଲ୍ ୪ଟି ବିତରକ କମ୍ପାନୀ ପରିଚାଳନା କରୁଛି ଏବଂ ଗ୍ରାମୀଣ ଓ ସହରାଞ୍ଚଳର ପାଖାପାଖି ୫କୋଟି ଲୋକଙ୍କୁ ବିଜୁଳି ଯୋଗାଇ ଦେଉଛି।

● ବକ୍ସିଂ ଖେଳକୁ ପ୍ରୋତ୍ସାହନ ପ୍ରଦାନ ମାମଲାରେ ପୂର୍ଣ୍ଣଚ୍ଛେଦ

# ଆବେଦନକାରୀଙ୍କ ଦାବିକୁ ବିଚାର କର: ହାଇକୋର୍ଟ

**କଟକ, ୧୨।୩ (ସମିସ):** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବକ୍ସିଂ ଖେଳକୁ ଉପଯୁକ୍ତ ପ୍ରୋତ୍ସାହନ ଦିଆଯାଉନଥିବା ଓ କ୍ରୀଡ଼ା ଛାତ୍ରାବାସର ଟ୍ୟାଲେଣ୍ଟ ସ୍କାଉଟ୍ ପ୍ରୋଗ୍ରାମ୍‌ରୁ ଏହି ଖେଳକୁ ବାଦ୍ ଦିଆଯିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଟ୍ୟାଲେଣ୍ଟ ସ୍କାଉଟ ପ୍ରୋଗ୍ରାମ(ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ)ରେ ବକ୍ସିଂ ଖେଳକୁ ସାମିଲ ସଂକ୍ରାନ୍ତରେ ଆବେଦନକାରୀଙ୍କ ଦାବିପତ୍ରକୁ ଆସନ୍ତା ୩ ମାସ ମଧ୍ୟରେ ସରକାର ବିଚାର କରିବା ପାଇଁ ହାଇକୋର୍ଟ କହିଛନ୍ତି। ସୁଦର୍ଶନ ସାହୁଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆବେଦନକାରୀଙ୍କ ପକ୍ଷରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଆଗ୍ରହୀ ୧୫ଜଣ ଛାତ୍ରଙ୍କ ତାଲିକା ଦିଆଯାଇଥିଲା। ସେମାନଙ୍କ ପ୍ରତିଭା ମୂଲ୍ୟାୟନ ଶେଷ କରି ଏହାର ଫଳ ଅଦାଲତରେ ଉପସ୍ଥାପନ ହୋଇଥିଲା। ଟ୍ୟାଲେଣ୍ଟ ସ୍କାଉଟ୍ ପ୍ରୋଗ୍ରାମ(ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ)ରେ ଉପରୋକ୍ତ ୧୫ଜଣଙ୍କ ମଧ୍ୟରୁ ଜଣେ ହେଲେ କେହି ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିପାରିନଥିଲେ ବୋଲି ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। ମାମଲାରୁ ପ୍ରକାଶ ଯେ ୨୦୧୪ରୁ ବକ୍ସିଂ ଖେଳକୁ ଟ୍ୟାଲେଣ୍ଟ ସ୍କାଉଟ୍ ପ୍ରୋଗ୍ରାମରୁ ବାଦ୍ ଦିଆଯାଇଛି। ରାଜ୍ୟ କ୍ରୀଡ଼ା ଛାତ୍ରାବାସଗୁଡ଼ିକରେ ଏହି ଖେଳ ପ୍ରତି ଆଗ୍ରହ କମିବାରୁ ଏହାକୁ ବାଦ୍ ଦିଆଯାଇଥିଲା। ଏହି ଖେଳ ପ୍ରତି ସରକାର ପ୍ରୋତ୍ସାହନ ଯୋଗାଇଦେବାକୁ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଅବଶିଷ୍ଟାଂଶ...

### ସରପଞ୍ଚଙ୍କୁ ମାସିକ...

ପାଇବେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷମାନେ ପୂର୍ବରୁ ପାରିତୋଷିକ ୨୩୫୦ ଟଙ୍କା ପାଉଥିବା ବେଳେ ଏବେ ୭୫୦୦ ଟଙ୍କା ପାଇବେ। ସେହିପରି ପଞ୍ଚାୟତ ସମିତି ସଦସ୍ୟମାନେ ପୂର୍ବରୁ ୨୩୫୦ ଟଙ୍କା ପରିବର୍ତ୍ତେ ୭୫୦୦ ଟଙ୍କା ପାଇବେ। ସରପଞ୍ଚମାନେ ପୂର୍ବରୁ ୨୩୫୦ ଟଙ୍କା ପାଉଥିବା ବେଳେ ଏବେ ୧୦,୦୦୦ ଟଙ୍କା ଓ ନାଏବ ସରପଞ୍ଚମାନେ ୯୪୦ ଟଙ୍କା ପରିବର୍ତ୍ତେ ୪୦୦୦ ଟଙ୍କା ପାଇବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚ ନାଏବ ସରପଞ୍ଚ ଏବଂ ୱାର୍ଡମେମ୍ବରମାନଙ୍କର ଦୈନିକ ଭତ୍ତା, ସିଟିଂ ଫି ୨୪୦ ଟଙ୍କାରୁ ୪୮୦ ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ବାବଦରେ ବାର୍ଷିକ ୭୯.୮୮ କୋଟି ଟଙ୍କା ଖର୍ଚ୍ଚ ହୋଉଥିଲା। ବର୍ଦ୍ଧିତ ରାଶି ଅନୁଯାୟୀ ଏବେ ୨୪୨.୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ଏଥିପାଇଁ ୧୬୨.୬୮ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବେ। ଏହା ବ୍ୟତୀତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପଦବୀରେ ଥିବା ସମୟରେ ବିୟୋଗ ବା ଦୁର୍ଘଟଣାଜନିତ ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ରାଷ୍ଟ୍ରୀୟ ସରପଞ୍ଚ ସଙ୍ଗଠନ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଭିତରେ ଥିବା ସମସ୍ତ ଜନପ୍ରତିନିଧିଙ୍କ ପାରିତୋଷିକ ବୃଦ୍ଧି କରିଛନ୍ତି। ଏଥିପାଇଁ ସଂଗଠନର ରାଜ୍ୟ ସଭାପତି ରବି ରଥ ଏବଂ ରାଜ୍ୟ ସମ୍ପାଦକ ଡ. ରାଜାରାମ ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିଜେପିର ଦ୍ୱିତୀୟ...

ଗୁଜରାଟର ବଳକା ୧୧ ଆସନରୁ ୭ ଆସନ ଓ ମଧ୍ୟପ୍ରଦେଶର ବଳକା ୫ ଆସନ ମଧ୍ୟରୁ ୪ଟି ଆସନର ପ୍ରାର୍ଥୀଙ୍କ ନାମ ଉପରେ ସିଇସି ମୋହର ମାରିଛି। ତେବେ ଓଡ଼ିଶା, ବିହାର ଓ ତାମିଲନାଡୁର ଲୋକସଭା ଆସନରେ ପ୍ରାର୍ଥୀଙ୍କ ସମ୍ପର୍କରେ କୌଣସି ଆଲୋଚନା ହୋଇ ନାହିଁ। ଓଡ଼ିଶାରେ ବିଜେଡ଼ି, ବିହାରରେ ଜେଡ଼ିୟୁ ଓ ଲୋକ ଜନଶକ୍ତି ପାର୍ଟିର ଦୁଇ ଗୋଷ୍ଠୀ, ତାମିଲନାଡୁରେ ଏଆଇଡ଼ିଏମ୍‌କେ ସହ ଆସନ ବୁଝାମଣା ପ୍ରକ୍ରିୟା ଚାଲୁ ରହିଥିବାରୁ ଏହି ୩ ରାଜ୍ୟର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇ ନ ଥିବା କୁହାଯାଉଛି। ଗତ ୨ ତାରିଖରେ ବିଜେପି ଜାତୀୟ ନେତୃତ୍ୱ ୧୬ ରାଜ୍ୟ ଓ ୨ କେନ୍ଦ୍ରଶାସିତ ପ୍ରଦେଶର ୧୯୫ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ଏଥିରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ୩୪ ମନ୍ତ୍ରୀଙ୍କୁ ସ୍ଥାନ ଦିଆଯାଇଥିଲା। ଏଥିରେ ଉତ୍ତରପ୍ରଦେଶରୁ ସର୍ବାଧିକ ୫୧ ଜଣ ପ୍ରାର୍ଥୀ ଥିବାବେଳେ ମଧ୍ୟପ୍ରଦେଶରୁ ୨୪, ପଶ୍ଚିମବଙ୍ଗରୁ ୨୦, ରାଜସ୍ଥାନ ଓ ଗୁଜରାଟରୁ ୧୫ଟି ଲେଖାଏଁ ଆସନ, କେରଳର ୧୨, ଆସାମ, ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ୧୧ ଲେଖାଏଁ ଆସନ, ଦିଲ୍ଲୀର ୫, ଉତ୍ତରାଖଣ୍ଡର ୩, ଜାମ୍ମୁକାଶ୍ମୀର ଓ ଅରୁଣାଚଳ ପ୍ରଦେଶର ୨ଟି ଲେଖାଏଁ ଆସନ, ଗୋଆ, ତ୍ରିପୁରା, ଆଣ୍ଡାମାନ ଓ ଡ଼ାମନ ଡ଼ିଉର ଗୋଟିଏ ଲେଖାଏଁ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲା। ଏହି ସୂଚୀରେ ୨୮ ମହିଳା, ଅନୁସୂଚୀତ ଜତି ବର୍ଗର ୨୭, ଅନୁସୂଚୀତ ଜନଜାତି ବର୍ଗର ୧୮, ଓବିସି ବର୍ଗର ୫୭ ଜଣଙ୍କ ନାମ ସାମିଲ ରହିଥିଲା। ମୋଟ ୧୯୫ ପ୍ରାର୍ଥୀଙ୍କ ମଧ୍ୟରୁ ୫୦ ବର୍ଷରୁ କମ୍ ବୟସର ୪୭ ଜଣଙ୍କୁ ଦଳ ଟିକେଟ ଦେଇଥିଲା।

### ଶ୍ରୀମନ୍ଦିର ସେବାୟତଙ୍କ...

ଅନ୍ୟାନ୍ୟ ସହାୟତା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ରାଜ୍ୟ ସରକାର ୧୦.୮୫ କୋଟି ଯୋଗାଇ ଦେଇଥିବ ନେଇ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ପରିକ୍ରମ ପ୍ରକଳ୍ପ ପରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ଶ୍ରଦ୍ଧାଳୁମାନଙ୍କ ଧାଡ଼ି ଛୁଟୁଛି। ଶ୍ରୀମନ୍ଦିରର ନୀତିକାନ୍ତି ଓ ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ କିପରି ସୁଖଦ ଅନୁଭୂତି ନେଇ ଫେରିବେ ତାହା ଉପରେ ସେବାୟତମାନଙ୍କର ଏକ ବଡ଼ ଭୂମିକା ରହୁଛି। ଏହାସହିତ ଶ୍ରୀମନ୍ଦିର ପରିକ୍ରମ ପ୍ରକଳ୍ପ ସମୟରେ ସେବାୟତମାନେ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ସହିତ ଏହି ପ୍ରକଳ୍ପକୁ ସଫଳ କରିଥିଲେ। ଯାହାକୁ ଲକ୍ଷ୍ୟ କରି ରାଜ୍ୟ ସରକାର ସେବାୟତ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଏହି ଭେଟି ଦେଇଥିବା ଜଣାପଡ଼ିଛି।

### ହଟିଲେ ଖଟ୍ଟର...

ବିଜେପି କୁରୁକ୍ଷେତ୍ର ଓ ସିରସା ଆସନ ଦେବାକୁ ରାଜିଥିଲା। ହେଲେ ହିସାର ଆସନ ପାଇଁ ଜେଜେପି ମୁଖ୍ୟ ଦୁଷ୍ୟନ୍ତ ଚୌଟାଲା ଅଡି ବସିଥିବା ଚର୍ଚ୍ଚା ହେଉଛି। କିନ୍ତୁ କୌଣସି ସ୍ଥିତିରେ ହିସାର ଓ ଭିୱାନି ଆସନ ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଖଟ୍ଟର ରାଜି ନାହାନ୍ତି। ଏହାକୁ ନେଇ ଦୁଇ ଦଳ ମଧ୍ୟରେ ମତଭେଦ ହୋଇଥିବା କୁହାଯାଉଛି। ଏଠାରେ ଜାଟ୍ ଭୋଟ୍ ଭାଗ ହେଲେ ବିଜେପି ଲାଭରେ ରହିବ ବୋଲି ରାଜନୀତିକ ବିଶାରଦମାନେ ମତାମତ ଦେଇଛନ୍ତି।

### କାରାଗାର ପାଇଁ...

ପରିବେଶ ଅନୁକୂଳ ଜେଲ୍‌ରେ ପ୍ରତ୍ୟେକ ବର୍ଗର ଅନ୍ତେବାସୀଙ୍କ ପାଇଁ ଅଲଗା ୱାର୍ଡ ରହିବ। ଏହାସହ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ତଥା ଶିକ୍ଷାଗତ ଉତ୍ସ ପାଇଁ ସହଜ ସୁବିଧା ପ୍ରଦାନ କରିବ। ମୁଁ ଆଶା କରୁଛି, ଏହି ମଡେଲ ଜେଲ୍ କଏଦୀମାନଙ୍କୁ ଜଣେ ଉତ୍ତମ ନାଗରିକ ଭାବେ ନିଜକୁ ପରିବର୍ତ୍ତନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ସଂଯୋଜନା କରିଥିଲେ। ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ସୁରେଶ ରାଉତରାୟ, ଜେଲ୍ ଡିଜି ଏ.ଏମ୍ ପ୍ରସାଦ, ଅତିରିକ୍ତ ଡିଜି ଅମିତାଭ ଠାକୁର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ରାଜ୍ୟସ୍ତରୀୟ 'ଓଡ଼ିଶା ସ୍କିଲ୍ସ' ପ୍ରତିଯୋଗିତା ଆରମ୍ଭ




● ୮ଟି ସ୍ଥାନରେ ୪୫ଟି ବିଷୟକୁ ନେଇ ଦକ୍ଷତା ବିକାଶର ଅନନ୍ୟ ପ୍ରଦର୍ଶନ
● ପ୍ରାରମ୍ଭିକ ପର୍ଯ୍ୟାୟରେ ଭାଗନେଲେ ୭୦୦ରୁ ଅଧିକ ପ୍ରତିଯୋଗୀ
● ୧୪ ତାରିଖରେ ହେବ ଚୂଡ଼ାନ୍ତ ପର୍ଯ୍ୟାୟ

**ଭୁବନେଶ୍ୱର, ୧୨।୩(ସମିସ):** 'ଓଡ଼ିଶା ସ୍କିଲ୍' କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ବିଶ୍ୱ ଦକ୍ଷତା କେନ୍ଦ୍ର ସହ ୮ଟି ସ୍ଥାନରେ ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରତିଯୋଗିତା କରାଯାଉଛି। ଏଥିରେ ୬ଟି ପ୍ରମୁଖ କ୍ଷେତ୍ରରେ ମୋଟ ୪୫ଟି ସ୍କିଲକୁ ନେଇ ଚଳିତବର୍ଷ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଆଇଟିଆଇ ଏବଂ ପଲିଟେକ୍‌ନିକ ତଥା ବିଭିନ୍ନ ଦକ୍ଷତା ବିକାଶ ବିକାଶ ତାଲିମ ଅନୁଷ୍ଠାନରୁ ଆସିଥିବା ୭ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କ ପାରଦର୍ଶିତା ଦେଖାଇଥିଲେ।

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ୧୬ଟି ସ୍କିଲକୁ ନେଇ ପ୍ରତିଯୋଗିତା କରାଯାଉଛି। ସେହିପରି ଭୁବନେଶ୍ୱରର ସି.ଭି ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ୫ଟି, ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ ୫ଟି, ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟରେ ୨ଟି, ସିଟିଟିସିରେ ୬ଟି ଏବଂ ଏନଆଇଏଫଟିରେ ୨ଟି ବିଷୟରେ ପ୍ରତିଯୋଗିତା କରାଯାଉଛି। କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇରେ ୫ଟି ଏବଂ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ୨ଟି ବିଷୟରେ ମଧ୍ୟ ଏହି ପ୍ରତିଯୋଗିତା କରାଯାଉଛି। ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଥିବା ଏଥିରୁ ସ୍ପଷ୍ଟ ହୋଇପାରିଛି। ଆଧୁନିକ ଏବଂ ବ୍ୟାବହାରିକ ବିଷୟ ସହ ଅତ୍ୟାଧୁନିକ କମ୍ପ୍ୟୁଟର ଓ ମୋବାଇଲ ଟେକ୍ନୋଲୋଜି ଆଦିର ପ୍ରୟୋଗକୁ ନେଇ ଯୁବପିଢ଼ିଙ୍କ ଲାଗି ରାଜ୍ୟରେ ନୂଆ ଢାଞ୍ଚାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି। କନଷ୍ଟ୍ରକ୍ସନ ଆଣ୍ଡ ବିଲ୍ଡିଂ ଟେକ୍ନୋଲୋଜି, କ୍ରିଏଟିଭ୍ ଆର୍ଟ୍ସ ଆଣ୍ଡ ଫ୍ୟାସନ, ଇନଫରମେସନ୍ ଆଣ୍ଡ କମ୍ୟୁନିକେସନ ଟେକ୍ନୋଲୋଜି, ମାନୁଫାକ୍ଚରିଂ ଆଣ୍ଡ ଇଞ୍ଜିନିୟରିଂ ଟେକ୍ନୋଲୋଜି, ସୋସିଆଲ ଆଣ୍ଡ ପର୍ସନାଲ ସର୍ଭିସେସ୍ ଏବଂ ଟ୍ରାନ୍ସପୋର୍ଟେସନ ଆଣ୍ଡ ଲଜିଷ୍ଟିକ୍ସ ଆଦି ୬ଟି କ୍ଷେତ୍ରରେ ୪୫ଟି ଦକ୍ଷତା ବିକାଶ ବିଷୟକୁ ନେଇ 'ଓଡ଼ିଶା ସ୍କିଲ୍ସ' ପରିକଳ୍ପନା କରାଯାଇଛି।

'ଓଡ଼ିଶା ସ୍କିଲ୍ସ'ରେ ଭାଗ ନେଇଥିବା ଯୁବ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ଯୁବପିଢ଼ି ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ୧୪ ତାରିଖ ଦିନ ଓଡ଼ିଶା ସ୍କିଲ୍ସର ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତା ହେବାକୁ ଯାଉଛି। ଏହା କଟକ ଓ ଭୁବନେଶ୍ୱରର ସେହି ୮ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଷୟରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ୧୫ତାରିଖରେ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ଶ୍ରେଷ୍ଠ ବିବେଚିତ ପ୍ରାର୍ଥୀମାନେ ପରବର୍ତ୍ତୀ ସମୟରେ ଜାତୀୟ ସ୍ତରରେ 'ଇଣ୍ଡିଆ ସ୍କିଲ୍ସ'ରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ସେହିପରି ଅନ୍ତର୍ଜାତୀୟ ସ୍ତରରେ 'ୱାର୍ଲ୍ଡ ସ୍କିଲ୍ସ' ପ୍ରତିଯୋଗିତାରେ ଭାଗନେଇ ଓଡ଼ିଶାର ପିଲାମାନେ କିପରି ମେଡାଲ ଜିତିପାରିବେ, ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ଦକ୍ଷତା ବିକାଶ ତାଲିମ ଅନୁଷ୍ଠାନସ୍ତରରୁ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି।

**OFFICE OF THE NADIALI SERVICE CO-OPERATIVE SOCIETY LTD.**
At – Nadiali , Po –Padmadeipur, PS- Nayagarh, Dist.- Nayagarh
Regd. No- 91PU Date: 30.03.1949
(under A.R.C.S Circle, Nayagarh,Dist:-Nayagarh)
**ADVERTISEMENT**
Advertisement No.: 01 Date. 12.03.2024

One post of Secretary of Nadiali PACS Ltd . is to be filled up by way of direct recruitment purely on mark basis. Application forms can be obtained in person from the office of the Nadiali PACS Ltd., At-Nadiali Po-Padmadeipur on payment of Rs.100.00 from Dt.14.03.2024 to Dt.28.03.2024 during 10.00 AM to 1.30 PM (except holidays).The duly filled in application form along with required documents (self attested) as per application form and money receipt should be submitted in the Office of Nadiali S.C.S Ltd., At-Nadiali Po - Padmadeipur, PS - Nayagarh, Dist - Nayagarh in person or by registered post and obtain the acknowledgement receipt from Dt.14.03.2024 to Dt.28.03.2024 (except holidays) during 10.00 AM to 1.30 PM. In no case, application will be received after 1.30 P.M. of Dt.28.03.2024.

ELIGIBILITY AND EDUCATIONAL QUALIFICATION AND SELECTION CRITERIAS:
1. The candidate must be a permanent resident of the operational area of Nadiali S.C.S. Ltd.
2. The candidate outside the area of operation of the Society but within the area of the Block/District concerned may apply for the post, but their candidature can only be considered if no eligible candidate is found from the area of operation of the society.
3. The Candidate must be a graduate in any discipline from any recognized university/ Institution with computer proficiency.
4. Preference/additional points shall given to the candidate having higher Diploma in Co-operative management/M.A./M.Sc./M.Com./M.C.A./M.B.A./ L.L.M./B.B.A./ B.C.A./L.L.B./ Diploma in Cooperative Management and knowledge in Computer Application from a recognized university/ Institution.

N.B:- No written test or viva voce will be conducted. Selection will be made purely on career mark basis starting from HSC onwards.

AGE: A candidate must not be less than 21 years or more than 38 years of age as on 01.01.2024.The upper age limit shall be 43 years in respect of person belonging to S.C/S.T/O.B.C. including S.E.B.C./Physically Handicapped person/Ex-Serviceman. The upper age limit shall be 45 years in respect of the person employed in any cooperative society (SCS) in an approved post.

SCALE OF PAY: Rs.5200.00 - Rs.20200.00 with Grade pay Rs.1900.00 as well as D.A. and other allowances as admissible subject to capacity to pay of the society as laid down in the order No. 18672 dt. 31.07.2010 of R.C.S. (O), Bhubaneswar.

N.B: (i) An affidavit regarding genuineness of all testimonials /certificates submitted by the candidate must be attached with the application.
(ii) All other service conditions for the post of Secretary are available in the society office.
(iii) The Management reserves all rights to cancel/alter/modify the Advt. at any time without assigning any reason thereof.

By order of the Committee of Management
Sd/- Secretary
NAdiali SCS Ltd.

**ନିଃଶୁଳ୍କ ନାମଲେଖା ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ନୂତନ ଶିକ୍ଷାବର୍ଷ (୨୦୨୪-୨୫) ପାଇଁ ଶିକ୍ଷା ଅଧିକାର ୧୨-(୧)-(c) ୨୦୦୯ ଆଇନ୍ ଅନୁଯାୟୀ ପ୍ରଥମ ଶ୍ରେଣୀରେ ନାମ ଲେଖା ନିମନ୍ତେ ତା. ୧୪.୦୩.୨୦୨୪ରିଖ ଠାରୁ ଆବେଦନ ଗ୍ରହଣ କରାଯାଉଛି। ଆର୍ଥିକ ଅନଗ୍ରସର, ଭିନ୍ନକ୍ଷମ, ଅନୁସୂଚିତ ଜାତି, ଜନଜାତିର ପିଲାଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି। ଏଣୁ ଇଚ୍ଛୁକ ଅଭିଭାବକ / ଅଭିଭାବିକାମାନେ ତା.୨୦.୦୩.୨୦୨୪ରିଖ ମଧ୍ୟରେ ଆମ ବିବେକାନନ୍ଦ ବିଦ୍ୟାମନ୍ଦିର, କୋଚିଲାଡାଙ୍ଗରରେ ଆବେଦନ କରିବାକୁ ଅନୁରୋଧ।

ସା/- ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ବିଦ୍ୟାମନ୍ଦିର

ବିବେକାନନ୍ଦ ବିଦ୍ୟାମନ୍ଦିର,
ଗ୍ରା: କୋଚିଲାଡାଙ୍ଗର, ପୋ.: ତାରାପୁର
ଥାନା- ଭୋଗରାଇ, ଜିଲ୍ଲା- ବାଲେଶ୍ୱର
ମୋ.ନଂ.: ୯୨୩୮୬୪୬୮୧୩



ରକତ ପରୀକ୍ଷା ନିଅ କରାଇ
ସରକାରୀ ଡ଼ାକ୍ତରଖାନା
ଆଇସିଟିସି ରେ,
ନିଜ ଦେହ ସ୍ଥିତି ଜାଣ ସବିଶେଷ
ମିଳଇ ସୁବିଧା ସବୁ ମାଗଣାରେ ।

OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**The Balasore Bhadrak Central Co-operative Bank Ltd.**
**Head Office, O.T. Road, Balasore--756001**
Letter No./BBCCB/Premises/9586/2023-24, Date 12.03.2024
L. No. (PUR) / 1972/1973/1974/1975/1976 L. No. (Pur.) / Dt. 02.03.2024

**EXPRESSION OF INTEREST**

Expressions of Interest (EOI) are invited from reputed firm/ agency for supply of fo llowing items at Head Office of the Bank:-
I. Hawkins Futura Pressure Cooker (05 L, fnduction Based, Hard Anodized body and lid, Model- LFP50) - 270 Nos
2. Borosil Dry press (1 OOOW, Model-Iron PB 11) - 110 nos

The tender documents must reach to the office of the undersigned on or before 22.03.2024 latest by 2.30 PM through Registered Post/ Speed Post/ Courier Services only. Delay in receipt of Tender documents/ bids after the due date & time will not be entertained at all and the undersigned will be, in no way responsible for the same. The authority reserves the right to reject any or all the quotations without assigning any reason there of and shall not be bound to accept the lowest quoted price.

Sd/- Chief Executive Officer

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

**AFFIDAVIT**
I , RGOUTAM BEHERA , S/O GOUR CHANDRA BEHERA ,RESIDENT AT/PO - BARAPALLI , P.S/DIST - NAYAGARH ,ODISHA , DECLARE THAT RGOUTAM BEHERA & R GAUTAM BEHERA IS THE SAME & ONE PERSON . AFFIDAVIT NO 68AA 822305 DATED 12/03/2024 SWORN BEFORE NOTARY PRADOSH KU. PATTANAIK, NAYAGARH.

**AFFIDAVIT**
I, Paramjeet Singh, S/o-Gurudayal Singh, resident of House No: 593/A, Nimasahi, Near Hotel Lords, Ps-Purighta, Dist-Cuttack, Pin-753001 declare by this affidavit No. 5584, dtd-12/03/2024, that now onwards I shall be known as **Paramjit Singh** for all future purposes.

**AFFIDAVIT**
I Basanta Behera, S/o-Raghunath Behera, Resident of Flat No – 343, Science Park Basti, Niladri Vihar, Sailashree Vihar, Chandrasekharpur, Bhubaneswar, Dist-Khordha, Pin-751021, Odisha, declare by this Affidavit No 68AA 573913 dated 27.02.2024 that now onwards I shall be known as Basanta Kumar Behera for all future purposes.

**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ୍ : www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2023-24/15,ତା.07.03.2024ରିଖ
କ୍ରମ ସଂ.01: ଟେଣ୍ଡର ସଂ.81245046A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଟ୍ରାକ୍ସନ ମୋଟର ନିମନ୍ତେ ଆର୍ମେଚର (Armature) ଆସେମ୍ବ୍ଲି, ପରିମାଣ : 03 ଗୋଟି।
କ୍ରମ ସଂ.02: ଟେଣ୍ଡର ସଂ.81235798B, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ଫେଜ୍ ଟ୍ରାକ୍ସନ ମୋଟର, ପରିମାଣ : 02 ଗୋଟି।
କ୍ରମ ସଂ.03: ଟେଣ୍ଡର ସଂ.81235799B, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ଫେଜ୍ ଟ୍ରାକ୍ସନ କନଭର୍ଟର/ଇନଭର୍ଟର, ପରିମାଣ : 01 ଗୋଟି।
ବନ୍ଦ ହେବା ତାରିଖ: ତା.05.04.2024 ରିଖ (କ୍ରମ.ସଂ.1 ଏବଂ 3 ପାଇଁ) ଏବଂ ତା.04.04.2024 ରିଖ (କ୍ରମ.ସଂ.2 ପାଇଁ)। ବନ୍ଦ ହେବା ସମୟ : 1500 ଘଣ୍ଟା (ସମସ୍ତ କ୍ରମ ସଂ. ନିମନ୍ତେ)।
ସହାୟକ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1166/O/23-24

# ମୋ ଭୋଟ, ମୋ ଦେଶ ଅଭିଯାନ




**ବାଲେଶ୍ୱର, ୧୨।୩(ସମିସ):** ବାଲେଶ୍ୱର ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଠାରେ ଏଡିଆର ଓ ଓଡ଼ିଶା ଇଲେକ୍ସନ ୱାଚ ପକ୍ଷରୁ ଯୁବ ଭୋଟର ମାନଙ୍କ ପାଇଁ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଇଲେକ୍ସନ ୱାଚ ବାଲେଶ୍ୱର ଶାଖାର ସଂଯୋଜକ ଉବାଚକ୍ ମହାନ୍ତି ଏଥିରେ ଯୋଗ ଦେଇ ଗଣତାନ୍ତ୍ରିକ ସରକାର ଗଠନ ପ୍ରକ୍ରିୟାରେ ଗୋଟିଏ ଭୋଟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। କେବଳ ଭୋଟ ଦେବା ଯଥେଷ୍ଟ ନୁହେଁ ବରଂ ସ୍ୱାଧୀନ ଓ ନିରପେକ୍ଷ ଭାବରେ କୌଣସି ଚାପରେ ବଶବର୍ତ୍ତୀ ନହୋଇ ନିଜର ବିବେକ ଅନୁସାରେ ପରିସ୍ଥିତିକୁ ଅନୁଧ୍ୟାନ କରି ଭୋଟ ଦେବା ଉଚିତ୍ ବୋଲି ଶ୍ରୀ ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟକ୍ଷ ବିଭୁ ପ୍ରସାଦ ମହାର୍ଣ୍ଣା, ଅଧ୍ୟାପକ ବିମଳ କୁମାର ମଇଯାଲ, ଅଧ୍ୟାପକ ପ୍ରିତିରଞ୍ଜନ ସେଠୀ, ଅଧ୍ୟାପକ ବିଶ୍ୱରଞ୍ଜନ ନାୟକ, ଅଧ୍ୟାପକ ଚିନ୍ମୟ କୁମାର ପଣ୍ଡା ଓ ଅଧ୍ୟାପକ ଅମୃତ ପ୍ରିତମ ଭୂୟାଁ ପ୍ରମୁଖ ଯୋଗଦେଇ ଭୋଟର ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ନିଯୁକ୍ତିକୁ ନେଇ ବିର୍ଲା ଟାୟାର୍ସ କର୍ତ୍ତୃପକ୍ଷଙ୍କ ଚଞ୍ଚକତାକୁ ବିରୋଧ

# ଜିଲ୍ଲାପାଳଙ୍କୁ ଭେଟିଲେ ୮ ଶ୍ରମିକ ସଂଗଠନର କର୍ମକର୍ତ୍ତା

**ବାଲେଶ୍ୱର, ୧୨।୩(ସମିସ):**



ବାଲେଶ୍ୱରର ବୃହତ୍ ଶିଳ୍ପାନୁଷ୍ଠାନ ବିର୍ଲା ଟାୟାର୍ସର ପରିଚାଳନା ଦାୟିତ୍ୱ ଡାଲମିଆ ଭାରତ ଓ ହିମାଦ୍ରୀ କେମିକାଲସକୁ ହସ୍ତାନ୍ତର ହେବା ପରେ ଶ୍ରମିକ ନିଯୁକ୍ତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ କର୍ମଚାରୀ ନିଯୁକ୍ତିରେ କାରଖାନାର ନୂତନ ପରିଚାଳନା କର୍ତ୍ତୃପକ୍ଷଙ୍କ ଚଞ୍ଚକତା ବିରୋଧରେ ମୁହଁ ଖୋଲିଥିଲେ ବିର୍ଲା ଟାୟାର୍ସରେ ପଞ୍ଜିକୃତ ୮ଟି ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା। ଆଜି ସେହି ସଙ୍ଗଠନର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଦେବାଳିଆ ବିର୍ଲା ଟାୟାର୍ସର ପରିଚାଳନା ଦାୟିତ୍ୱ ଡାଲମିଆ ଭାରତ ଓ ହିମାଦ୍ରୀ କେମିକାଲସକୁ ହସ୍ତାନ୍ତର ସମୟରେ ପୁରୁଣା କାର୍ଯ୍ୟରତ ଶ୍ରମିକଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବାକୁ ନ୍ୟାସନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ ସର୍ତ୍ତ ରଖିଥିଲା। ମାତ୍ର କାରଖାନା କର୍ତ୍ତୃପକ୍ଷ ପ୍ରଥମେ ଦୁଇଶହରୁ ଅଧିକ ଠିକା ଶ୍ରମିକଙ୍କୁ ନିଯୁକ୍ତି ଦେଇ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ବିଶେଷ କରି ବିର୍ଲାଟାୟାର୍ସ କମ୍ପାନୀ ଦେବାଳିଆ ହୋଇଯିବା ପରେ ଏସଆରଏଫ କମ୍ପାନୀ ପ୍ରଥମେ ଏନସିଏଲଟି କଲିକତା ବ୍ରାଞ୍ଚରେ କେସ କରିଥିଲେ। ୧୮୧ଏକର ଜମି ଉପରେ ଅବସ୍ଥିତ ଏହି ବିର୍ଲାଟାୟାର୍ସ ୩ହଜାର କୋଟି ଟଙ୍କାର ପ୍ଲାଂଟକୁ ୩୪୭କୋଟି ଟଙ୍କାରେ ଡାଲମିଆ ଭାରତ ଓ ହିମାଦ୍ରୀ କେମିକାଲସକୁ ହସ୍ତାନ୍ତର କରିଥିଲେ। କାରଖାନା ହସ୍ତାନ୍ତର ହେବା ପରେ ନୂତନ ମ୍ୟାନେଜମେଣ୍ଟ ନୂତନ କଣ୍ଟ୍ରାକ୍ଟର ଦ୍ୱାରା ସଫେଇ କାର୍ଯ୍ୟ ଆରମ୍ଭ କରିଥିଲା। ପରେ କିଛି ଆଇଟିଆଇ ପିଲାଙ୍କୁ ବର୍ଷକୁ ୧ଲକ୍ଷରୁ ଅଧିକ ଟଙ୍କାରେ ଫିଟର, ଇଲେକ୍ଟ୍ରିସିଆନ, ୱେଲଡର ଭାବେ ଭର୍ତ୍ତି କଲା। ଏହାକୁ ବିରୋଧ କରି ମିଳିତ ଶ୍ରମିକ ସଙ୍ଗଠନ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ମେନେଜମେଣ୍ଟର ଦୁଇ ଜଣ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ପାଇଁ ଆସନ୍ତା ୨୧ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ହଠାତ ଏହି ନୂତନ ମ୍ୟାନେଜମେଣ୍ଟ ବିଜ୍ଞାପନ ମାଧ୍ୟମରେ ଚଳିତ ମାସ ୧୩ ଏବଂ ୧୪ତାରିଖ ଦୁଇ ଦିନ ଧରି ନୋସି ଠାରେ ନୂତନ ନିଯୁକ୍ତି ଦେବା ପାଇଁ ସ୍ଥିର କରିଛି। ଯାହାକୁ ବିରୋଧ କରାଯାଇଛି। ଏହାଛଡା ଏହି ନିଯୁକ୍ତି ବନ୍ଦ ନହେଲେ ସେମାନେ ବାଧ ହୋଇ ସେମାନଙ୍କର ୩ ହଜାରରୁ ଅଧିକ କର୍ମଚାରୀମାନେ ନୋସିରେ ଅନଲାଇନ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହେବେ ବୋଲି ମଧ୍ୟ କହିଥିଲେ। ତେବେ ନୋସିଠାରେ ଅନଲାଇନ ନିଯୁକ୍ତି ପ୍ରକ୍ରିୟା ବର୍ତମାନ ବନ୍ଧ କରାଯାଇଛି ବୋଲି ମଧ୍ୟ ସଂଗଠନର କର୍ମକର୍ତା ସୂଚନା ଦେଇଛନ୍ତି। ଏ ନେଇ ଶ୍ରମିକ ସଙ୍ଗଠନମାନେ ଜିଲ୍ଲାପାଳ ଏବଂ ଶ୍ରମ ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶେଷ କରି ପୁରୁଣା କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରି ନୂତନ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଗଲେ ସଙ୍ଗଠନ କୌଣସି ଆପତ୍ତି ଉଠାଇବ ନାହିଁ ବୋଲି କହିଛି। ଏହି କାର୍ଯ୍ୟକ୍ରମରେ ଅରୁଣ କୁମାର ସ୍ୱାଇଁ, ଉପେନ୍ଦ୍ର ବେହେରା, ସତ୍ୟନାରାୟଣ ଆଚାର୍ଯ୍ୟ, ଯଶୋଧାରା ଦାସ, ଶିବ ପ୍ରସାଦ ଦାସ, ଶରତ କୁମାର ଦାସ, ଅଶୋକ କୁମାର ରାଉତ, ଆଲୋକ କୁମାର କରଙ୍କ ସମେତ ୮ଟି ଶ୍ରମିକ ସଙ୍ଗଠନର ଶ୍ରମିକ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



**ବାଲେଶ୍ୱର, ୧୨।୩(ସମିସ):** ନିଖିଳ ଓଡ଼ିଶା ଜିପିଏଲଏଫଇସି ସଂଘ ଆହ୍ୱାନରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ଗ୍ରାମ ପଞ୍ଚାୟତ ସ୍ତରୀୟ ଫେଡେରେଶନର ଇସି ସଦସ୍ୟ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିଖିଳ ଓଡ଼ିଶା ଜିପିଏଲଏଫ ଇସି ସଂଘ ଜିଲ୍ଲା ସଭାପତି ରୁକ୍ମଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଏଆଇଟିୟୁସି ନେତା ତପନ କୁମାର ସିଟ ଉଦବୋଧନ ଦେଇ ଜିପିଏଲଏଫଇସିମାନଙ୍କ ମାସିକ ଦେୟ୨୬ହଜାର ଟଙ୍କା ପ୍ରଦାନ, ଜିପିଏଲଏଫଇସିମାନଙ୍କୁ ୱାର୍କର ମାନ୍ୟତା ସହ ସ୍ଥାୟୀ ନିଯୁକ୍ତି, ବିଭିନ୍ନ ସାମାଜିକ ନିରାପତ୍ତା ଯଥା ବିଏସକେୱାଇ ବୀମା ସୁବିଧା ମିଶନ ଶକ୍ତି ମାଧ୍ୟମରେ ପ୍ରଦାନ କରାଯାଉ, ଅଙ୍ଗନବାଡି କର୍ମୀଙ୍କ ଭଳି କାର୍ଯ୍ୟକାଳ ୬୨ବର୍ଷକୁ ଧାର୍ଯ୍ୟ କରିବା ସହ ଅବସର ବେଳେ ୫ଲକ୍ଷ ଟଙ୍କର ଅବସରକାଳୀନ ସହାୟତା ପ୍ରଦାନ, ଅବସର ପରେ ମାସିକ ପେନସନ୧୦ହଜାର ଟଙ୍କା ଘୋଷଣା ଦାବିରେ ଏହି ଆନ୍ଦୋଳନ ଅନୁଷ୍ଠିତ ହେଉଛି ବୋଲି ସୂଚନା ଦିଆଯାଇଥିଲା। ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲା ସମ୍ପାଦିକା ସ୍ମାରକୀ ସ୍ୱାଇଁ ଆନ୍ଦୋଳନର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ସଂଘ ଉପଦେଷ୍ଟା ଉମେଶ ଚନ୍ଦ୍ର ନାୟକ ରାଜ୍ୟସ୍ତରୀୟ ଆନ୍ଦୋଳନ ୧୫ମାର୍ଚ୍ଚରେ ଭୁବନେଶ୍ୱର ଚାଲ ଅଭିଯାନ ପାଇଁ ପରାମର୍ଶ ଦେଇଥିଲେ। ଏହି ବିକ୍ଷୋଭରେ ଶକୁନ୍ତଳା ବେହେରା, ମନୋରମା କମିଲା, କନଲତା ବିଶ୍ୱାଳ, ମିନତୀ ସାହୁ, ଗୀତାଞ୍ଜଳି ପାତ୍ର, ମମତା ମିଶ୍ର, ସୁଜାତା ଦାସ, ପାର୍ବତୀ ରାଉତ, ମାନସୀ ଦାସ, ସସ୍ମିତା ପାରିଡା, ସଦର ବ୍ଲକର ସଞ୍ଜୁଲତା ସେଠି, ଅଞ୍ଜଳି ଜେନା, ଚନ୍ଦ୍ରିକା ନାୟକ, ସିମୁଳିଆ ବ୍ଲକର ଅନିତା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଦାସ, ସୋର ବ୍ଲକର ସ୍ୱାତି ଭୋଲ ଓ ପ୍ରିୟଦର୍ଶିନୀ ମହାପାତ୍ର, ରେମୁଣାର ରୁକ୍ମଣୀ ଶିଆଳ, ବାହାନଗାର ପାର୍ବତୀ ମାନି ବେହେରା, ମନ୍ଦାକିନୀ ପଣ୍ଡା, ଔଦାର କନକଲତା ବିଶ୍ୱାଳ, ସରସ୍ୱତୀ ବେହେରା, ଜଳେଶ୍ୱର କବିତା ପଣ୍ଡା, କବିତା ପାଲ, ବାଲିଆପାଳର ସ୍ନେହଲତା ବେହେରା, ପ୍ରଭାତୀ ସାହୁ ଓ ଅନିତା ସାହୁ ପ୍ରମୁଖ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସୂଚନା ଦେଇ ନିଜ ଅଧିକାର ହାସଲ ପାଇଁ ଜିପିଏଲଏଫଇସିମାନଙ୍କ ରାଜ୍ୟ ସ୍ତରୀୟ ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଶ୍ରୀମତି ସାହୁଙ୍କ ନେତୃତ୍ୱରେ ଏକ ଦଶଜଣିଆ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ବାଇକ୍ ଚୋରି, ଅଭିଯୁକ୍ତ ଗିରଫ

**ସୋର, ୧୨।୩(ସମିସ):** ସୋର ବ୍ଲକ ନଦୀଗାଁ ପଞ୍ଚାୟତ ଗୁହାଳଡ଼ିହି ଗ୍ରାମରୁ ଏକ ବୁଲେଟ ଚୋରି ଘଟଣାରେ ଅଭିଯୁକ୍ତକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଗତ ରବିବାର ରାତିରେ ଏହି ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେହି ଗ୍ରାମର ଜିତେନ୍ଦ୍ର ଦାସ ତାଙ୍କ ବୁଲେଟ ବାଇକଟିକୁ ସେଠାରେ ରଖି ଯାତ୍ରା ଦେଖୁଥିଲେ। କିନ୍ତୁ ପରେ ସେ ରଖିଥିବା ସ୍ଥାନରେ ବୁଲେଟଟିକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ୧୯୬/୨୪ ରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ପୁଲିସ ଗତକାଲି ରାତିରେ ଏହି ବାଇକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସରସଙ୍ଗ ପଞ୍ଚାୟତ ବଳଦିଆ, କୁଶଗଡ଼ିଆ ଗ୍ରାମର ରାମଚନ୍ଦ୍ର ସାହୁ (୧୯)କୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ରାମଚନ୍ଦ୍ରର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ତା ନିକଟରୁ ଚୋରି ବୁଲେଟ ଟିକୁ ଉଦ୍ଧାର କରିଛି।

# ବୈଜ୍ଞାନିକ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ



**ବାଲେଶ୍ୱର, ୧୨।୩(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୈବ ବିଜ୍ଞାନ ଏବଂ ବାୟୋଟେକ୍ନୋଲୋଜି ବିଭାଗ ଦ୍ୱାରା ଏକ ବୈଜ୍ଞାନିକ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗବେଷଣା ସଂସ୍କୃତି ପ୍ରତିପାଦନ କରିବା ଏବଂ କଲେଜ ଛାତ୍ରମାନଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବର ବିକାଶ କରିବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ରହିଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଅନୁସନ୍ଧାନ ଦକ୍ଷତା ବିକାଶ କ୍ଷେତ୍ରରେ ଆଗେଇ ରଖିବା ଏବଂ ଅଧ୍ୟାପକ-ଅଧ୍ୟାପିକାମାନଙ୍କ ସହ ଯୋଗାଯୋଗ କରିବାକୁ ଉତ୍ସାହିତ କରିଥିଲେ ଯାହାକି ସମ୍ପ୍ରତି ଚାଲିଥିବା ଅନୁସନ୍ଧାନମୂଳକ କାର୍ଯ୍ୟକ୍ରମଗୁଡ଼ିକ ସହିତ ଭଲଭାବେ ପରିଚିତ ହୋଇପାରିବେ ଓ ଉକ୍ତ ବିଷୟଗୁଡ଼ିକରେ ସେମାନେ ଜ୍ଞାନ ଲାଭ କରିବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ତଥା ବିଭାଗର ପ୍ରତିଷ୍ଠାତା ପ୍ରଫେସର ଜି ବି ଏନ୍ ଚଇନୀ ଯୋଗଦେଇ 'ଅବିଶ୍ୱାସନୀୟ ମାନବ ମସ୍ତିଷ୍କ' ନାମକ ପ୍ରସଙ୍ଗରେ ଏକ ପ୍ରଧାପନା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ପୁନମ କୁମାରୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବାୟୋସାଇନ୍ସ ଏବଂ ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଡ. ଏଲସା ପଣ୍ଡିତ ସ୍ୱାଗତ ଭାଷଣରେ ଅଂଶଗ୍ରହଣକାରୀମାନଙ୍କୁ ଲାବୋରେଟୋରୀ ସୁବିଧା ଏବଂ ସଂଗ୍ରହାଳୟ ପରିଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ପ୍ରଫେସର ଡ଼କ୍ଟର ଭାସ୍କର ବେହେରା ଏବଂ ଡ. ଶୁଭଶ୍ରୀ ମହାଲିକ୍ ମଧ୍ୟ ଏହି ସମାବେଶକୁ ସମ୍ବୋଧିତ କରି ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ପରାମର୍ଶ ଦେବା ସହ ଅନୁସନ୍ଧାନ କାର୍ଯ୍ୟରେ ନିଜ ଜ୍ଞାନର ବିନିଯୋଗ କରିବାକୁ ଉତ୍ସାହିତ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ବିଭିନ୍ନ କଲେଜ ଯଥା ବଲାଙ୍ଗି ଡିଗ୍ରୀ ମହାବିଦ୍ୟାଳୟ, ସୁନାହତ, ରେମୁଣା ଡିଗ୍ରୀ କଲେଜ, ରେମୁଣା, ସ୍ୱର୍ଣ୍ଣଚୁଡା ଡିଗ୍ରୀ କଲେଜ, ମିତ୍ରପୁର ଏବଂ କୁନ୍ତଳା କୁମାରୀ ସାବତ ମହିଳା ଡିଗ୍ରୀ କଲେଜ ଏବଂ ବିଶ୍ୱବିଦ୍ୟାଳୟର ସ୍ନାତକ ବିଭାଗ (ଆପ୍ଲାଏଡ ମାଇକ୍ରୋ ବାୟୋଲୋଜି, ବାୟୋଟେକ୍ନୋଲୋଜି) ର ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ମାନେ ବିଶ୍ୱବିଦ୍ୟାଳୟର ଲାବୋରେଟୋରୀରେ ଉପଲବ୍ଧ ସୁବିଧା ସୁଯୋଗ ଓ ସଂଗ୍ରହାଳୟମାନ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ, ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ବୋର୍ଡ ବୈଜ୍ଞାନିକ ସାମାଜିକ ଦାୟିତ୍ୱବୋଧ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକଳାପର ଏକ ଅଂଶଭାବରେ ଭାରତରେ କାର୍ଯ୍ୟ କରୁଛି।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ସମ୍ପର୍କିତ ବୈଠକ

**ବାଲେଶ୍ୱର, ୧୨।୩ (ସମିସ):** ଉତ୍ତରପୂର୍ବ ଓଡ଼ିଶାର କେନ୍ଦ୍ରସ୍ଥଳ ବାଲେଶ୍ୱର ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣାକ୍ଷେତ୍ର ପ୍ରତିଷ୍ଠା ପାଇଁ ଗତ ଦୁଇ ବର୍ଷ ଧରି ବିଭିନ୍ନ ମହଲରେ ଦାବି ହୋଇଆସୁଛି। ଏଥିପାଇଁ ଗଠିତ କ୍ରିୟାନୁଷ୍ଠାନ ସମିତିର ବୈଠକ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ କର୍ମଚାରୀ ସଂଘଗୃହରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକର ବିବରଣୀ ଅନୁମୋଦନ ସହ ଆଗାମୀ ଦିନର କାର୍ଯ୍ୟଖସଡ଼ା ଏହି ବୈଠକରେ ଅନୁମୋଦନ ଲାଭ କରିଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ କାଉନ୍ସିଲ୍ ବୈଠକରେ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇ ସରକାରଙ୍କୁ କାର୍ଯ୍ୟପନ୍ଥା ପାଇଁ ପ୍ରେରଣ କରାଯାଇଛି। ଓଡ଼ିଶା କୃଷି ବିଶ୍?ବିଦ୍ୟାଳୟ ଡିନ୍ ତଥା ଅଧ୍ୟକ୍ଷ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ କୃଷି ଗବେଷଣା କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଦୂର ହୋଇପାରିବ ବୋଲି ମତପ୍ରଦାନ କରିଛନ୍ତି। ୫-ଟି ଅଧ୍ୟକ୍ଷଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ପରେ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀ ସେମାନଙ୍କ ମତ ପ୍ରଦାନ କରିସାରିଥିବା ସମ୍ପର୍କରେ ସଭାପତି ଶ୍ରୀ ପଣ୍ଡା ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ କୃଷି ବିଭାଗର ସଚିବଙ୍କୁ ସାକ୍ଷାତ ପାଇଁ ଓ ଆସନ୍ତା ସାଧାରଣ ନିର୍ବାଚନରେ ସମସ୍ତ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନ ଇସ୍ତ ଇସ୍ତାହାରରେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ଉପରେ ସେମାନଙ୍କ ପ୍ରତିଶ୍ରୁତି ପାଇଁ ଅନୁରୋଧ କରାଯିବ ଓ ନିର୍ବାଚନ ସମୟରେ ଏକ ଖୋଲା ମଞ୍ଚରେ ପ୍ରାର୍ଥୀମାନେ ସେମାନଙ୍କ ମତାମତ ପ୍ରଦାନ ପାଇଁ ଉଦ୍ୟମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୈଠକରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସପକ୍ଷରେ କୃଷକ, କୃଷି ଶ୍ରମିକ ଓ ସାଧାରଣ ଜନତାଙ୍କୁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି ବୈଠକରେ ସମିତିର ସାଧାରଣ ସମ୍ପାଦକ ଚୌଧୁରୀ ଅଭୟ ଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ଲୋକନାଥ ଆଚାର୍ଯ୍ୟଙ୍କ ସମେତ ସରସ୍ୱତୀ ପଣ୍ଡା, ନିରଞ୍ଜନ ରାଉତ, ରମେଶ ପଟ୍ଟନାୟକ, ଭୂପତି ଭୂଷଣ ପାତ୍ର, ଭାଗିରଥି ମହାନ୍ତି, ସୀତାରାମ ପ୍ରଧାନ, ହରିହର ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ଭାସ୍କର ଚନ୍ଦ୍ର ପାଢ଼ି, ନିରଞ୍ଜନ ପରିଡ଼ା, ପୂର୍ଣଚନ୍ଦ୍ର ମହାପାତ୍ର, ରବିନାରାୟଣ ଭୋଳ, ରଜନୀକାନ୍ତ ବେହେରା ଓ ଶଶିକୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।

# ସହଦେବଖୁଣ୍ଟା ମୌଜାର ରାସ୍ତା ଅବସ୍ଥା ବେହାଲ

**ବାଲେଶ୍ୱର, ୧୨।୩ (ସମିସ):**



ବାଲେଶ୍ୱର ପୌରପାଳିକା ଅଧୀନ ୨୨ ଓ ୨୩ ନମ୍ବର ୱାର୍ଡର ସହଦେବଖୁଣ୍ଟା ମୌଜାର ରାସ୍ତା ଗୁଡିକର ଅବସ୍ଥା ବେହାଲ ହେଇଯାଇଛି। ଦୁଇ ତିନି ବର୍ଷ ତଳେ ପୌରପାଳିକା ପକ୍ଷରୁ ଅତ୍ୟନ୍ତ ନିମ୍ନ ମାନର ରାସ୍ତା ଗୁଡିକ ନିର୍ମାଣ କରାଯାଇଥିବା ଯୋଗୁଁ ରାସ୍ତା ଗୁଡିକ ବିଭିନ୍ନସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ଦେଖାଯାଉଛି। ରାସ୍ତାର ଦୂରାବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସହଦେବଖୁଣ୍ଟା ମୌଜା ଅଧୀନ ରାସ୍ତା ଗୁଡିକ ନିର୍ମାଣ କରିବାକୁ ସ୍ଥାନୀୟ ଜନ ସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ପୂର୍ବରୁ ନିର୍ମାଣ ହେଉଥିବା ପିଚୁ ରାସ୍ତା ଗୁଡିକ ଅଳ୍ପଦିନ ମଧ୍ୟରେ ଦଦରା ହେଇଯାଉଥିବା ଯୋଗୁଁ ସରକାରଙ୍କ ପକ୍ଷରୁ ରାସ୍ତା ଗୁଡିକର କଂକ୍ରିଟ ଢଳେଇ କରାଯାଉଛି। ମାତ୍ର ଏହି ଢଳେଇ ରାସ୍ତା ଗୁଡିକ ପାଞ୍ଚ ବର୍ଷ ଯିବା ପରିବର୍ତ୍ତେ ଦୁଇ ତିନି ବର୍ଷରେ ବେହାଲ ହେଇଯାଉ ଥିବା ଦେଖାଯାଉଛି। ସହଦେବଖୁଣ୍ଟା ମୌଜାର ୨୨ ଓ ୨୩ ନମ୍ବର ୱାର୍ଡ ସଂଲଗ୍ନ ରାସ୍ତାର ପମ୍ପହାଉସ ଛକ ଠାରୁ ଭରତ ମଲ୍ଲିକ ଘର ପର୍ଯ୍ୟନ୍ତ ଦେଢଶହ ମିଟର ରାସ୍ତାକୁ ଦୁଇବର୍ଷ ତଳେ ପୌରପାଳିକା ୭ଲକ୍ଷ ଟଙ୍କା ଅଟକଳରେ କଂକ୍ରିଟ ଢଳେଇ କରିଥିଲା। ବର୍ତ୍ତମାନ ଏହି ରାସ୍ତାରେ ମେଟାଲ ଉଠିଯାଇ ଭିନ୍ନଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେଇଛି। ସେହିଭଳି ବସ୍‌ଷ୍ଟାଣ୍ଡରୁ ରେମୁଣା ଗୋଲାଇ ଅଭିମୁଖେ ଯାଇଥିବା ରାସ୍ତାର ଶଙ୍କର ବାଇକ୍ ରିପ୍ୟାରିଂ ଦୋକାନ ଠାରୁ ମା ନିମକାଳୀ ମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ୧୨୫ ମିଟର ରାସ୍ତାକୁ ଦେଢ଼ ବର୍ଷ ତଳେ ପୌରପାଳିକା କଂକ୍ରିଟ ଢଳେଇ କରିଥିଲା। ବର୍ତ୍ତମାନ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହେଇଯାଇଛି। ରାସ୍ତା ଉପରୁ ମେଟାଲ ବାହାରିଯାଇ ଖାଲ ଖମା ସୃଷ୍ଟିହେଇଛି। ପୁଣି ସହଦେବଖୁଣ୍ଟାର ପଣ୍ଡା ଘର ଠାରୁ ଚାନ୍ଦାମାରିପଡ଼ିଆ ଛକ ପର୍ଯ୍ୟନ୍ତ ଯାଇଥିବା ଦୁଇଶହ ମିଟର ରାସ୍ତାକୁ ତିନିବର୍ଷ ତଳେ ପୌରପାଳିକା କଂକ୍ରିଟ ଢଳେଇ କରିଥିଲା। ମାତ୍ର ବର୍ତ୍ତମାନ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ହେଇଯାଇଛି। ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟିହେଇଥିବା ଯୋଗୁଁ ବାଇକ ଚାଳକ ମାନଙ୍କ ଯାତାୟାତରେ ବିପଦ ସୃଷ୍ଟି ହେଉଛି। ତେବେ ରାସ୍ତା ଗୁଡିକ ଅତ୍ୟନ୍ତ ନିମ୍ନମାନର ନିର୍ମାଣ କରାଯାଇଥିବା ଯୋଗୁଁ ଖୁବ୍‌କମ ଦିନ ମଧ୍ୟରେ ଦଦରା ହେଇଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ମନ୍ମଥ ବେହେରା କହିଛନ୍ତି। ତେବେ ଆଗାମୀ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବା ପୂର୍ବରୁ ଏହି ରାସ୍ତା ଗୁଡିକ ନିର୍ମାଣ କରିବାକୁ ଶ୍ରୀ ବେହେରା ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଦାବି କରିଛନ୍ତି। ଅପରପକ୍ଷରେ ପୌରପାଳିକାର ଯନ୍ତ୍ରୀ ପ୍ରଦୀପ ନାୟକ ଏହି ରାସ୍ତା ନିର୍ମାଣ ବାବଦରେ କହିଛନ୍ତି, ଟେଣ୍ଡର କରାଯାଇଛି। ଖୁବ୍‌ଶୀଘ୍ର ସହଦେବଖୁଣ୍ଟା ମୌଜାର ରାସ୍ତା ଗୁଡିକ ନିର୍ମାଣ ହେବ। ନିର୍ବାଚନ ଆଚରଣବିଦ୍ଧି ଲାଗୁହେବା ପୂର୍ବରୁ ଏହି ରାସ୍ତାଗୁଡ଼ିକ ନିର୍ମାଣ କାର୍ଯ୍ୟଆରମ୍ଭ ହେଇଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ



**ବାଲେଶ୍ୱର, ୧୨।୩(ସମିସ):** ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଛି। ପରିଷଦ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ 'ଅକ୍ଷାଂଶ'ର ସମ୍ପାଦକ ଓ କବି ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଉକ୍ତ ମହାବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀ ଦୟାନିଧି ସେନାପତି, ଦିନେଶ କୁମାର ନାଏକ, ଚନ୍ଦନ ସିଂ, ସମୀର କୁମାର ସେନାପତି, ବିଦ୍ୟୁତପ୍ରଭା ପତି, ଲକ୍ଷ୍ମୀ ଦେହୁରୀ, ସବିତା ସାମନ୍ତ, ମୋନାଲିସା ଦାସ, ମନ୍ଦାକିନୀ ଦାସ, ଓ ଅନିଶା ନାୟକ ଅତିଥି ବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷାର ଇତିହାସ, ବର୍ତ୍ତମାନର ସ୍ଥିତି ଓ ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପରିଷଦ ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଡକ୍ଟର ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଚନ୍ଦନେଶ୍ୱର, ୧୨।୩ (ସମିସ):** ସୋମବାର ବିଳମ୍ବିତ ରାତ୍ରିରେ ଚନ୍ଦନେଶ୍ୱର ପଟୁ ବାଇକ ଚଳାଇ ଯାଉଥିବା ହୁଗୁଳି ପଞ୍ଚାୟତ ଅନ୍ତର୍ଗତ ଗାଜିପୁର ଗ୍ରାମର ନିଶିକାନ୍ତ ଦାସଙ୍କ ଏକମାତ୍ର ପୁତ୍ର ନନୀଗୋପାଳ ଦାସ (୨୫) ଭାରସାମ୍ୟ ହରାଇ ନେଗୁଆଁ ଛକଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଅତି ଗୁରୁତର ଅବସ୍ଥାରେ ନନୀଗୋପାଳଙ୍କୁ ଲୋକମାନେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମାତ୍ର ତାଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକରେ ନନୀଗୋପାଳଙ୍କ ଆଜି ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କର ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହରିନାମ ସଂକୀର୍ତ୍ତନ ଓ ଅନ୍ନ ମହୋତ୍ସବ

**ଦହମୁଣ୍ଡା, ୧୨।୩ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତି -୨ ଗ୍ରାମ ସ୍ଥିତ ବାବା ଗର୍ଭେଶ୍ୱର ମନ୍ଦିର ପ୍ରାଙ୍ଗଣ ରେ ମହାଶିବ ରାତ୍ରି ଓ ଜାଗର ମେଳା ଉପଲକ୍ଷେ ଚବିଶି ପ୍ରହର ବ୍ୟାପି ହରିନାମ ସଂକୀର୍ତ୍ତନ ଓ ଅନ୍ନ ମହୋତ୍ସବ ଅନୁଷ୍ଠିତ ହେଇଯାଇଛି। ଏହି ଉତ୍ସବ ଗତ ଶନିବାର ଠାରୁ ଶୁଭାରମ୍ଭ ହୋଇ ଆଜି ଉଦଯାପିତ ହୋଇଯାଇଛି। ଆରୁହାବୃତ୍ତି ଗ୍ରାମ ସମେତ, ଦହମୁଣ୍ଡା, ଖରିଦିପିପଳ, ହରିଣୀକୁଲି, ବାରବାଟିଆ ଉଲୁଡ଼ା, ରସଲପୁର ଗ୍ରାମର ଶତାଧିକ ଭକ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହି ଆଧ୍ୟାତ୍ମିକ ଉତ୍ସବକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ବେହେରା, ରାଜକୁମାର ମଲ୍ଲିକ, ଚତୁର୍ଭୁଜ ବେହେରା, କାହ୍ନୁ ବେହେରା, ସଞ୍ଜୟ ଦାସ, ଦେବତୀର୍ଥ ଦାସ, ଶୁଭଦୀପ ଦାସ, ନାରାୟଣ ଚନ୍ଦ୍ର ଦାସ ଚନ୍ଦ୍ର ଅଧିକାରୀ, ଗଣେଶ ଚନ୍ଦ୍ର ଦାସ, ହରେନ୍ଦ୍ର ବେହେରା, ଧୀରେନ୍ଦ୍ର ସି, ଗୌର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ସିନ୍ଧିଆ ପଞ୍ଚାୟତରେ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ



**ବାଲେଶ୍ୱର, ୧୨।୩(ସମିସ):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସିନ୍ଧିଆ ପଞ୍ଚାୟତର ଦୁଇଟି ଗ୍ରାମରେ ସ୍ଥାନୀୟ ସରପଞ୍ଚ ବୃନ୍ଦାବତୀ ପ୍ରଧାନ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପୂର୍ବତନ ସରପଞ୍ଚ ତଥା ସିନ୍ଧିଆ ପ୍ରାଥମିକ ସେବା ସମବାୟ ସମିତିର ସଭାପତି ଅନିରୁଦ୍ଧ ପ୍ରଧାନଙ୍କ ତତ୍ତ୍ୱାବଧାନ ରେ ଆଜି ବାଲିପାଳ ଗ୍ରାମର ହୁଲୁହୁଲିଆ ନାଳ ଉପରେ ପିଏମଜିଏସୱାଇ ଯୋଜନାରେ ଏକ ସେତୁ ନିର୍ମାଣ ଲାଗି ତିନି କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ବେଲଦା ଗ୍ରାମର ଡୁମୁରିଆରେ ବେଲଦା ନାଳ ଉପରେ ସେହି ସମାନ ଯୋଜନାରେ ପାଞ୍ଚ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏକ ସେତୁ ନିର୍ମାଣ ହେବ। ସରପଞ୍ଚ ପ୍ରଧାନ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରି କହିଥିଲେ କି, ଧୂସୁଳି ଓ ବାଲିପାଳ ମଧ୍ୟରେ ଏକ ବଡ ସେତୁ ଏବଂ ବେଲଦା ନାଳ ଉପରେ ଏକ ସେତୁ ନିର୍ମାଣ ଲାଗି ପଞ୍ଚାୟତବାସୀ ଦାବି କରି ଆସୁଥିଲେ। ତେଣୁ ଦୀର୍ଘଦିନର ଦାବିକୁ ସରକାର ଆଜି ପୂରଣ କରିଛନ୍ତି ବୋଲି ସରପଞ୍ଚ ପ୍ରଧାନ କହିଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୱାର୍ଡମେମ୍ବର ବିମଳା ସେନାପତି, କରୁଣାକର ମାଝୀ, ସୁରଭି ମାଝୀ, ମୁରଲୀ ମାଝୀ, ଲମ୍ବୋଦର ମାଝୀ ସନ୍ତୋଷ ବେହେରା, ଲମ୍ବୋଦର ବେହେରା, ନରୋତ୍ତମ ଭୂୟାଁ, ନିତ୍ୟନନ୍ଦ ସେନାପତି, ଅଜୟ ଜେନା, ଲମ୍ବୋଦର ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜାନକୀ ଜେନାଙ୍କ ପରଲୋକ

**ଜଳେଶ୍ୱର ବ୍ଲକ, ୧୨।୩(ସମିସ) :** ସୁନାମଧନ୍ୟ ଡାକ୍ତର ଗୋପାଳ ଚନ୍ଦ୍ର ନନ୍ଦୀଙ୍କ ଭଉଣୀ ତଥା ସ୍ୱର୍ଗତ ଶଚିନ୍ଦ ଜେନାଙ୍କ ସହଧର୍ମିଣୀ ଜାନକୀ ଜେନା (୭୭)ଙ୍କ ଆଜି ପୂର୍ବାହ୍ନରେ ପରଲୋକ ଘଟିଛି। କିଛିଦିନ ପୂର୍ବରୁ ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲାବେଳେ ଆଜି ଜଳେଶ୍ୱର ବ୍ଲକର ଆମ୍ବଲିଆଠାସ୍ଥିତ ବାସଭାବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ସୁଗୃହିଣୀ, ପରପୋକାରୀ, ମିଷ୍ଟଭାଷୀ, ଦରଦୀ, ସ୍ନେହି, ବଦାନ୍ୟ, ସମାଜସେବୀ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତିନି ଝିଅ, ଦୁଇ ପୁତ୍ର ଅନିଲ, ସୁନିଲ, ନାତି ନାତୁଣୀ, ଜ୍ୱାଇଁମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବାଇକ୍ ଧକ୍କାରେ ମହିଳା ମୃତ

**ଜଳେଶ୍ୱର ବ୍ଲକ, ୧୨।୩ (ସମିସ):** ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ଆମ୍ବଲିଆଠା ବାଇପାସ୍ ନିକଟରେ ଜଣେ ମହିଳାଙ୍କୁ ଏକ ବାଇକ୍ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଅଲାଲପୁର ଗାଁର ମିନତୀ ଭଞ୍ଜ (୫୫) ନିଜ ବାପ ଘର ଆମ୍ବଲିଆଠାକୁ ଚାଲିଚାଲି ଆସୁଥିଲେ। ଆମ୍ବଲିଆଠା ଗାଁର ଜନୈକ ଯୁବକ ବୁଲେଟରେ ଗଲାବେଳେ ଏକ ଷଣ୍ଢ ହଠାତ୍ ଗାଡି ଆଗକୁ ମାଡିଆସିଥିଲା। ଫଳରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ମହିଳାଙ୍କୁ ଧକ୍କା ଦେଇଥିଲା। ମହିଳାଙ୍କୁ ଜିକେ ଭଞ୍ଜର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅପରାହ୍ନରେ ମୃତ୍ୟୁ ଘଟିଥିଲା। ପୁଲିସ ଶବ ବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି।

**ମିଶନ ଶକ୍ତିର ୱାନ ଜିପି ୱାନ ପ୍ରଡକ୍ଟ କାର୍ଯ୍ୟକ୍ରମ**

# ରୋଜଗାରକ୍ଷମ ହୋଇଛନ୍ତି ୨୮, ୮୧୫ ମହିଳା

**ବାଲେଶ୍ୱର, ୧୨।୩(ସମିସ):**

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ଜରିଆରେ ୱାନ ଜିପି ୱାନ ପ୍ରଡକ୍ଟ(ଓଜିଓପି) କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାରେ ସଫଳତାର ସହିତ ଚାଲିଛି। ମିଶନଶକ୍ତିର ଏହି ଓଜିଓପି କାର୍ଯ୍ୟକ୍ରମ ଅନ୍ୟ ଜିଲ୍ଲା ଗୁଡିକରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇ ନାହିଁ। ମାତ୍ର ବାଲେଶ୍ୱର ଜିଲ୍ଲାର ଏହି କାର୍ଯ୍ୟକ୍ରମରେ ୪ ହଜାର ୬୧୭ ସ୍ୱୟଂ ସହାୟିକା ଗୋଷ୍ଠୀର ୨୮ ହଜାର ୮୧୫ ମହିଳା ସାମିଲ ହେଇ ରୋଜଗାରକ୍ଷମ ହେଇପାରିଛନ୍ତି। ଓଜିଓପିରେ ସାମିଲ ହେଇଥିବା ଏସଏଚଜି ମହିଳା ମାନେ ମିଶନଶକ୍ତି ଯୋଜନାରେ ଆର୍ଥିକ ସହାୟତା ପାଇ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ସହିତ ଘରୋଇ ଉପକରଣ ମାନ ପ୍ରସ୍ତୁତ କରୁଛନ୍ତି। ଏହି ପ୍ରସ୍ତୁତ ସାମଗ୍ରୀକୁ ମହିଳାମାନେ ବାଲେଶ୍ୱର ସଦର ମହକୁମାରେ ଥିବା ମିଶନଶକ୍ତି ବଜାରରେ ବିକ୍ରି କରୁଛନ୍ତି। ସେହିଭଳି ଏସଏଚଜି ମହିଳାମାନେ ମେସିନ ଦ୍ୱାରା ଧାନ ପେଷି ଚାଉଳ ବାହାରକରି ମଧ୍ୟ ବିକ୍ରି କରୁଛନ୍ତି।

ତଥ୍ୟାନୁସାରେ ଜିଲ୍ଲାର ୩୫୬ଟି ପଞ୍ଚାୟତର ୩୧ ହଜାର ୧୦୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ରହିଛି। ଏହା ମଧ୍ୟରୁ



ବାହାନଗା ବ୍ଲକର ୨୪ଟି ପଞ୍ଚାୟତର ୧୮୩୭ ଗ୍ରୁପ ମଧ୍ୟରୁ ୧୬୪ଟି ଗ୍ରୁପର ୧୬୧୭ ମହିଳା, ବାଲେଶ୍ୱର ସଦର ବ୍ଲକର ୩୭ ପଞ୍ଚାୟତର ୨୮୧୨ ଗ୍ରୁପ ମଧ୍ୟରୁ ୧୮୧ଟି ଗ୍ରୁପର ୩୦୧୦ ଜଣ ମହିଳା, ବାଲିଆପାଳ ବ୍ଲକର ୨୫ଟି ପଞ୍ଚାୟତର ୨୭୧୭ଟି ଗ୍ରୁପ ମଧ୍ୟରୁ ୩୫୭ଗ୍ରୁପର୨୪୩୯ ଜଣ ମହିଳା, ବସ୍ତା ବ୍ଲକର ୩୧ ପଞ୍ଚାୟତର ୨୩୬୨ ଗ୍ରୁପ ମଧ୍ୟରୁ ୩୦୫ ଗ୍ରୁପର ୨୪୩୯ ଜଣ ମହିଳା, ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତର ୪୦୪୭ ଗ୍ରୁପ ମଧ୍ୟରୁ ୧୧୨୪ଗ୍ରୁପର ୪୮୨୭ ଜଣ ମହିଳା, ଜଳେଶ୍ୱର ବ୍ଲକର ୩୫ପଞ୍ଚାୟତର ୩୦୫୫ଗ୍ରୁପ ମଧ୍ୟରୁ ୫୩୬ଟି ଗ୍ରୁପର ୨୩୯୧ ଜଣ ମହିଳା, ଖଇରା ବ୍ଲକର ୩୭ପଞ୍ଚାୟତର ୩୫୪୯ ଗ୍ରୁପ ମଧ୍ୟରୁ ୫୯୨ ଟି ଗ୍ରୁପର ୨୩୧୩ ଜଣ ମହିଳା, ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତର ୧୯୯୧ ଟି ଗ୍ରୁପ ମଧ୍ୟରୁ ୨୧୫ଗ୍ରୁପର ୨୨୬୬ ଜଣ ମହିଳା, ଔପଦା ବ୍ଲକର ୧୧ ଟି ପଞ୍ଚାୟତର ୧୩୦୦ ଗ୍ରୁପ ମଧ୍ୟରୁ୩୨୦ ଗ୍ରୁପର୧୫୨୦ ଜଣ ମହିଳା, ରେମୁଣାର ୩୨ଟି ପଞ୍ଚାୟତରେ ୩୨୩୩ ଗ୍ରୁପ ମଧ୍ୟରୁ ୨୫୮ଟି ଗ୍ରୁପର ୩୧୮୮ ଜଣ ମହିଳା, ସିମୁଳିଆର ୨୨ଟି ବ୍ଲକରେ ୨୨୯୧ ଗ୍ରୁପ ମଧ୍ୟରୁ ୨୦୦ ଗ୍ରୁପର ୧୫୨୭ ଜଣ ମହିଳା ଏବଂ ସୋର ବ୍ଲକର ୨୪ ପଞ୍ଚାୟତରେ ୧୯୧୨ଟି ଗ୍ରୁପ ମଧ୍ୟରୁ ୩୬୫ଟି ଗ୍ରୁପର ୧୭୩୭ ଜଣ ମହିଳା ଓଜିଓପି କାର୍ଯ୍ୟକ୍ରମରେ ସାମିଲ ହେଇ ରୋଜଗାରକ୍ଷମ ହେଇପାରିଛନ୍ତି। ଜିଲ୍ଲାରେ ମୋଟ ୩୧, ୧୦୬ଟି ଏସଏଚ ଗ୍ରୁପର ୩ ଲକ୍ଷ ୩୩ ହଜାର ମହିଳା ମିଶନଶକ୍ତିରେ ସାମିଲ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଓଜିଓପି କାର୍ଯ୍ୟକ୍ରମରେ ୪, ୬୧୭ ଟି ଏସଏଚଜି ର ୨୮, ୮୧୫ ମହିଳା ସାମିଲ ହେଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଆଉ ଅଧିକ ଏସଏଚଜି ମହିଳା ମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର ମହିଳା ସଂଗଠନ ଗୁଡିକ ଦାବି କରିଛନ୍ତି। ଓଜିଓପି କାର୍ଯ୍ୟକ୍ରମ ବାବଦରେ ମିଶନଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଏସଏଚଜି ମହିଳା ମାନଙ୍କୁ ସାମିଲ କରାଯିବା ପାଇଁ ଗୁରୁତ୍ୱ ଦିଆଯିବ।

## ୨୩ରୁ ଜଗନ୍ନାଥଙ୍କ ୩୨ ବେଶ କାର୍ଯ୍ୟକ୍ରମ

**ଜଳେଶ୍ୱର ବ୍ଲକ, ୧୨।୩ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋପୀମୋହନପୁର ଗ୍ରାମ ପଞ୍ଚାୟତର ଗ୍ରାମବାସୀଙ୍କ ପକ୍ଷରୁ ମାର୍ଚ୍ଚ ୨୩ ତାରିଖ ଶନିବାରଠାରୁ ମାର୍ଚ୍ଚ ୩୧ ତାରିଖ ରବିବାର ପର୍ଯ୍ୟନ୍ତ ଜଗନ୍ନାଥଙ୍କ ୩୨ ବେଶ, ଭାଗବତ କଥାମୃତ ଓ ଛପନ ମାଦଳ ସହ ହରିନାମ ସଙ୍କୀର୍ତ୍ତନ ଛମୌଜ ସ୍ଥିତ ରାଣୀ ପଡ଼ିଆରେ ଆୟୋଜନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମ ୯ ଦିନ ଧରି ଚାଲିବା ସହିତ କଳସ ଶୋଭାଯାତ୍ରା ହୋଇ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପାବନ କ୍ଷେତ୍ରରେ ଯଜ୍ଞାଦି କର୍ମ ତଥା ଜଗନ୍ନାଥଙ୍କ ୩୨ ବେଶର ଶୁଭ ଉଦଘାଟନ ହେବ।୨୪ ତାରିଖରୁ ସବୁଦିନ ଗ୍ରାମ ପଞ୍ଚାୟତ ରେ ପ୍ରତ୍ୟେକ ଦିନ ନଗର କୀର୍ତ୍ତନ କରି ପରିକ୍ରମା ଓ ସନ୍ଧ୍ୟାରେ ଭାଗବତ କଥାମୃତ ପ୍ରବଚନ କରାଯିବ।୨୫ ତାରିଖ ଦୋଳ ପୂର୍ଣ୍ଣିମା ଅବସରରେ ଗୌରାଙ୍ଗ ମହାପ୍ରଭୁଙ୍କ ଶୁଭ ଆବିର୍ଭାବ ତିଥିରେ ମହାଭିଷେକ ହେବ। ୨୮ ତାରିଖ ଗୁରୁବାର ସକାଳ ୮ ଘଟିକାରେ ପୂର୍ଣ୍ଣମାସୀ ଘଟ ଉତ୍ତୋଳନ ଓ ସକାଳ ୧୦ ଘଟିକା ସମୟରେ ଅଧିବାସ ସହ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇ ସବୁଦିନ ମେଳି ତଥା ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।୩୧ ତାରିଖ ରବିବାର ଛପନ ମାଦଳ ନାମ ସଙ୍କୀର୍ତ୍ତନର ବିଶ୍ରାମ ସହ ଦଧି ଉତ୍ସବ ଅନୁଷ୍ଠିତ ହେବ। ପ୍ରାୟ ଆଖପାଖ ୩୦/୪୦ ଗ୍ରାମରୁ ଶ୍ରଦ୍ଧାଳୁ ମାନେ ଆସି ପାବନ କ୍ଷେତ୍ରରେ ଜଗନ୍ନାଥଙ୍କୁ ଦର୍ଶନ କରିବା ସହିତ ଜଗନ୍ନାଥଙ୍କ ୩୨ ବେଶ ଦର୍ଶନ ନିମନ୍ତେ ଆସିବେ ବୋଲି ଆୟୋଜକ ମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ସମସ୍ତ ପ୍ରକାର ପଦକ୍ଷେପ ନିଆ ଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

## ଦକ୍ଷିଣ ପୂର୍ବ ରେଲୱେର ନୂତନ ରେଳଧାରଣା ସମୀକ୍ଷା



**ଖନ୍ତାପଡ଼ା, ୧୨।୩ (ସମିସ):** ନୂତନ ରେଳଧାରଣା ନିର୍ମିତ ହେଉଥିବା ବେଳେ ଆଜି ମଧ୍ୟାହ୍ନ ସମୟରେ ଦକ୍ଷିଣ ପୂର୍ବ ଭାରତୀୟ ରେଳ ବିଭାଗୀୟ ୩୦ ଜଣିଆ ଟିମ ଆସି ବାହାନଗା ରୁ ଖନ୍ତାପଡ଼ା ପର୍ଯ୍ୟନ୍ତ ରେଳ ଲାଇନର ନିରୀକ୍ଷଣ କରିଛନ୍ତି। ଦକ୍ଷିଣ ପୂର୍ବ ରେଳବିଭାଗ ର କନଷ୍ଟ୍ରକ୍ସନ ସି.ଓ ରାଜୀବ ଶ୍ରୀବାସ୍ତବ ଏବଂ ଡେପୁଟି ପ୍ରିୟମ ଗୁପ୍ତାଙ୍କ ସମେତ ୨୦ ଜଣ ଇଞ୍ଜିନିଅର କଲିକତାରୁ ଆସି ରେଳ ଧାରଣା ପାର୍ଶ୍ୱରେ ହେଉଥିବା ନୂତନ ରାସ୍ତା ଗୁଡିକ ସମୀକ୍ଷା କରିଥିଲେ। ସୂଚନା ଥାଉ କି ଆଜି ସକାଳୁ ଭଦ୍ରକ ଠାରୁ ବାହାରି ୨୦ ଜଣିଆ ଟିମ ବାଲେଶ୍ୱର ପର୍ଯ୍ୟନ୍ତ ସମସ୍ତ ଲାଇନକୁ ଦେଖିବା ସହିତ ନୂତନ ପ୍ରଣାଳୀ ରେ ହେଉଥିବା ରେଳ ଧାରଣା କାର୍ଯ୍ୟ କେତେ ଶୀଘ୍ର ସମାପ୍ତି ହେବା ସହିତ ପ୍ରସ୍ତ କେତେ ବଢ଼ିବ ସେ ବିଷୟ ରେ ଟିମ ସହିତ ଆଲୋଚନା କରିଥିବାର ଦେଖିବାକୁ ମିଳିଥିଲା। ଖନ୍ତାପଡ଼ା ନିକଟରେ ହେବାକୁ ଥିବା ଓଭର ବ୍ରିଜର ସମୀକ୍ଷା କରିବା ସହିତ ରାସ୍ତାର ପ୍ରସ୍ତ ଅଧିକ ବଢ଼ିବା ନେଇ ଆଲୋଚନା କରିଥିଲେ। ବାହାନଗା ରେଳ ଦୁର୍ଘଟଣା ପରେ ରେଳ ବିଭାଗ ତରଫରୁ କାର୍ଯ୍ୟ ତତ୍ପର ହୋଇଥିବାର ଦେଖିବାକୁ ମିଳିଛି।

## ବିଶ୍ୱ ମହିଳା ଦିବସରେ ଅପର୍ଣ୍ଣା ସମ୍ମାନିତ

**ଚନ୍ଦନେଶ୍ୱର, ୧୨।୩(ସମିସ):** କୃଷିକ୍ଷେତ୍ରରେ ଜୈବିକ ପଦ୍ଧତିର ବ୍ୟବହାର ଉପରେ ଗୁରୁତ୍ୱ ଦେବା, ସମାଜରେ ଅବହେଳିତ ଦିବ୍ୟାଙ୍ଗମାନଙ୍କୁ ସହାୟତା ଯୋଗାଇବା, ପରିବେଶ ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରଖିବାକୁ ବକୁଳ ବୃକ୍ଷ ରୋପଣ କରିବା, ମୁମ୍ବାଇସ୍ଥିତ ଟାଟା ମେମୋରିଆଲରେ ସ୍ୱଳ୍ପ ଖର୍ଚ୍ଚରେ ଚିକିତ୍ସା ହେବା ଓ ଶୀତ ଋତୁରେ ଅସହାୟମାନଙ୍କୁ କମ୍ବଳ ବିତରଣ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରି ଆନ୍ତର୍ଜାତୀୟ ସ୍ତରରେ ମହିଳାଙ୍କ ମଧ୍ୟରୁ ଓଡ଼ିଶାରୁ



ଭୋଗରାଇର ଅପର୍ଣ୍ଣା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଅଛି। ୨୦୨୪ ମାର୍ଚ୍ଚ ୮ ତାରିଖ ବିଶ୍ୱ ମହିଳା ଦିବସରେ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାରେ ଏକମାତ୍ର ମହିଳା ଅପର୍ଣ୍ଣାଙ୍କୁ ଥିଙ୍କ ମାନବାଧିକାର ସଙ୍ଗଠନ (ଟିଏମଏସ) ଦିଲ୍ଲୀ ତରଫରୁ ଆନ୍ତର୍ଜାତିକ 'ଓମେନସ ପ୍ରାଇଡ ଆୱାର୍ଡ' ସମ୍ମାନିତ କରିଛନ୍ତି। ଭୋଗରାଇ ମାଟିର ରୁଦ୍ର ବିପ୍ଳବୀ ଭୋଗରାଇ ପୂର୍ବତନ ବିଧାୟକ ପ୍ୟାରୀମୋହନ ଦାସଙ୍କ ସୁକନ୍ୟା ଅପର୍ଣ୍ଣା ଦାସ ମହାପାତ୍ର ଆଜି ପିତାଙ୍କ ନାମିତ ଏକ ଏନଜିଓ ଗଠନ କରି ବାଲେଶ୍ୱର, ଭୋଗରାଇରେ ସମାଜ ସେବା କରନ୍ତି।

## ବ୍ଲକ ଘେରିଲା କଂଗ୍ରେସ

**ସୋର, ୧୨।୩ (ସମିସ):** ପାଞ୍ଚଦଫା ଦାବିନେଇ ସୋର କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରିବା ସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ନଗର ସଭାପତି ରାଜେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ଶ୍ରୀକାନ୍ତ ଜେନା, ଯୁବନେତା ସୁବ୍ରତ ଧଡ଼ା, ଯୋଗେନ୍ଦ୍ର ଜେନା, ରାଜେଶ ମହାପାତ୍ର, ଶରତ ଦଳେଇ, ସତ୍ୟନାରାୟଣ ମହାପାତ୍ର, ଗୌରାଙ୍ଗ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ବିଶେଷ କରି ଦାବି ଗୁଡିକ ମଧ୍ୟରେ ବାଗୁଡ଼ି ରାସ୍ତାର ଦୁରାବସ୍ଥାକୁ ଦୂର କରିବା, ଚିଟଫଣ୍ଡ ଟଙ୍କା ଫେରସ୍ତ, ସୋର ଡାକ୍ତରଖାନାରେ ଖାଲିଥିବା ଡାକ୍ତର ନିଯୁକ୍ତି, ଆବାସ ଯୋଜନାରେ ନୂତନ ହିତାଧିକାରୀ ଚୟନ ଏବଂ ନୂତନ ରାସନକାର୍ଡ କରିବା ଓ ପୂର୍ବ ରାସନକାର୍ଡରେ ନାମ ଯୋଡିବା ଆଦି ପାଞ୍ଚ ଦଫା ଦାବିନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସତ୍ୟନାଥ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଯଦି ଜିଲ୍ଲାପାଳ ଏ ବାବଦରେ ତୁରନ୍ତ ପଦକ୍ଷେପ ନ ନିଅନ୍ତି ତାହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ ବ୍ଲକରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ



**ପଞ୍ଚଲିଙ୍ଗେଶ୍ୱର, ୧୨।୩(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା କୁଲିଡିଆ ଅଭୟାରଣ୍ୟ ଅନ୍ତର୍ଗତ ଦେବଗିରି ପାହାଡ଼ ପାଦଦେଶଠାରେ ଆଦିବାସୀ ଜନବସତି ଗୁଡ଼ିଖୁଲା ଠାରେ, ଜଙ୍ଗଲ କୁ କିପରି ନିଆଁ ଦାଉରୁ ରକ୍ଷା କରିବା ଓ ବନ୍ୟଜନ୍ତୁ ଶିକାର ନ କରି, ନିଜେ ସୁରକ୍ଷିତ ରହିବା ସହିତ ସେମାନଂକୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ଭାଗ୍ୟଶ୍ରୀ ଦ୍ୱିବେଦୀ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ ଯୋଗଦାନ ଦେଇ ଜଙ୍ଗଲ ସୁରକ୍ଷା ବିଷୟରେ ଉପସ୍ଥିତ ରହିଥିବା ଜନସାଧାରଣ ମାନଂକୁ ଅଭିଭାଷଣ ମାଧ୍ୟମରେ ସଚେତନତା କରେଇଥିଲେ। ମୁଖ୍ୟବକ୍ତା ରେଞ୍ଜର ପ୍ରବୀର ମୁର୍ମୁ ଯୋଗଦାନ ଦେଇ ଗଛ ହିଁ ଜୀବନ ଓ ଜଙ୍ଗଲ ରକ୍ଷା ଜୀବନ ସୁରକ୍ଷା ବିଷୟରେ ନିଜ ବକ୍ତବ୍ୟ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ପକ୍ଷୀ ବିଶେଷଜ୍ଞ ତଥା ଟ୍ୱରିଷ୍ଟ ଗାଇଡି ମନୋରଞ୍ଜନ ଦାଶ ଯୋଗଦାନ ଦେଇ ଅତ୍ୟଧିକ ଗ୍ରୀଷ୍ମ ପ୍ରଭାବ ପଡ଼ିବା ଦ୍ୱାରା ଜଙ୍ଗଲ କୁ କିପରି ନିଆଁ ଦାଉରୁ ରକ୍ଷା କରିବା ସହିତ, ବନ୍ୟଜନ୍ତୁ ଗୁଡିକୁ ସୁରକ୍ଷା ଦେବା ଶହ ଅନ୍ୟ ଜନସାଧାରଣ ମାନଂକୁ ସଚେତନତା କରେଇବା ନେଇ ବାର୍ତ୍ତା ପ୍ରଦାନ କରିଥିଲେ। ସମିତିସଭ୍ୟ ଭୋଲାନାଥ ମାଝୀ ଧନ୍ୟବାଦ ଭାଷଣ ଦେଇଥିଲେ। ଜଙ୍ଗଲ କମିଟିର ସଭାପତି ଲକ୍ଷ୍ମୀଧର ସ, ରାମଚନ୍ଦ୍ର ସିଂ, ଜଟିଳ ସିଂ, ମାଧୁରୀ ସିଂ, ସୁକୁରି ସିଂ, ୱାର୍ଡ ସଭ୍ୟ ଅମ୍ରିତା ସିଂଙ୍କ ସହ ଶତାଧିକ ଲୋକ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ସ୍କୁଲ ଓ କଲେଜ ପରିସରରେ ବିଦ୍ୟୁତ୍ ବିପଦ !

- ଶୁଣୁନି ବିଭାଗ
- ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆଣିଲେ ଜିଲ୍ଲା ପରିଷଦ ସଭ୍ୟ

**ବାହାନଗା, ୧୨।୩(ସମିସ) :**

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଆରୁହାବାଡ଼ ଉଦୟନାରାୟଣ ହାଇସ୍କୁଲ ଏବଂ ବିଷ୍ଣୁପୁର ପଞ୍ଚାୟତ ସତ୍ୟନିଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟୁତ ତାର ଯାଇଥିବାବେଳେ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁ ନ ଥିବାରୁ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣେ ଜନ ପ୍ରତିନିଧି ଅଭିଯୋଗ ଆଣିଥିବାର ଜଣାପଡ଼ିଛି। ଖବର ଅନୁସାରେ ସୋମବାର ବାହାନଗା ବ୍ଲକ ପରିସରରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜଣାଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଉଦୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ମଧ୍ୟରେ ୧୧ କେଭିର ବିଦ୍ୟୁତ ତାର ଯାଇଥିବାରୁ ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ସେହିଭଳି ବିଷ୍ଣୁପୁର ସ୍ଥିତ



ସତ୍ୟନିଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରେଣୀଗୃହ ଉପରଦେଇ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଯାଇଛି। ଏ ନେଇ ବହୁବାର ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ୨୦ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି ବିଦ୍ୟୁତ ତାର ସ୍ଥାନାନ୍ତରଣ ପାଇଁ ବିଦ୍ୟୁତ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିଦ୍ୟୁତ ବିଭାଗ ଧ୍ୟାନ ଦେଇ ନ ଥିଲେ। ଆଜି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ସ୍କୁଲ ପରିସରରୁ ବିଦ୍ୟୁତ ତାରକୁ ସ୍ଥାନାନ୍ତରଣ ପାଇଁ ଜିଲ୍ଲାପାଳଙ୍କ ମିଳିତ ଜଣାଶୁଣାଣି ଶିବିରରେ ୨୦ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି ଅଭିଯୋଗ କରିଥିଲେ। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଘଟଣାକୁ ଗୁରୁତର ଭାବେ ନେଇ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟୁତ ବିଭାଗର ଏସି ସିଦ୍ଧାର୍ଥ ଶଙ୍କର ରାୟଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ସୁପରଲିଗ୍ କ୍ରିକେଟ ମୁକାବିଲା

**ଦହମୁଣ୍ଡା, ୧୨।୩(ସମିସ):** ଭୋଗରାଇ ବ୍ଲକ କଣ୍ଡାଳିଆ ଛକ ନିକଟରେ ସୁପର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଆଇପିଏଲ ଢାଞ୍ଚାରେ ନିଲାମ ପ୍ରକ୍ରିୟାରେ ଖେଳାଳୀ ମାନଙ୍କୁ ଚୟନ ଯାଇଥିଲା। ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ଅଭିଜିତ ଦାସ ଉଦଘାଟନ କରିଥିଲେ। ତାଙ୍କ ସହିତ ନହରା ସରପଞ୍ଚ କବିତା ରାଣି ଜେନା। ସମାଜ ସେବୀ ମନୋରଞ୍ଜନ ଜେନା। ନହରା ଗ୍ରାମପଞ୍ଚାୟତ ର ପୂର୍ବତନ ସରପଞ୍ଚ ଗୋପାଳ ଚନ୍ଦ୍ର ମୁଖୀ। ଅଂଶୁମାନ ରାଉତ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଉଭୟ ଦଳ ମଧ୍ୟରେ ରୋମାଞ୍ଚକର ଖେଳ ହୋଇଥିଲା ବେଳେ କଣ୍ଡାଳିଆ ଦେବବ୍ରତ ପଡ଼ିହାରୀଙ୍କ ଟିମ୍ ଏବଂ କାନପୁର ଟିମ୍ ଫାଇନାଲ କୁ ଯାଇଥିଲା। ଫାଇନାଲ ମ୍ୟାଚରେ ଦୁଇ ଦଳ ଲଢେଇ ହୋଇଥିଲା। ଏଥିରେ କାନପୁର ଦଳ ପ୍ରଥମ ବିଜେତା ହେଇଥିଲେ। ଦ୍ୱିତୀୟ ଦିନରେ ବ୍ଲକସ୍ତରୀୟ ଟୁର୍ଣ୍ଣାମେଣ୍ଟ



ଆରମ୍ଭ ହୋଇ ୬ଟି ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୬ଟି ଟିମ୍ ମଧ୍ୟରୁ ସାତଶୁଳିଆ ଏବଂ କଣ୍ଡାଳିଆ ଟିମ୍ ଭଲ ପ୍ରଦର୍ଶନ କରି ଫାଇନାଲ କୁ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାଲ ମ୍ୟାଚରେ ଉଭୟ ଟିମଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା ବେଳେ ଏଥିରେ ସାତଶୁଳିଆ ଦଳ ଚାମ୍ପିୟାନ ହୋଇଥିଲା। ଟିମ୍ ର ଅଧିନାୟିକ ମଳୟ କୁମାର ସୁର ଙ୍କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

## କମ୍ୟୁନିଟି ସେଣ୍ଟର ନିମ୍ନମାନର ଅଭିଯୋଗ, ତଦନ୍ତ ଦାବି



**ରାଜଘାଟ, ୧୨ ।୩(ସମିସ):** ବସ୍ତା ବ୍ଲକ ଭେଲୋରା ପଞ୍ଚାୟତର ଭେଲୋରା ଗ୍ରାମରେ ନିର୍ମାଣ ଚାଲିଥିବା କମ୍ୟୁନିଟି ସେଣ୍ଟର ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ୮ ଲକ୍ଷ ଟଙ୍କା ଅନୁମୋଦନରେ ଭେଲୋରା ମୌଜା ଖାତା ନମ୍ବର ୪୭୨ ପ୍ଲଟ୍ ନମ୍ବର ୧୨୮୪ ରେ କମ୍ୟୁନିଟି ସେଣ୍ଟର କାମ ଚାଲୁଛି । ଉକ୍ତ ପ୍ଲଟ୍‌ରେ ଦୀର୍ଘ ୨୪ବର୍ଷ ପୂର୍ବେ ଏକ ଗୃହନିର୍ମାଣ ଚାଲିଥିବା ସମୟରେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁ ଉକ୍ତ ଗୃହଟି ଅଧପନ୍ତରିଆ ହୋଇ ଅତି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା । ବର୍ତ୍ତମାନ ଉକ୍ତ୨୪ବର୍ଷ ପୁରୁଣା ସିଉଳି ଏବଂ ଲୁଣିମରା ଘରକୁ କିଛି ଅଂଶଭାଙ୍ଗି ତାହାରି ଉପରେ ନୂତନ କମ୍ୟୁନିଟି ହଲ ନିର୍ମାଣ କରିବା ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠୁଛି । ଏ ବାବଦରେ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ ଇଟାର ମାନ ଖରାପ ଥିବା ସ୍ୱୀକାର କରିଥିଲେ ଏବଂ ବ୍ୟବହାର ହୋଇଥିବା ଇଟାର ପ୍ରାପ୍ୟ କାଟି ବିଲ କରାଯିବ ବୋଲି ପ୍ରକାଶ କରିଥିଲେ । ପ୍ରାପ୍ୟ କାଟିଦେଲେ କାର୍ଯ୍ୟର ମାନବୃଦ୍ଧି ହୋଇଯିବ ବୋଲି ପ୍ରଶ୍ନରେ କୌଣସି ଉତ୍ତର ଦେଇପାରି ନ ଥିଲେ । ଏପଟେ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରାର୍ଥି ତ୍ରିଲୋଚନ ପ୍ରଧାନ, ନିତ୍ୟାନନ୍ଦ ସାହୁ, ଲମ୍ବୋଦର କାମିଲା, ରବୀନ୍ଦ୍ର ଦାସ, ଗୋପାଳ କାମିଲା, ଗଦାଧର ବାଗ କାର୍ଯ୍ୟକୁ ବନ୍ଦ୍ କରି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ।

### ଭୋଗରାଇ ମହିଳା ବିଜୁ ଜନତା ଦଳ ପକ୍ଷରୁ ମହିଳା ସମାବେଶ

## ନାରୀ ସଶକ୍ତୀକରଣ ବିନା ଦେଶର ବିକାଶ ଅସମ୍ଭବ

**ଶ୍ରଦ୍ଧାପୁର/ଚନ୍ଦନେଶ୍ୱର, ୧୨।୩ (ସମିସ) :**

ସମାଜରେ ନାରୀ ଚିରଦିନ ନମସ୍ୟା ଓ ପୂଜିତା । ମହିଳା ସଶକ୍ତିକରଣ ବିନା ଦେଶର ବିକାଶ ଅସମ୍ଭବ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଆଜିର ନାରୀ ସଶକ୍ତ ଏବଂ ସ୍ୱାବଲମ୍ବୀ ବୋଲି ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଭୋଗରାଇ ବ୍ଲକ ମହିଳା ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ମହିଳା ସମାବେଶରେ ମତପ୍ରକାଶ ପାଇଛି । ଭୋଗରାଇ ବ୍ଲକ ଶଙ୍ଖାରୀ ପଞ୍ଚାୟତ ଅନ୍ତର୍ଗତ କନ୍ୟାନଗରୀ ଜଗଦ୍ଧାତ୍ରୀ ପୂଜା ପଡ଼ିଆରେ ଅନୁଷ୍ଠିତ ମହିଳା ସମାବେଶରେ ବିଜୁ ମହିଳା ଜନତା ଦଳ ଭୋଗରାଇ ବ୍ଲକ ସଭାନେତ୍ରୀ ତଥା ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ନିବେଦିତା ମହାନ୍ତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ



ଅନନ୍ତ ଦାସ, ମୁଖ୍ୟବକ୍ତା ଭାବେ ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀ, ସମ୍ମାନିତ ଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ବିଧାୟକ ପ୍ରତିନିଧି ଇଂ. ଅଭିଜିତ ଦାସ, ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ଜିଲ୍ଲା ମହିଳା ବିଜେଡି ଉପ ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁରାଣୀ ବେହେରା, ବ୍ଲକ ମହିଳା ବିଜେଡି ଉପ ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସାଧାରଣ ସମ୍ପାଦିକା କମଳା ଚାନ୍ଦ, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ବ୍ଲକ ଯୁଗ୍ମ ସମ୍ପାଦିକା ଝରଣା ସାହୁ, ସମ୍ପାଦିକା କିରଣବାଳା ଜେନା, ବ୍ଲକ ସାଧାରଣ ସମ୍ପାଦିକା ସୁଷମା କର, ବ୍ଲକ ସୋସିଆଲ ମିଡ଼ିଆ ସଂଯୋଜକ ତଥା ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟା ନମିତା ପାଳ, ଶଙ୍ଖାରୀ ସରପଞ୍ଚ ସିଦ୍ଧେଶ୍ୱରୀ ପାତ୍ର, ଶଙ୍ଖାରୀ ପଞ୍ଚାୟତ ସମିତି ସଦସ୍ୟା ସୁବାସିନୀ ଜେନା, ଶ୍ରଦ୍ଧାପୁର ସରପଞ୍ଚ ପ୍ରତ୍ୟୁଷା ପାତ୍ର, ଶ୍ରଦ୍ଧାପୁର ପଞ୍ଚାୟତ ସମିତି ସଦସ୍ୟା ଦୂର୍ଗାମଣୀ ମଣ୍ଡଳ ପ୍ରମୁଖ ଯୋଗ ଦେଇ ବିଜେଡି ଶାସନରେ ନାରୀ ସଶକ୍ତିକରଣ ଓ ନାରୀ ପ୍ରତି ମିଳିଥିବା ସମ୍ମାନ ଏବଂ ଶ୍ରଦ୍ଧା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରଦ୍ଧାପୁର, ଶଙ୍ଖାରୀ, କାନ୍ଠିଥଭଉଁରୀ ପଞ୍ଚାୟତରେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ' ବଣ୍ଟନ କରାଯାଇଥିଲା । ଭୋଗରାଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ମହିଳା ଏହି ସମାବେଶରେ ଅଂଶଗ୍ରହଣ କରିଥିଲେ ।

### ଗରିବ କଲ୍ୟାଣ ଅନ୍ନ ଯୋଜନା ଅର୍ଥ ବାଟମାରଣା ଅଭିଯୋଗ

## ୧୧୧ ହିତାଧିକାରୀ ଟଙ୍କା ନ ପାଇ ହତାଶ



**ରୂପସା, ୧୨।୩ (ସମିସ):** ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରବାଦ କଣ୍ଟ୍ରୋଲ ଡିଲରଙ୍କ ଠାରୁ ୧୧୧ଜଣ ରାସନକାର୍ଡ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଏକ ହଜାର ଲେଖାଏଁ ଟଙ୍କା ପାଇ ନାହାନ୍ତି । ନୋଡାଲ ଅଫିସର ରାଉତପଡ଼ା ୟୁଜିୟୁପି ସ୍କୁଲର ଶିକ୍ଷକ ମନୋଜ କୁମାର ଜେନା ୧୧୧ ହିତାଧିକାରୀଙ୍କ ୧ଲକ୍ଷ ୧୧ହଜାର ଟଙ୍କା ବାଟମାରଣା କରିଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ବିଡ଼ିଓ, ଏମଆଇ ଏବଂ ବିଇଓଙ୍କ ତରଫରୁ ତଦନ୍ତ ଜାରି ରହିଛି । ଏହି କଣ୍ଟ୍ରୋଲ ଡିଲର ଅଧୀନରେ ବାଖରବାଦ ଓ ବୁଧଖଣ୍ଡି ଗ୍ରାମର ୩୦୨ଜଣ ରାସନକାର୍ଡ ହିତାଧିକାରୀ ଅନ୍ତର୍ଭୁକ୍ତ । ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଡିଲରଙ୍କ ଜରିଆରେ ସମସ୍ତ ହିତାଧିକାରୀଙ୍କ ଚକ୍ଷୁ ସ୍କାନ କରି ୩୦୨ଜଣଙ୍କ ମଧ୍ୟରୁ ଦୁଇଟି କିସ୍ତିରେ ୧୯୧ ରାସନକାର୍ଡଧାରୀଙ୍କୁ ୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଅବଶିଷ୍ଟ ୧୧୧ଜଣଙ୍କୁ ଟଙ୍କା ଆସିଲେ ଦିଆଯିବ ବୋଲି ଶିକ୍ଷକ ମନୋଜ କୁମାର ଜେନା କହିଥିଲେ । ୧୫ ଦିନ ଧରି ହେମଲତା ସିଂ, ଉର୍ମିଳା ବେହେରା, ଗୁରୁବାରୀ ବେହେରା, ହୀରା ବେହେରା, ରୀତା ବେହେରା, ସୁମତୀ ସିଂ, ଟୁନି ସିଂ, ରୁନୁ ସିଂ, ତୁଳସୀ ସିଂ, ହାରାମଣି ସିଂ, ସୁକାନ୍ତି ସିଂ, ପାକ ସିଂଙ୍କ ସମେତ ସମସ୍ତ ରାସନକାର୍ଡଧାରୀ ଟଙ୍କା ଆଣିବା ପାଇଁ ଡିଲରଙ୍କ ଘରକୁ ଯାଉଥିଲେ ହେଁ ନୋଡାଲ ଅଫିସରଙ୍କ ଦେଖା ନ ପାଇ ଫେରୁଛନ୍ତି । ବାଧ୍ୟ ହୋଇ ଡିଲର ଜଣକ ବସ୍ତା ବିଡ଼ିଓ ମୋହିନୀ କୁମାର ନାଏକ ଏବଂ ଏମଆଇ ବୁଦ୍ଧରାୟ ସୋରେନଙ୍କ ନିକଟରେ ନୋଡାଲ ଅଫିସରଙ୍କ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି । ନୋଡାଲ ଅଫିସର ଜେନା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଖୁବ ଶୀଘ୍ର ହିତାଧିକାରୀଙ୍କୁ ସମସ୍ତ ଟଙ୍କା ଦେବାର ବ୍ୟବସ୍ଥା କରିବେ ବୋଲି କହିଥିଲେ । ହେଲେ ଅଦ୍ୟାବଧି ହିତାଧିକାରୀ ଟଙ୍କା ନ ପାଇ ହତାଶ ହୋଇଛନ୍ତି । ଏନେଇ ନୋଡାଲ ଅଫିସର ଜେନାଙ୍କୁ ପଚରାଯିବାରୁ ଅସୁବିଧା ଯୋଗୁଁ ଟଙ୍କା ଦିଆଯାଇନାହିଁ । ଖୁବ୍‌ଶୀଘ୍ର ସମସ୍ତ ହିତାଧିକାରୀଙ୍କୁ ଟଙ୍କା ଦିଆଯିବାର ବ୍ୟବସ୍ଥା କରୁଛି ବୋଲି କହିଥିଲେ । ଏମଆଇ ସୋରେନ ସମ୍ପୃକ୍ତ ଶିକ୍ଷକଙ୍କୁ ନୋଟିସ ଦିଆଯାଇଛି । ହିତାଧିକାରୀଙ୍କୁ ଟଙ୍କା ନ ଦେଲେ ତାଙ୍କ ବିରୁଦ୍ଧରେ ଏତଲା ଦିଆଯିବ ବୋଲି କହିଛନ୍ତି ।

## ଅସହାୟ ପରିବାରକୁ ସହାୟତା ଦେଲା 'ଆପଣ ଏକା ନୁହଁନ୍ତି'



**ବାଲେଶ୍ୱର, ୧୨ ।୩(ସମିସ):** ଅସହାୟ ପରିବାରକୁ ରାସନ ସାମଗ୍ରୀ ପ୍ରଦାନ କଲା 'ଆପଣ ଏକା ନୁହନ୍ତି ଟ୍ରଷ୍ଟ' । ବାପ ଛେଉଣ୍ଡ ୪ ପିଲାଙ୍କ ମୁହଁରେ ହସ ଫୁଟାଇଲା ଏହି ଟ୍ରଷ୍ଟ । ଏଥି ସହିତ ଆଗାମୀ ଦିନରେ କିପରି ସରକାରଙ୍କ ତରଫରୁ ପକ୍କାଘର ପାରିବେ ସେ ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହ ସଂଗଠନର ସଭାପତି ନିବେଦନ କରିବେ ବୋଲି ସୂଚନା ଦେଇଛନ୍ତି । ଖଇରା ବ୍ଲକ ଅନ୍ତର୍ଗତ ରପେୟା ପଞ୍ଚାୟତ ଅଧୀନ ହନୁମନ୍ତପୁର ଗ୍ରାମର ଆଦିବାସୀ ସାହିର ଗୋବିନ୍ଦ ସିଂ । ପରିବାର କହିଲେ ସ୍ତ୍ରୀ ଆଉ ୩ ଝିଅ ଏବଂ ୧ ମାତ୍ର ପୁଅ । ଗାଁ ସାହିରେ ମୁଲ ଲାଗି ପରିବାର ପ୍ରତିପୋଷଣ କରନ୍ତି ଗୋବିନ୍ଦ । ଏକବର୍ଷ ପୂର୍ବେ ଗୋବିନ୍ଦ ହଠାତ୍ ତଣ୍ଟିରେ କଫ ସହ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାରଲୋକେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଜଣା ପଡ଼ିଥିଲା ଗୋବିନ୍ଦ ଟିବି ରୋଗରେ ଆକ୍ରାନ୍ତ ଅଛନ୍ତି । ପରେ ଗୋବିନ୍ଦ ଅର୍ଥ ଅଭାବରୁ ନିୟମିତ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ଅସହାୟ ଗୋବିନ୍ଦଙ୍କ ପରିବାର ବେସାହାରା ହୋଇପଡ଼ି ଥିଲେ । ଏପଟେ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁକୁ ଏତେ ସହଜରେ ଗ୍ରହଣ କରି ପାରୁ ନ ଥିବା ବେଳେ ଅନ୍ୟପଟେ ୩ ପିଲାଙ୍କ ମୁହଁରେ ଦିମୁଠା ଦାନା ଦେବା ପାଇଁ ବାର ଦୁଆର ମାଗି ଜାଚି ଦୁଃଖ କଷ୍ଟରେ ଚଳନ୍ତି । ସ୍ୱାମୀଙ୍କ ମୃତ୍ୟୁର ୧ ବର୍ଷ ବିତିଯାଇଥିଲେ ମଧ ପ୍ରଶାସନ ପକ୍ଷରୁ ବିଧବା ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା, ବିଜୁ ସ୍ୱାସ୍ଥ୍ୟ କାର୍ଡ ମିଳି ପାରିନାହିଁ । ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ସରକାରଙ୍କୁ ଗୁହାରୀ କରିଛନ୍ତି । ଏପରି ଏକ ଦୁଃଖଦ ଖବର ବାବଦରେ ଜାଣିବା ପରେ ସ୍ୱେଚ୍ଛାସେବୀ ସଂଗଠନ ଆପଣ ଏକା ନୁହନ୍ତି ଟ୍ରଷ୍ଟର ସଭାପତି ଅଜୟ ମହାନ୍ତି, ସମ୍ପାଦକ ଶୁଶାନ୍ତ କୁମାର ବେହେରା, ଉପଦେଷ୍ଟା ଶିବାନନ୍ଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସଂଗଠନର ମୁଖ୍ୟ ସଦସ୍ୟ ଦିବ୍ୟସିଂହ ମହାନ୍ତି, ତପନ କୁମାର ରାଉତ, ଅନାଦି ଧଡ଼ା, ବିରଞ୍ଚିନାରାୟଣ ନାୟକ, ପରମେଶ୍ୱର ସାହୁ, ରଞ୍ଜନ କୁମାର ଜେନା, ଶିବ ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ରହି ଏକ ମାସର ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ, ବିଭିନ୍ନ ପ୍ରକାରର ପନିପରିବା ନେଇ ଗୋବିନ୍ଦଙ୍କ ପରିବାରକୁ ପ୍ରଦାନ କରିଛନ୍ତି ।

## ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବସ୍ତା, ୧୨।୩(ସମିସ) :** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅର୍ନ୍ତଗତ ଲଖଣାପଡ଼ା ଗ୍ରାମରେ ଲଖଣଶ୍ରୀ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ସୋମବାର ବିଳମ୍ବିତ ରାତିରେ ଲଖଣାପଡ଼ା ଗ୍ରାମର ଥିବା ଲଖଣଶ୍ରୀ ମନ୍ଦିରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ମଧ୍ୟରେ ତିନିଭରି ଓଜନର ରାଣୀ ଓ ଚିକ ହାର, ତିନୋଟି ସୁନା ପାଦୁକା, ୪ ଟି ରୂପା ପାଦୁକା, ୮୦୦ ଗ୍ରାମ ର ରୂପା ମୁକୁଟ ଏବଂ ଠାକୁର ଙ୍କ ର ଆସବାବପତ୍ର, ମନ୍ଦିରରେ ଥିବା ଚାରୋଟି ଘଣ୍ଟି ସମେତ ଅନ୍ୟାନ୍ୟ ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଅଧିକ ହେବ ବୋଲି ଅଭିଯୋଗ ହୋଇଛି । ତେବେ ସକାଳେ ସମୟରେ ମନ୍ଦିର ଧୋଇବା ପାଇଁ ଆସିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ । ମନ୍ଦିରରେ ଥିବା ତିନିଟି ଗେଟ୍‌ର ତାଲାକୁ ଭାଙ୍ଗି ଗେଟ୍ ର ଥିବା ହୁକକୁ ଗ୍ୟାସ କଟରରେ କଟାଯାଇଥିବା ଦେଖିବାକୁ ମିଳିଥିଲା । ଘଟଣା ବାବଦରେ ଗ୍ରାମବାସୀ ବସ୍ତା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

### ଅନ୍ତରା ମହୋତ୍ସବ

## ଦ୍ୱିତୀୟ ସନ୍ଧ୍ୟାରେ ହସିହସି ବେଦମ୍ ହେଲେ ଦର୍ଶକ

**ଖଇରା, ୧୨ ।୩ (ସମିସ):** ଖଇରା ବ୍ଲକର ଅନ୍ତରା ସ୍କୁଲ ପଡ଼ିଆରେ ଅନ୍ତରା ମହୋତ୍ସବ ରବିବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ସୋମବାରର ଦ୍ୱିତୀୟ ସନ୍ଧ୍ୟାରେ ହାସ୍ୟ ଅଭିନେତା ଗୁଲୁଆ ଓ ନାଲିଆମ୍ବଙ୍କ ଭରପୁର ମନୋରଞ୍ଜନରେ ଦର୍ଶକଙ୍କୁ ହସି ହସି ବେଦମ ହେବାକୁ ପଡ଼ିଥିଲା । ଏଥିସହ କଟକ ତୁଳସୀପୁରରୁ ଆସିଥିବା ଅନନ୍ୟା ମେଲୋଡିର ସୁନାମଧନ୍ୟ କଳାକାରଙ୍କ ସଙ୍ଗୀତର ମୂର୍ଚ୍ଛନା ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ଅବସରରେ ମହୋତ୍ସବ କମିଟିର ସଭାପତି ତ୍ରିଲୋଚନ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ବଞ୍ଚିବା ପାଇଁ ଆନନ୍ଦର ସଞ୍ଜିବନି




ଯୋଗାଇଥାଏ ବୋଲି କହିଥିଲା । ଅନ୍ତରା-ମହତୀପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହୋତ୍ସବ ନିଜ ମାଟିର ସଂସ୍କୃତିକୁ ବଳିଷ୍ଠ କରିଥାଏ ବୋଲି କହିଥିଲେ । ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ଦାସ, ଭାଗିରଥି ମହାପାତ୍ର, ସ୍ଥାନୀୟ ସରପଞ୍ଚ ରଶ୍ମିତା ଯେନା, କମିଟି ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବସନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଦେବେନ୍ଦ୍ର ପଲେଇ ଓ ସଞ୍ଜିତ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ୟାମସୁନ୍ଦର ପଲେଇ, ରଶ୍ମିରଞ୍ଜନ ମହାପାତ୍ର, ମାୟାଧର ଜେନା, ସୁବାଷ ଜେନା, ଅଶୋକ ଯେନା, ଆନନ୍ଦ ବେହେରା, କିଶୋର ସେଠୀ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ରବିବାର ଦିନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସମବାୟ ସମିତି ସମ୍ପାଦକ ବିକାଶ ନାୟକ, ସମିତିସଭ୍ୟା ସବିତାରାଣୀ ପଣ୍ଡା, ଚିତ୍ରକର ପ୍ରଭାତ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## କେବେ ବଦଳିବ ସୋର-ଗୋପୀନାଥପୁର ରାସ୍ତାର ଭାଗ୍ୟ?

### ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ

**ସୋର, ୧୨ ।୩ (ସମିସ):**

ଟେଣ୍ଡର ପରେ ଟେଣ୍ଡର ହୋଇ ଦୀର୍ଘ ପାଞ୍ଚ ବର୍ଷ ଧରି ନିର୍ମାଣ ହୋଇ ନ ପାରି ପଡ଼ିରହିଥିବା ସୋର ଗୋପୀନାଥପୁର ରାସ୍ତାର ଭାଗ୍ୟ କେବେ ବଦଳିବ । ଏନେଇ ଘୋର ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ । ଜିଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ରାଜ୍ୟ ସରକାରଙ୍କ ତହବିଲକୁ ସର୍ବାଧିକ ରାଜସ୍ୱ ଯୋଗାଉଥିବା ବେଳେ ଏହା ଏବେ ଖଣି ଖାଦାନରୁ ମାଲବୁହା ରାସ୍ତାରେ ପରିଣତ ହୋଇଛି । ଟ୍ରାକ୍ଟର, ଟ୍ରକ, ଡମ୍ଫର, ହାଇୱା ଭଳି ଭାରୀଯାନ ଏହି ରାସ୍ତାରେ ଗତାଗତ କରୁଥିବା ବେଳେ ଯାତ୍ରୀବାହୀ, ଟ୍ରେକର, ବସ୍, କାର୍, ଅଟୋ ଏବଂ ବାଇକ୍‌ଗୁଡ଼ିକ ଏହି ରାସ୍ତାରରେ ଯିବା ପାଇଁ ଭୟ କରୁଛନ୍ତି । ବର୍ଷାଦିନେ ଏହାର ଅବସ୍ଥା କହିଲେ ନସରେ । ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତାରେ ପରିଣତ ହୋଇଛି । ଏହି କାରଣରୁ ସ୍ଥାନୀୟ ଅଞ୍ଚଳବାସୀ ଏବଂ ବିଭିନ୍ନ ରାଜନୈତିକ ଦଳ ବାରମ୍ବାର ଧାରଣା, ରାସ୍ତାରୋକ, ଅନଶନ କରିବା ପରେ ବି କିଛି ସୁଫଳ ମିଳିପାରୁ ନାହିଁ । ଏହାକୁ ଦୃଷ୍ଟିରେ ରଖି ସୋର



କଂଗ୍ରେସ ତରଫରୁ ଗତ ୨୦୨୩ ମସିହା ଜୁଲାଇ ୧୭ ତାରିଖଠାରୁ ମାସାଧିକ କାଳ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ଆଗରେ ଧାରଣ ଦେବାପରେ ତୁରନ୍ତ ନିର୍ମାଣର ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଦେଇଥିଲେ ବିଭାଗୀୟ କର୍ତ୍ତୃପକ୍ଷ । ଏ ବିଷୟରେ ବାଲେଶ୍ୱର ଜିଲ୍ଲାପାଳ, ପୂର୍ତ୍ତ ବିଭାଗ ସଚିବ, ମନ୍ତ୍ରୀ, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ସୁଦ୍ଧା କିଛି ସୁଫଳ ମିଳିପାରୁ ନାହିଁ । ପ୍ରକାଶ ଥାଉକି ଏହି ରାସ୍ତା ପାଇଁ ଗତ ୫ ବର୍ଷ ମଧ୍ୟରେ ୩ଥର ଟେଣ୍ଡର ହୋଇ କାର୍ଯ୍ୟାଦେଶ ପରେ ବି ଏହାର ଟେଣ୍ଡର ପ୍ରସ୍ତୁତିର ତ୍ରୁଟି ଯୋଗୁଁ ଏହାକୁ କେହି ଠିକାଦାର ନିର୍ମାଣ କରି ନ ପାରି ଛାଡ଼ି ପଳାଉଛନ୍ତି । ଗତ ୨ ବର୍ଷ ତଳେ ୮ କୋଟି ଟଙ୍କାର ୩ ବର୍ଷ ତଳେ ଟେଣ୍ଡର ନେଇଥିବା ନୂଆପଡ଼ା ଜିଲ୍ଲାର ସୁପର କ୍ଲାସ କଣ୍ଟ୍ରାକ୍ଟର ଗୋପାଲ ଅଗ୍ରୱାଲଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ମାତ୍ର ଏହି ଠିକାସଂସ୍ଥ କାମ କରିବାକୁ ଅକ୍ଷମ ହୋଇଥିବା ବେଳେ ଏହି କାର୍ଯ୍ୟାଦେଶକୁ ବାତିଲ କରାଯାଇ ଏହାକୁ ଆଉଥରେ ରି-ଟେଣ୍ଡର କରାଯାଇ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପୂର୍ତ୍ତ ବିଭାଗ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଲୋକମାନଙ୍କର ଦାବି ଏବଂ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବକୁ ଦୃଷ୍ଟିରେ ରଖି ବିଭାଗ ତରଫରୁ ଏହି ରାସ୍ତାକୁ ତାଳିପକା ମରାମତି କାମ ପାଇଁ ୮୦ ଲକ୍ଷ ଟଙ୍କାର ଟେଣ୍ଡର ହେବାର ୩ ମାସ ଅତିକ୍ରମ ହୋଇ ସାରିବା ପରେ ସମ୍ପୃକ୍ତ ନୀଳଗିରି ଅଞ୍ଚଳ ଠିକାଦାର ଏହି ରାସ୍ତା ମରାମତି କରିବାକୁ ଅକ୍ଷମ ହେବାରୁ ବିଭାଗ ତରଫରୁ ଅନ୍ୟ ଜଣେ ଠିକାଦରଙ୍କ ଦ୍ୱାରା ତରବରିଆ ଭାବେ ଏହି କାର୍ଯ୍ୟକୁ ଶେଷ କରିବାକୁ ଚେଷ୍ଟା କରୁଥିବା ଜଣାଯାଇଛି । ମାତ୍ର ଏହି ତାଳିପକା କାମ କେତେଦିନ ପାଇଁ ଆଉ କାହା ସ୍ୱାର୍ଥ ପାଇଁ, ସାଧାରଣର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅବଶ୍ୟ ପୂନଃଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ନିର୍ବାଚନୀ କଟକଣା ଉଠିଯିବା ପରେପରେ ଏହି କାର୍ଯ୍ୟ ଶେଷକରା ଯିବ ବୋଲି ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଙ୍ଗୀତା ସାହୁ ସୂଚନା ଦେଇଛନ୍ତି ।

## ମହ୍ଲାରୀ ଛକ-କାଳିଆଗଡ଼ିଆ ରାସ୍ତାର ଶିଳାନ୍ୟାସ



**ଖଇରା, ୧୨ ।୩ (ସମିସ):** ମଙ୍ଗଳବାର ଦିନ ବାଲେଶ୍ୱର-କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରୁଥିବା ମହ୍ଲାରୀ ଛକରୁ କାଳିଆଗଡ଼ିଆ ଭାୟା ଧଣିଆବନ୍ଧ ରାସ୍ତାର ଭୂମିପୂଜନ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶିଳାନ୍ୟାସ କରିବା ସହ ଆୟୋଜିତ ସଭାରେ ଯୋଗ ଦେଇ ସରକାର ଗାଁ ଗହଳିର ଭିତ୍ତିଭୂମି ସଜାଡ଼ିବାକୁ ସବୁବେଳେ ଯତ୍ନବାନ ବୋଲି କହିଥିଲେ । ସରପଞ୍ଚ ବାସନ୍ତୀଲତା ମହାନ୍ତି, ସମିତିସଭ୍ୟା ଛବିଳତା ମହାପାତ୍ର, ନିରଞ୍ଜନ ମହାପାତ୍ର, ଆର୍‌ଡିର କନିଷ୍ଠଯନ୍ତ୍ରୀ ମନୋଜ କୁମାର ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବନେତା ଅଞ୍ଜନ ମହାପାତ୍ର, କୈଳାସ ସାହୁ, ଗୋପିନାଥ ପାଢ଼ୀ, ହରେକୃଷ୍ଣ ମହାକୁଡ, ମୁରଲୀ ପାଣିଗ୍ରାହୀ, ବାପି ନାୟକ, ମହେଶ୍ୱର ମହାପାତ୍ର, କେଳୁ ମୁଦୁଲୀ ପ୍ରମୁଖ ଉପସ୍ଥିତ ଥିଲେ । ପନାସଗଡ଼ିଆ ଗ୍ରାମର ବାଳିକା ମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଏନ୍‌ଏମ୍‌ଏମ୍‌ଏସ୍ ବୃତ୍ତି ପରୀକ୍ଷାରେ ପ୍ରିୟଙ୍କା ପ୍ରଥମ



**ସୋର, ୧୨ ।୩(ସମିସ):** ଏନ୍‌ଏମ୍‌ଏମ୍‌ଏସ୍ ବୃତ୍ତି ପରୀକ୍ଷାରେ ସୋରର ଛାତ୍ରୀ ପ୍ରିୟଙ୍କା ବାଲେଶ୍ୱର ଜିଲ୍ଲାରେ ପ୍ରଥମସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି । ସୋର ବ୍ଲକ ସୁନାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ପଣ୍ଡା ସମୁଦାୟ ୧୮୦ ମାର୍କରୁ ୧୬୨ ମାର୍କ ରଖି ଏହି ସ୍ଥାନ ଅର୍ଜନ କରିବା ସହିତ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ପ୍ରଧାନଶିକ୍ଷକଙ୍କ ସମେତ ସ୍ଥାନୀୟ ସରପଞ୍ଚ ଗୀତାରାଣୀ ଦାସ ଓ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଦାସ ତାଙ୍କୁ ସମ୍ବର୍ଦ୍ଧନା ଦେବାସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ତେବେ ଏହି ବିଦ୍ୟାଳୟରୁ ଗତବର୍ଷ ମାଟ୍ରିକ ପରୀକ୍ଷାରେ ତୃପ୍ତି ମହାପାତ୍ର ସୋର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ରାଜ୍ୟରେ ୧୧ତମ ସ୍ଥାନ ଅଧିକାର କାରିଥିଲେ ।

# ରେଳଲାଇନ୍ ଦୋହରୀକରଣର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଯୋଡା,୧୨।୩(ସମିସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ୮୫ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ରେଳପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏଥିରେ ଓଡ଼ିଶାରେ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ ସମେତ ୨୭୪ଟି ପ୍ରକଳ୍ପ ସାମିଲ ରହିଛି। ଏହି ପରିପ୍ରେକ୍ଷୀରେ ବାଁଶପାଣି - ଦୈତାରୀ - ଯଖପୁରା ରେଳ ଲାଇନ୍ ଦୋହରୀକରଣର ମଧ୍ୟ ଶୁଭ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ରେଳଲାଇନର ଦୋହରୀକରଣ ଦ୍ୱାରା ଏ ଅଞ୍ଚଳରେ ରେଳ ଭିତ୍ତିଭୂମି ବୃଦ୍ଧି ପାଇବ ଏବଂ ଉଭୟ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ଠିକ୍ ସମୟରେ ଚଳାଚଳ ହେବାରେ ଏହା ସହାୟକ ହୋଇପାରିବ ବୋଲି ଜଣାପଡିଛି। ଜରୋଲି ରେଳଷ୍ଟେସନ ଠାରେ ଆଭାସୀ ମାଧ୍ୟମରେ ବାଁଶପାଣି - ଦୈତାରୀ- ଯଖପୁରା ରେଳଲାଇନର ଦୋହରୀକରଣକୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସକାଳ ପ୍ରାୟ ସାଢେ ୯ ଟା ସମୟରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ରାଜ୍ୟ ମନ୍ତ୍ରୀ ଦର୍ଶନା ଜରଦୋଶ, ଖଣି ଓ କୋଇଲା ମନ୍ତ୍ରୀ ରାଓସାହେବ ପାଟିଲ ଦନଭେ, ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ରଘୁବର ଦାସ ଅଭାସୀ ଜରିଆରେ ଉପସ୍ଥିତ ରହିଥିଲେ। ଜରୋଲି ଷ୍ଟେସନ ଠାରେ ଆୟୋଜିତ ଏହି ସଭାରେ ନିମନ୍ତ୍ରିତ ଅତିଥି ଭାବେ ଯୋଡା ପୌରାଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ପୂର୍ବତନ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଦକ୍ଷିଣ-ପୂର୍ବ ରେଳପଥ ସିନିୟର୍ ଡିଏମ (ଏଫ୍)ମନୋଜ କୁମାର ସିଂ, ରେଳବାଇ ଅଧିକାରୀ ହରିରାମ ତ୍ରିପାଠୀ, ଅଗନୁ ଚରଣ ମହାନ୍ତ, ଚର୍ଚ୍ଚିଲ୍ ମହାକୁଡ, ସୁଶାନ୍ତ କୁମାର ବେବର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ସୁରେନ୍ଦ୍ର ନାଥ ମହାନ୍ତି, ଦାଶରଥି ପେଣ୍ଟେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଷ୍ଟେସନରେ ୱାନ ନେଶନ ୱାନ୍ ପ୍ରଡକ୍ଟ ଯୋଜନାରେ ସ୍ଥାନୀୟ ଲୋକେ ବ୍ୟବସାୟ କରି ନିଜର ଜୀବିକା ନିର୍ବାହ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।



# ଗ୍ୟାରେଜ ଭିତରେ ଗାଡ଼ି; ହେଲେ ଚାଲାଣ କଟୁଛି ରାଉରକେଲାରେ

**ବଡ଼ବିଲ,୧୨।୩(ସମିସ):** ବଡ଼ବିଲ ଥାନା ୪ ନମ୍ବର ୱାର୍ଡ ସେଡିଙ୍ଗବସ୍ତିରେ ରହୁଥିବା ଗାଡିମାଲିକ ପିଣ୍ଟୁ କୁମାର ସାହୁଙ୍କ ଗାଡି (ନଂ ଓଡ଼ି୦୯ପି-୦୦୧୭) ବଡ଼ବିଲ ସ୍ଥିତ ବାସଭବନ ଗ୍ୟାରେଜରେ ଥିବା ବେଳେ ରାଉରକେଲାରେ ଚାଲାଣ କଟିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୧୦ ତାରିଖ ସନ୍ଧ୍ୟା ୭.୨୫ ମିନିଟ ସମୟରେ ତାଙ୍କ ପଞ୍ଜିକୃତ ମୋବାଇଲ ଫୋନକୁ ତାଙ୍କ କାରର ଜରିମାନା ହେବା ନେଇ ଚାଳକ ସେରାଜ ଆନସାରୀଙ୍କ ନାମରେ ଚାଲାଣ କଟିଥିବା ନେଇ ମେସେଜ ଆସିଥିଲା। ତେବେ ସେହି ସମୟରେ ଗାଡି ତାଙ୍କ ବଡ଼ବିଲ ସ୍ଥିତ ବାସଭବନରେ ଛିଡା ହୋଇଥିଲା। ତାଙ୍କ ନିକଟକୁ ୧ ହଜାର ଟଙ୍କା ଜରିମାନା ହେବା ନେଇ ମେସେଜ ଆସିବାପରେ ସେ ଗତ ୧୧ ତାରିଖରେ ବଡ଼ବିଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଆଜି ବଡ଼ବିଲ ଥାନାରେ ସିସି କ୍ୟାମେରା ଫୁଟେଜ ସହ ଆଜି ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ତେବେ ତାଙ୍କ ଗାଡି ନମ୍ବରକୁ ବ୍ୟବହାର କରି କିଛି ବେଆଇନ କାମ କରାଯାଉଥିବା ଅନୁମାନ କରି ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରି ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିବା ହଣାପଡିଛି।

# ଜଳିଗଲା ଦୁଇ ବଖରା ଘର



**ତୁରୁମୁଙ୍ଗା,୧୨।୩(ସମିସ):** କେନ୍ଦୁଝର ଜିଲ୍ଲା ବାରିଆ ଥାନା ପଡୁଆ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଗ୍ରାମର ବଟକୃଷ୍ଣ ମହାନ୍ତଙ୍କ ଦୁଇ ବଖରା ଖପର ଘର ଜଳିପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁଁ ଧାନ ଚାଉଳ, ଲୁଗା ଆସବାବପତ୍ର ସହ ଟଙ୍କା ଜଳି ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ ହେଁ ଆସବାବପତ୍ର ସହ ଧାନ ଚାଉଳ ଟଙ୍କା ପୋଡି ନଷ୍ଟ ହୋଇଯାଇଛି। କାରଣ ଅସ୍ପଷ୍ଟ ଥିବା ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଇଛି। ବଟକୃଷ୍ଣଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ହାଟଡିହୀ ନୂତନ ବିଇଓଙ୍କୁ ସ୍ୱାଗତ



**ସୋସୋ, ୧୨।୩(ସମିସ):** ହାଟଡିହୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ବିଇଓ ଭାବେ ଓଁକାର ଅନ୍ୱେଷ ଯୋଗଦାନ କରିଛନ୍ତି। ତାଙ୍କୁ ଅବସର ନେଇଥିବା ପୂର୍ବତନ ବିଇଓ ଧନେଶ୍ୱର ଖଣ୍ଡେଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏବିଇଓ ପ୍ରମୋଦ କୁମାର ନାୟକ ଓ ସ୍ନେହଲତା ମହାରଣା, ସିଆର୍‌ସିସି ସୁଶାନ୍ତ ସାହୁ, ସବ୍ୟସାଚୀ ସା, ରଶ୍ମିପ୍ରିୟା ମହାନ୍ତି, ବ୍ରଜ ସେଠୀ, କାଳନ୍ଦୀ ଜେନା, ଶିକ୍ଷକ ପ୍ରଫୁଲ୍ଲ ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ନୂତନ ଶିକ୍ଷାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ପ୍ରାପ୍ୟ ନପାଇ ଶଯ୍ୟାଶାୟୀ ହେଲେଣି ଶିକ୍ଷକ

**ଆନନ୍ଦପୁର,୧୨।୩(ସମିସ):** ଅବସର ଗ୍ରହଣ କରୁଥିବା ଶିକ୍ଷକ ଓ କର୍ମଚାରୀମାନେ ଅବସରକାଳୀନ ପ୍ରାପ୍ୟ ପାଇଁ ବର୍ଷ ବର୍ଷ ଧରି ଶିକ୍ଷା କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ଦୀର୍ଘ ୫ ବର୍ଷ ପରେ ବି ଅବସରକାଳୀନ ପ୍ରାପ୍ୟ ନପାଇ ରୋଗ ଶଯ୍ୟାରେ ହନ୍ତସନ୍ତ ହେଉଛନ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶୀଲ ରାୟ। ଘସିପୁରା ବ୍ଲକ ମଦନପୁର ହାଇସ୍କୁଲରୁ ଗତ ୨୦୧୯ ମସିହା ମାର୍ଚ୍ଚ ୩୧ ତାରିଖରେ ଅବସର ଗ୍ରହଣ କରିଥିବା ଶ୍ରୀ ରାୟ ନିଜର ପ୍ରାପ୍ୟ ପାଇଁ ସମସ୍ତ ପ୍ରମାଣପତ୍ର ଓ ପ୍ରାମାଣିକ ତଥ୍ୟ ଆନନ୍ଦପୁର ଶିକ୍ଷାଧିକାରୀଙ୍କ ଜରିଆରେ କେନ୍ଦୁଝର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ପଠାଇଥିଲେ। ଏହି ପ୍ରାପ୍ୟ ପାଇବା ପାଇଁ ବହୁବାର କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡିଥିଲେ ବି ଶିକ୍ଷା କାର୍ଯ୍ୟାଳୟରେ ଥିବା କର୍ମଚାରୀମାନଙ୍କ ମନମାନୀ ଯୋଗୁ ପ୍ରାପ୍ୟ ଏଯାଏ ମିଳିନାହିଁ। ଅବସରକାଳୀନ ପ୍ରାପ୍ୟ ନପାଇ ଆର୍ଥିକ ଅନଟନରେ ଥିବା ଶ୍ରୀ ରାୟ ଏପରିକି ଔଷଧ କିଣିବାକୁ ଅକ୍ଷମ ହୋଇ ରୋଗଶଯ୍ୟାରେ ପଡିରହିଛନ୍ତି। ଏନେଇ କେନ୍ଦୁଝର ଜିଲ୍ଲାପାଳ ଓ ଶିକ୍ଷାବିଭାଗ କମିଶନରଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ସେହିପରି ସୋସୋ ବାଳିକା ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପହି ୨୦୨୨ ଏପ୍ରିଲ୍ ୩୦ ତାରିଖରେ, ବାଟୋ ଅଶୋକ ନଗର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିନ୍ତାମଣୀ ସାହୁ ୩୦-୦୬-୨୦୨୨ ତାରିଖରେ, ମରେଇଗାଁ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସଦାଶିବ ନାୟକ ୨୦-୦୬-୨୦୨୩ ତାରିଖରେ ଓ ଆନନ୍ଦପୁର ବ୍ରଜବନ୍ଧୁ ବିଦ୍ୟାପୀଠର ପିଅନ ରମେଶ ଚନ୍ଦ୍ର ରାଉତ ଅବସର କାଳୀନ ପ୍ରାପ୍ୟ ପାଇଁ ଆବେଦନ କରିଥିଲେ। ଇତି ମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ସେମାନଙ୍କ ଫାଇଲ ଶିକ୍ଷା କାର୍ଯ୍ୟାଳୟରେ ମିଳୁନଥିବା ଭଳି ଘଟଣା ଚିନ୍ତାର କାରଣ ହୋଇଛି। ଏହି ପ୍ରାପ୍ୟ ପାଇଁ ବାରମ୍ବାର ଶିକ୍ଷା କାର୍ଯ୍ୟାଳୟକୁ ଦୌଡି ହତାଶ ହେଉଥିବା ଏହି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ଶିକ୍ଷା କାର୍ଯ୍ୟାଳୟର କେତେକ କର୍ମଚାରୀଙ୍କ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟର କେତେକ କର୍ମଚାରୀ ଦୀର୍ଘ ୭/୮ ବର୍ଷ ଧରି ପ୍ରାଇମେରୀ ଏଷ୍ଟାବ୍ଲିସମେଣ୍ଟ, ଏକ୍ସାମିନେସନ, ପେନସନ ଓ ଆକାଉଣ୍ଟ ସେକ୍ସନ ଦପ୍ତରିରେ ଆଡ୍ଡା ଜମାଇ ରହିଥିବା ଓ ବିଭିନ୍ନ କାର୍ଯ୍ୟରେ ଶିକ୍ଷକ ଓ କର୍ମଚାରୀଙ୍କୁ ବିଭିନ୍ନ ଆଳରେ ହଇରାଣ ହରକତ କରୁଥିବା ଗୁରୁତର ଅଭିଯୋଗ ହୋଇଛି। ଏନେଇ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ ଗୌରୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗସୂତ୍ର ସ୍ଥାପନ ହୋଇ ନପାରିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏଣୁ କେନ୍ଦୁଝର ଜିଲ୍ଲାପାଳ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ଏହି ସମସ୍ୟାର ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



# ହରିଡ଼ାପାଳ ପଞ୍ଚାୟତରେ ଗଡ଼ିଲା ଲକ୍ଷ୍ମୀ ବସ୍

**ବେଲବାହାଲି,୧୨।୩(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତରେ ଗଡ଼ିଲା ଲକ୍ଷ୍ମୀ ବସ୍। ଦୀର୍ଘ ଦିନ ହେବ ହରିଡାପାଳ ପଞ୍ଚାୟତର ଗ୍ରାମବାସୀ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟକୁ ଯିବା ଆସିବାରେ ଅସୁବିଧା ଭୋଗ କରୁଥିଲେ। ହରିଡାପାଳ ପଞ୍ଚାୟତ ଠାରୁ ଟୋଲଙ୍କପଡା ସ୍କୁଲ୍ ୨ କିଲୋମିଟର ବ୍ୟବଧାନ ଥିବା ବେଳେ ବିଦ୍ୟାଳୟକୁ କୁନିକୁନି ଛାତ୍ରଛାତ୍ରୀ ଯିବା ଆସିବାରେ ଅସୁବିଧା ହେଉଥିବା ବେଳେ ଆଜି ଏହି ଲକ୍ଷ୍ମୀ ବସ୍ ଗଡିବା ନେଇ ପିଲାମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଲକ୍ଷ୍ମୀ ବସ୍‌ର ସେବା ହରିଡାପାଳ ଠାରୁ ଆନନ୍ଦପୁର ଭାୟା ପଞ୍ଚୁପଲି ଦେଇ ଦିନରେ ୪ ଥର ଯିବା ଆସିବା କରିବ ବୋଲି ହରିଡାପାଳର ସରପଞ୍ଚ ମିନତି ମହାରଣା ଜଣାଇଛନ୍ତି। ଏନେଇ ପଞ୍ଚାୟତର ଗ୍ରାମବାସୀ ଓ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି।



# ଯାତ୍ରୀବାହୀ ବସ୍‌ରୁ ମହୁଲିମଦ ଜବତ; ଜଣେ ଗିରଫ

**ଆନନ୍ଦପୁର,୧୨।୩(ସମିସ):** ଘଟଗାଁରୁ ଯାଜପୁର ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରୁ ଆନନ୍ଦପୁର ଅବକାରୀ ବିଭାଗ କର୍ମଚାରୀମାନେ ପ୍ରାୟ ୩୦ ଲିଟର ମହୁଲିମଦ ଜବତ କରିଛନ୍ତି। ସଂପୃକ୍ତ କାରବାରରେ ହରିଡାବାହାଳି ଗ୍ରାମର ଶଙ୍କର ମୁଣ୍ଡାକୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧ ଘଟିକା ସମୟରେ ଘଟଗାଁରୁ ଯାଜପୁର ଅଭିମୁଖେ ଯାଉଥିବା ଏହି ବସ୍‌ରେ ଧକୋଠା ଛକରୁ ପାଣିକୋଇଲି ଯିବାକୁ ଚଢିଥିବା ଏହି ଚୋରା ମଦ ବ୍ୟବସାୟୀକୁ ଅବକାରୀ ବିଭାଗ ଏସଆଇ ବଟକୃଷ୍ଣ ରାଉଳଙ୍କ ସମେତ କର୍ମଚାରୀମାନେ ପିଛା କରି ଘସିପୁରା ବସ୍‌ଷ୍ଟାଣ୍ଡରେ କାବୁ କରିନେଇଥିଲେ। ବସ୍ ଭିତରେ ଥିବା ମହୁଲି ମଦକୁ ଜବତ କରିବା ସହିତ ଅଭିଯୁକ୍ତ ଶଙ୍କରକୁ ଆନନ୍ଦପୁର ଅବକାରୀ ଥାନାରେ ପଚରାଉଚୁରା କରିବା ପରେ କୋର୍ଟଚାଲାଣ କରିଥିଲେ। ଆଜିର ଏହି ଚଢ଼ଉରେ ଅବକାରୀ କର୍ମଚାରୀ ବଳଭଦ୍ର ରାଉତ, ସଂଜୀବ ସେଠୀ, ରେବତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଲୁହା ଛଡ଼ ଚୋରି ଘଟଣାରେ ଦୁଇ ଗିରଫ

**ବଡ଼ବିଲ, ୧୨।୩ (ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ କରାଖେଣ୍ଡରାଠାରେ ଥିବା ରୁଙ୍ଗଟା କମ୍ପାନୀ କାରଖାନାରୁ କାନପୁରକୁ ପରିବହନ ହେଉଥିବା ଲୁହା ଛଡ଼କୁ ଅନ୍ୟତ୍ର ବିକି ଦେଇଥିବା ଅଭିଯୋଗରେ ଦୁଇ ଜଣକୁ ଗିରଫ କରାଯାଇଛି। ଏହା ସହ ସେମାନଙ୍କ ନିକଟରୁ ଏକ ଟ୍ରେଲର (ନଂ. ଏନ୍‌ଏଲ୍ ୦୧ଏଲ୭୦୮୨) ଏବଂ ଏକ ପିକ୍‌ଅପ୍ (ନଂ ଜେଏଚ୍‌୦୫ଏଫ୩୬୭୭), ନଗଦ ଦେଢ଼ ଲକ୍ଷ ଟଙ୍କା ଓ ୧୦ ଟନ ଲୁହା ଛଡ଼ ଜବତ କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୪ ତାରିଖରେ ମିଲନ ଟ୍ରାନ୍ସପୋର୍ଟ ନାମକ ପରିବହନ ଠିକାଦାର ଦ୍ୱାରା କାନପୁର ପଠେଇଥିବା ଗାଡି ୧୦ ତାରିଖ ପର୍ଯ୍ୟନ୍ତ ସେଠାରେ ନ ପହଞ୍ଚିବାରୁ ପରିବହନ ମାଲିକ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ତେବେ ବଡ଼ବିଲ ପୁଲିସ ତଦନ୍ତ କରି ଉତ୍ତରପ୍ରଦେଶ କାନପୁର ଅଞ୍ଚଳରୁ ଦୁଇ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ମାନେ ହେଲେ ଧିରାଜଗଞ୍ଜ ଅଦିତ୍ୟପୁର ଅଞ୍ଚଳର ରଞ୍ଜିତ କୁମାର ସିଂ (୪୮) ଓ ସର୍ଦ୍ଦାରପୁର ହଜାରିବାଗ ଅଞ୍ଚଳର ରାଜେନ୍ଦ୍ର ରଣା (୩୪)। ଉଭୟଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି।

# ତେଲକୋଇ କାଞ୍ଜିପାଣି ପୂର୍ତ୍ତ ରାସ୍ତା ଶୋଚନୀୟ

**ତେଲକୋଇ,୧୨।୩(ସମିସ):** ତେଲକୋଇରୁ କାଞ୍ଜିପାଣିକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଶେଷ ଭାବରେ ହଳଦୀ ପାଣି ପର୍ଯ୍ୟନ୍ତ ୮କିମି ରାସ୍ତା ଅବସ୍ଥା ନକହିବା ଭଲ। ଦୀର୍ଘ ୫ ବର୍ଷ ପୂର୍ବେ ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ ହୋଇଥିବା ବେଳେ ଏବେ ଏହି ରାସ୍ତାକୁ ଦେଖିଲେ ପୂର୍ତ୍ତ ବିଭାଗର ରାସ୍ତା ପ୍ରତି ଆଉ ନିଘା ନଥିବା ପରିଲକ୍ଷିତ ହେଉଛି। ରାସ୍ତା ମରାମତି ଦିଗରେ ପୂର୍ତ୍ତ ବିଭାଗର ଅଣଦେଖା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି ହୋଇ ରହିଥିବା ବେଳେ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ଏଇ କିଛି ମାସ ପୂର୍ବେ କାଞ୍ଜିପାଣି ଠାରୁ ହଳଦୀ ପାଣି ପର୍ଯ୍ୟନ୍ତ କିଛି ରାସ୍ତା ପୁନର୍ବାର ନିର୍ମାଣ ହୋଇଥିବା ବେଳେ ହଳଦୀ ପାଣି ଠାରୁ ତେଲକୋଇ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ପାରିନାହିଁ ଏଥିପ୍ରତି ପୂର୍ତ୍ତ ବିଭାଗ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।



# ଭୀମ୍ ଆର୍ମି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର,୧୨।୩(ସମିସ):** ଆନନ୍ଦପୁର ଭୀମ୍ ଆର୍ମି ସଂଗଠନ ପକ୍ଷରୁ ନୂତନ ଉପଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଫାଲଗୁନୀ ମାଝୀଙ୍କୁ ଆଜି ସମ୍ବର୍ଦ୍ଧନା ଦିଆଯାଇଛି। ସଂଗଠନର ସଭାପତି ସତ୍ୟବ୍ରତ ଜେନାଙ୍କ ସମେତ କର୍ମକର୍ତ୍ତାମାନେ ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ପରେ ସୌଜନ୍ୟମୂଳକ ଆଲୋଚନା କାଳରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ଜେନା, ବିକାଶ ଜେନା, ନରହରି ମଲିକ, ନିର୍ମଳା ମଲିକ, ରାଜକିଶୋର ଜେନା, କାର୍ତ୍ତିକ ପେରେଇ, ମାୟାଧର ମଲିକ, ତୋଫାନ ପେରେଇ, ସାଗର ଜେନା, ବାଇଧର ମଲିକ, ସାଗର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଧକୋଠାରେ ଆଞ୍ଚଳିକ ସତ୍‌ସଙ୍ଗ ଉତ୍ସବ

**ଆନନ୍ଦପୁର,୧୨।୩(ସମିସ):** ଆନନ୍ଦପୁର ବ୍ଲକ ଧକୋଠାସ୍ଥିତ ଧର୍ମେଶ୍ୱର ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କର ଶୁଭ ୧୩୬ତମ ଆର୍ବିଭାବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ବହୁ ଗୁରୁ ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ। ପ୍ରାତଃ ୫.୫୦ ମିନିଟରୁ ଉଷା କୀର୍ତ୍ତନ, ଉଷା ବିନତୀ ପ୍ରାର୍ଥନା, ପୂର୍ବାହ୍ନ ୧୧ଟାରେ ସଂଗୀତାଞ୍ଜଳି, ୧.୩୦ ମିନିଟରେ ମାତୃ ସମ୍ମିଳନୀ ଏବଂ ଅପରାହ୍ନ ୩.୩୦ରେ ନଗର ପରିଭ୍ରମଣ ଓ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧକୋଠା, ଭାଲୁକୁମା, କୁଣ୍ଡାକୋଟ, କନ୍ତୋ, କୋଳିମାଟି ପ୍ରଭୃତି ଗ୍ରାମରୁ ଶତାଧିକ ସତ୍‌ସଙ୍ଗ ପ୍ରେମୀ ଯୋଗ ଦେଇଥିଲେ।




# ବିଭିନ୍ନ କୋର୍ଟରେ ୫୬ ହଜାର ମାମଲା ବିଚାରାଧୀନ

କେନ୍ଦୁଝର,୧୨।୩(ସମିସ)

କେନ୍ଦୁଝର ଜିଲ୍ଲାର ବିଭିନ୍ନ କୋର୍ଟ ରେ ୫୬ ହଜାରରୁ ଅଧିକ ମାମଲା ବିଚରାଧୀନ ରହିଥିବା ଜଣାପଡିଛି। ଆଗରୁ ଲୋକେ ସାମାନ୍ୟ କଥାରେ କୋର୍ଟ କଚେରିକୁ ଯିବାକୁ ଭଲ ପାଉ ନଥିଲେ। କିନ୍ତୁ ସମୟରେ ବଦଳିଛି। ବର୍ତ୍ତମାନ କଥା କଥାରେ କୋର୍ଟ କଚେରି ଓ ଥାନାରେ ମାମଲା। କେଉଁଠି ଥାନାରେ ମାମଲା ପଡିଛି ତ କେଉଁଠି ଥାନାରେ ମାମଲା ପଞ୍ଜୀକରଣ ନ ହେଲେ ଲୋକେ ସିଧା ସଳଖ କୋର୍ଟର ଦ୍ୱାରସ୍ଥ ହେଉଛନ୍ତି। ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ଏବେ କୋର୍ଟରେ ମାଳ ମାଳ ମାମଲା ବିଚରାଧୀନ ରହିଲାଣି। ଏମିତିକି କେନ୍ଦୁଝର ଭଳି ଆଦିବାସୀ ବହୁଳ ଜିଲ୍ଲାରେ ବି ୫୬ ହଜାରରୁ ଅଧିକ ମାମଲା କୋର୍ଟରେ ବିଚାର ଚାଲିଥିବା ସୂଚନା ମିଳିଛି। ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଦାଲତମାନଙ୍କରେ ଏବେ ୫୬ ହଜାରରୁ ଅଧିକ ମାମଲା ବିଚାରାଧୀନ ଥିବା ବେଳେ ସେଥିମଧ୍ୟରୁ ୩ ହଜାରରୁ ଉର୍ଦ୍ଧ୍ୱ ମାମଲା ୫ବର୍ଷରୁ ଅଧିକ ପୁରୁଣା ବୋଲି ଜଣାପଡିଛି। କେନ୍ଦୁଝର ପରି ଏକ ଆଦିବାସୀ ଜିଲ୍ଲାରେ ଏବେ ପାରିବାରିକ ବିବାଦକୁ ନେଇ ଅନେକ ମାମଲା ଆଗତ ହେଉଥିବାବେଳେ ଏହାର ତ୍ୱରିତ ସମାଧାନରେ ବିଳମ୍ବତା ଅନେକ ସମସ୍ୟା କରୁଛି। ପରିବାର ବିବାଦକୁ ନେଇ ସରକାର ପରିବାର ଅଦାଲତ ସ୍ଥାପନ କରିଥିବାବେଳେ ଏଥିରେ ଜିଲ୍ଲା ଜଜ୍ ପାହ୍ୟାର ଜଣେ ବିଚାରପତି ଭାବରେ କାର୍ଯ୍ୟ କରୁଛନ୍ତି। କୋର୍ଟ ଉଭୟ ପକ୍ଷଙ୍କୁ ଡାକି ଏଭଳି ମାମଲାର ସମାଧାନ କରିଥାନ୍ତି। ଆବଶ୍ୟକ ସ୍ଥଳେ ଭରଣପୋଷଣ ଓ ନ୍ୟାୟିକ ବ୍ୟବସ୍ଥାରେ ଆଦେଶ ପ୍ରଦାନ କରି ମାମଲାର ସମାଧାନ କରିଥାନ୍ତି। ତେବେ ଦେୱାନୀ ବା ସିଭିଲ କେଶ ଓ ଫୌଜଦାରୀ ବା କ୍ରିମିନାଲ କେଶ ତୁଳନାରେ ଏହାର ବିଚାର ପ୍ରକ୍ରିୟା ଭିନ୍ନ ହୋଇଥିବା ବେଳେ ଏଥିପାଇଁ କାଉନସେଲିଂ ବା ଆପୋଷ ବୁଝାମଣାର ଅନେକ ଆବଶ୍ୟକ ହୋଇଥାଏ। କାଉନସେଲର ଏଥିପାଇଁ ନିଯୁକ୍ତ ହୋଇଛନ୍ତି। ଜିଲ୍ଲା ସଦର ମହକୁମାରେ କେବଳ ଏହି ଫ୍ୟାମିଲି କୋର୍ଟ ବା ପରିବାର ଅଦାଲତ ରହିଛି। ରାଜ୍ୟର ୨୬ଟି ସ୍ଥାନରେ ଏହି ପରିବାର ଅଦାଲତ ରହିଥିବା ସହ ପ୍ରତ୍ୟେକ ସ୍ଥାନରେ ଗୋଟିଏ ଲେଖାଁଏ କୋର୍ଟ ରହିଛି। ଏକ ସରକାରୀ ହିସାବରୁ ଜଣାପଡିଛି ଯେ, କେନ୍ଦୁଝର ଜିଲ୍ଲାରେ ୧୪୮୬ଟି ପାରିବାରିକ ମାମଲା ଏହି ଫ୍ୟାମିଲି କୋର୍ଟରେ ଏବେ ବିଚାରାଧୀନ ରହିଛି। ଦାମ୍ପତ୍ୟ ବିଚ୍ଛେଦ ବିଶେଷ କରି ନବ ବିବାହିତ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୁଝାମଣାର ଅଭାବରୁ ଏହି ମାମଲାର ସଂଖ୍ୟାର ବଢ଼ି ଚାଲିଛି। ଚାକିରିଆ ସ୍ୱାମୀ-ସ୍ତ୍ରୀଙ୍କ ପାଇଁ ଏହା ଅନେକ ଗୁରୁତ୍ୱ ରଖୁଥିବା ବେଳେ ଛାଡପତ୍ର ନ ହେବା ଯାଏଁ ଉଭୟ ଅନ୍ୟତ୍ର ବିବାହ ମଧ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ବିବେଚନା କରାଯାଏ। ଅନ୍ୟପକ୍ଷରେ ଉଭୟ ପକ୍ଷଙ୍କର କୋର୍ଟରେ ବାରମ୍ବାର ଅନୁପସ୍ଥିତି ରହିବା ଫଳରେ ପାରିବାରିକ ବିବାଦ ଦୀର୍ଘଦିନ ଧରି ପଡିରହିବା ସହ ଏହାର ଚୂଡାନ୍ତ ପ୍ରକ୍ରିୟାରେ ବିଳମ୍ବ ରହୁଥିବା ଜଣାପଡିଛି। କେନ୍ଦୁଝର ଜିଲ୍ଲାରେ ୩୨୩୪ଟି ସିଭିଲ ବା ଜମିବାଡ଼ି ସଂକ୍ରାନ୍ତୀୟ କେଶ ୫ବର୍ଷରୁ ଅଧିକ ପୁରୁଣା ହୋଇଥିବା ବେଳେ ଏହି ୫ବର୍ଷରୁ ଅଧିକ ବର୍ଷ ପୁରୁଣା ମାମଲା, ଜିଲ୍ଲା ଜଜଙ୍କ କୋର୍ଟରେ ୭୮୭, ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ୨୦୯, ସିଭିଲ ଜଜ, କେନ୍ଦୁଝରଙ୍କ ନିକଟରେ ୮୯୮, ସିଭିଲ ଜଜ ଆନନ୍ଦପୁରଙ୍କ କୋର୍ଟରେ ୫୨୬ଟି କେଶ ରହିଛି। କେନ୍ଦୁଝର ଉପଖଣ୍ଡ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ନିକଟରେ ସର୍ବାଧିକ ୧୨ହଜାର ୨୦୯ଟି କେଶ ରହିଛି। ବର୍ଷ ବର୍ଷ ଅନେକ ମାମଲା ଫଇସଲା ହେବା ପାଇଁ ବିତିଯାଉଥିବାବେଳେ ଏହି ଧରଣର ଜମିବାଡି କେଶଗୁଡିକ ସମାଧାନ ହୋଇପାରୁନାହିଁ। ଏଥିପାଇଁ ଅନେକ କାରଣ ରହିଥିବାବେଳେ ଅଧିକରୁ ଅଧିକ ଲୋକ ଆଦାଲତ ଆୟୋଜନ, ଅଧିକ ସଂକ୍ଷକ କୋର୍ଟ ସ୍ଥାପନ,ବିଭିନ୍ନ କୋର୍ଟ ମାନଙ୍କରେ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ଅଧିକ ପଦକ୍ଷେପ ନିଆଗଲେ ବିଚାର ପାଇଁ ପଡିରହିଥିବା ବହୁ ମାମଲାର ବିଚାର ତ୍ୱରାନ୍ୱିତ ହୋଇପାରନ୍ତା ବୋଲି ମତପୋଷଣ ହେଉଛି।



### ଶୁଦ୍ଧତା ନେଇ ପ୍ରଶ୍ନ ଉଠାଇଲେ ଚୁନରା ସେବକ

# ଅନ୍‌ଲାଇନ୍‌ରେ ବିକ୍ରି ହେଉଛି ପତିତପାବନ ବାନା

**ପୁରୀ,୧୨ା୩ (ସମିସ):** ଅନ୍‌ଲାଇନରେ ବିକ୍ରି ହେଉଛି ପତିତପାବନ ବାନା। ଯାହାକୁ ନେଇ ଏବେ ସନ୍ଦେହରେ ଭକ୍ତ, ସେବାୟତ। ବାସ୍ତବରେ ଏହି ବାନାକୁ ଅନ୍‌ଲାଇନରେ ବିକ୍ରି କରାଯିବା ପାଇଁ ସମ୍ପୃକ୍ତ କମ୍ପାନୀ ଅନୁମତି ପାଇଛି ନା ନାହିଁ, ଯଦି ପାଇଛି, କିଏ ଦେଇଛି ଅନୁମତି; ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରିଛି। କେବଳ ବାନା ନୁହେଁ, ପୂର୍ବରୁ ଅନ୍‌ଲାଇନରେ ନିର୍ମାଲ୍ୟ, ଶୁଖିଲା ଭୋଗ, ମହାପ୍ରସାଦ ବିକ୍ରିକୁ ନେଇ ସ୍ୱର ଉଠାଇଛନ୍ତି ସେବାୟତ। ଅନ୍‌ଲାଇନ୍‌ରେ ବିକ୍ରି ହେଲେ ଏହି ସବୁର ପବିତ୍ରତା ରକ୍ଷା ହେବ ନାହିଁ ବୋଲି ମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ହେଲେ ଏ ଦିଗରେ ମନ୍ଦିର ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ ଏମିତି କିଛି କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମନମାନି କରିବାକୁ ପରୋକ୍ଷରେ ସାହସ ପାଇଛନ୍ତି। ଏହାଦ୍ୱାରା ବଡ଼ଦେଉଳ ବଦନାମ ହେଉଥିବା ବେଳେ ପ୍ରଶାସନ ଚୁପ୍ ରହିବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ଏବେ ଅନ୍‌ଲାଇନରେ ପତିତପାବନ ବାନା ବିକ୍ରି କରାଯାଉଥିବା କୁହାଯାଉଥିଲେ ହେଁ ବାସ୍ତବରେ ତାହାର ଶୁଦ୍ଧତା ଓ ପବିତ୍ରତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍‌ଲାଇନରେ ଯିଏ ଯାହା ବିକ୍ରି କରୁ କିନ୍ତୁ ପତିତପାବନ ନାଁ କହି ପତାକା ବିକ୍ରି କରିବା ଦୋଷାବହ ବୋଲି କହିଛନ୍ତି ଶ୍ରୀମନ୍ଦିର ଚୁନରା ସେବାୟତ।

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବାର ଅନେକ ନଜିର ରହିଛି। ଏବେ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ବାନା କ୍ଷେତ୍ରରେ ଏଭଳି ଘଟଣା ନଜରକୁ ଆସିଛି। ଆମାଜନ୍‌ରେ ପତିତପାବନ ନାଁରେ ବାନା ବିକ୍ରି କରାଯାଉଛି। କମ୍ପାନୀ ଅନ୍‌ଲାଇନରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିଛି। ଦୁଇଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ। ଏହାର ମାହାତ୍ମ୍ୟ କ'ଣ, ଏହା କେଉଁ କାର୍ଯ୍ୟରେ ଲାଗେ; ଏ ସବୁ ଉଲ୍ଲେଖ କରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଛି। ବଡ଼ କଥା ହେଉଛି, ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି। କାରଣ ଏଥିରେ ଏହି ପତାକା ପାଇଁ ଯେଉଁ ମୂଲ୍ୟ ରଖାଯାଇଛି, ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର୍ ଅଧିକ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜ୍‌ର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ବାନା ମୂଲ୍ୟ ୪୯୯ ଟଙ୍କା, ୯୯୯ ଟଙ୍କା, ୧,୪୯୯ ଓ ୨,୧୯୯ ଟଙ୍କା ରଖାଯାଇଛି।




ତେବେ ଏଠାରେ ପ୍ରଶ୍ନ ଉଠୁଛି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କମ୍ପାନୀ ପ୍ରାୟ ୭ରୁ ୧୦ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି, ବାସ୍ତବତାରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ବାହାରର ତାହାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ତେଣୁ ବର୍ତ୍ତମାନ ଯେଉଁ ପତିତପାବନ ବାନା ଅନ୍‌ଲାଇନରେ ପୁଣି ମାତ୍ରାଧିକ ମୂଲ୍ୟରେ ବିକ୍ରି କରାଯାଉଛି, ତାହାକୁ ଅନୁମତି ଦେଇଛି କିଏ? ଏମିତି ପ୍ରଶ୍ନ ଏବେ ଉଙ୍କି ମାରୁଥିବା ବେଳେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଚୁନରା ସେବକ।

ଏ ସମ୍ପର୍କରେ ଚୁନରା ସେବକ ଡ. ଶରତ ଚନ୍ଦ୍ର ମହାନ୍ତି କହିଛନ୍ତି, ଯେକେହି ଅନ୍‌ଲାଇନରେ ତାଙ୍କର ସାମଗ୍ରୀ ଯେତେ ଟଙ୍କାରେ ବିକନ୍ତୁ ଆମର କିଛି କହିବାର ନାହିଁ। କିନ୍ତୁ ଶ୍ରୀମନ୍ଦିର ପତିତପାବନ ବାନା କହି ଏହାକୁ ବିକ୍ରି କରିବା ଦୋଷାବହ। ନୀଳଚକ୍ର ଓଲାଗି ବାନାକୁ ଶ୍ରୀମନ୍ଦିର ଭିତରେ କେବଳ ଚୁନରା ସେବକମାନେ ହିଁ ବିକ୍ରି କରିପାରିବେ। ଏହା ଆମର ଅଧିକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମାଜନ କମ୍ପାନୀ ପାଖରେ ଏହା ପହଞ୍ଚିଲା କିପରି? ସେମାନେ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରି ମିଛ କହି ବିକ୍ରି କରୁଛନ୍ତି। ପତିତପାବନ ବାନା କହିଲେ କେବଳ ଶ୍ରୀମନ୍ଦିର ଧ୍ୱଜାକୁ ହିଁ ବୁଝାଏ। ଏହା ଦୋଷାବହ, ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଦରକାର। ଏହାପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆବଶ୍ୟକ। ଏନେଇ ଆମ ନିଯୋଗ କେବଳ ମନ୍ଦିର ପ୍ରଶାସନକୁ ଅବଗତ କରାଇପାରିବ ବୋଲି ଚୁନରା ସେବକ ଶ୍ରୀ ମହାନ୍ତି କହିଛନ୍ତି।

### ■ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲା

# ଓସେପାର ମେଧା ତାଲିକା ହାଇକୋର୍ଟରେ ରଦ୍ଦ

**କଟକ,୧୨ା୩(ସମିସ):** ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ଅଭିଯୋଗରେ ରୁଜୁ ମାମଲାରେ ଆଜି ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। ଗତ ଜାନୁଆରୀ ୩୧ରେ ଅଦାଲତ ଏହି ମାମଲାର ଶୁଣାଣି ଶେଷ କରି ରାୟକୁ ସଂରକ୍ଷିତ ରଖିଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଦ୍ୱାରା ପ୍ରସ୍ତୁତ ମେଧା ତାଲିକାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହ ପରବର୍ତ୍ତୀ ସମୟରେ ହାଇକୋର୍ଟରେ ଦାଖଲ ହୋଇଥିବା ଜିଲ୍ଲାୱାରୀ ମେଧା ତାଲିକାକୁ ମଧ୍ୟ ହାଇକୋର୍ଟ ଗ୍ରହଣ କରିନାହାନ୍ତି। ଅନ୍ୟପଟରେ ପୂର୍ବରୁ ଜାରି ଅନ୍ତରୀଣ ଆଦେଶକୁ ଉଠାଇଛନ୍ତି ହାଇକୋର୍ଟ। ଚିନ୍ତାମଣି ଭୂୟାଁ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜାପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତାବଳୀ ଅନୁଯାୟୀ ସାନି ମେଧା ତାଲିକା ପ୍ରସ୍ତୁତ କରିବାକୁ ଓସେପାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଚୟନ ତାଲିକା ଜିଲ୍ଲାୱାରୀ ହେବା ସହ ଜିଲ୍ଲାକୁ ପ୍ରାଥମିକତା ଦିଆଯିବା ଉଚିତ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅନ୍ୟପଟରେ ଆଇନ ଅନୁସାରେ ଚୟନ ତାଲିକା ପ୍ରସ୍ତୁତ କରିଥିବା ନେଇ ରାଜ୍ୟ ସରକାର ମଧ୍ୟ ଅଦାଲତଙ୍କୁ କହିଥିଲେ। ପ୍ରଥମେ ଏକ ଚିଠା ମେଧା ତାଲିକା ପ୍ରସ୍ତୁତ ହୋଇଥିଲା ଓ ପରେ ଜିଲ୍ଲା ଅନୁସାରେ ଏହି ତାଲିକା ପ୍ରସ୍ତୁତ ହୋଇଥିବା କୁହାଯିବା ସହ ଏହାକୁ ଅଦାଲତରେ ମୁଦା ଲଫାଫାରେ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିଲା। ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତ ଅନୁସାରେ ମେଧା ତାଲିକା ପ୍ରସ୍ତୁତ ହୋଇନଥିବାରୁ ଏହାକୁ ରଦ୍ଦ କରିଛନ୍ତି।

ପ୍ରକାଶଥାଉକି ଓସେପା ପକ୍ଷରୁ ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୨୦ ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ଗତ ୨୦୨୩ ସେପ୍ଟେମ୍ବର ୧୩ରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ଅକ୍ଟୋବର ୧୦, ଆବେଦନର ଶେଷ ତାରିଖ ରହିଥିଲା। ପରୀକ୍ଷା ଶେଷ ହୋଇ ୧୮ ହଜାର ୭୦୦ଜଣ ଆଶାୟୀଙ୍କ ମେଧା ତାଲିକା

**ବିଜ୍ଞପ୍ତି ସର୍ତ୍ତ ଅନୁସାରେ ସାନି ତାଲିକା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ**

ପ୍ରକାଶ ପାଇଥିଲା। ଏହା ପରେ ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲା। ନିଯୁକ୍ତି ବିଜ୍ଞପ୍ତିର ନିୟମ ବା ସର୍ତ୍ତାବଳୀ ଆଧାରରେ ମେଧା ତାଲିକା ପ୍ରକାଶ କରାଯାଇ ନଥିବାରୁ ଏହାକୁ ଚ୍ୟାଲେଞ୍ଜ କରି କେତେକ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମେଧା ତାଲିକା ପ୍ରକାଶ ପୂର୍ବରୁ କଟ୍-ଅଫ୍- ମାର୍କ ମଧ୍ୟ ପ୍ରକାଶ ପାଇ ନଥିଲା ବୋଲି ଆବେଦନକାରୀ ଅଭିଯୋଗ ଆଣିଥିଲେ। ଅଦାଲତଙ୍କ ଅନୁମତି ବିନା ଚୂଡ଼ାନ୍ତ ନିଯୁକ୍ତି ପ୍ରଦାନ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଗତ ଜାନୁଆରୀ ୧୯ ତାରିଖରେ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସମୀର ଦାଶ ମାମଲା ପରିଚାଳନା କରୁଥିଲେ।

# ବିଜେଡି ଏକାକୀ ଲଢ଼ିଲେ ୧୨୫ ଆସନ ଜିତିବ: ସୁଧୀର

**ଢେଙ୍କାନାଳ,୧୨ା୩(ସମିସ):** ବିଜେପି ସହ ମେଣ୍ଟ ନେଇ ମୋ ପାଖରେ କିଛି ସୂଚନା ନାହିଁ। ତେବେ ଚଳିତ ନିର୍ବାଚନରେ ବିଜେଡି ଏକାକୀ ଲଢ଼ିଲେ ବିଧାନସଭାରେ ୧୨୫ ଏବଂ ଲୋକସଭାରେ ସମସ୍ତ ୨୧ ଆସନ ଦଖଲ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡ଼ି ସାଧାରଣ ସମ୍ପାଦକ ତଥା ବିଧାୟକ ସୁଧୀର ସାମଲ। ଢେଙ୍କାନାଳ ରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ ବିଜେଡ଼ି ଏକାକୀ ବୃହତ୍ ସଂଖ୍ୟା ଗରିଷ୍ଠତା ହାସଲ କରିବାକୁ ସକ୍ଷମ। ଏକାକୀ ଲଢ଼ିଲେ ଦଳ ୧୪୭ ବିଧାନସଭା ଆସନରୁ ୧୨୫ ଓ ସମସ୍ତ ୨୧ ଲୋକସଭା ଆସନ ଦଖଲ କରିବ। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ୯୦ ପ୍ରତିଶତ ଭୋଟ ପାଇ ୩୦ଟି ଜିଲ୍ଲାରେ ଜିଲ୍ଲା ପରିଷଦ ଦଖଲ କରିଥିବା ବେଳେ



ସହରାଞ୍ଚଳରେ ମଧ୍ୟ ବିଜେଡି ବାଜିମାତ୍ କରିଥିଲା। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଥର ପାଇଁ ୫-ଟି ପ୍ରଚଳନ କରି ବିଭିନ୍ନ କାର୍ଯ୍ୟର ରୂପାନ୍ତରଣ ସହ ସାମଗ୍ରିକ ବିକାଶ କରିବାରେ ସହାୟକ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକହିତକର କାର୍ଯ୍ୟ, ବିଭିନ୍ନ କଲ୍ୟାଣକାରୀ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରାସ୍ତାଘାଟ ଭଳି ଯୋଜନା ସହ ମହିଳାଙ୍କ ପାଇଁ ପଞ୍ଚାୟତରେ ୫୦ଭାଗ ସଂରକ୍ଷଣ ଓ ବିଧାନସଭାରେ ୩୩ ଭାଗ ସଂରକ୍ଷଣ, ମହିଳା ଏସଏସଜି ଗ୍ରୁପମାନଙ୍କୁ ସ୍ୱାବଲମ୍ବୀ କରିବା ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ବହୁଗୁଣିତ କରିଛି । ତେଣୁ ନିର୍ବାଚନରେ ବିଜେଡି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲକରିବା ସହିତ ସରକାର ଗଢିବ ବୋଲି ବିଧାୟକ ଶ୍ରୀ ସାମଲ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ନରୋତ୍ତମ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ରଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ମାନସିକ ରୋଗମୁକ୍ତ ହେବେ କଏଦୀ

**ନିଯୁକ୍ତି ପାଇବେ ୧୮ କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ୧୨ ସାମାଜିକ କର୍ମୀ**

**କଏଦୀଙ୍କ ମନ ପଢ଼ି ନିରାକରଣ ବାଟ ବତାଇବେ**

**ଭୁବନେଶ୍ୱର, ୧୨ା୩(ସମିସ):** ଦୀର୍ଘ ଦିନ ଧରି ଜେଲ୍‌ରେ ରହିବା ଯୋଗୁଁ କଏଦୀଙ୍କ ମାନସିକ ସ୍ଥିତି ବିଗୁଡୁଛି। ଏହାଦ୍ୱାରା କଏଦୀଙ୍କ ଭିତରେ ଆତ୍ମହତ୍ୟାପ୍ରବଣତା ବଢ଼ିବାରେ ଲାଗିଛି। ଜେଲ୍ ଭିତରେ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ପଛାଉନାହାନ୍ତି। ତେଣୁ ଏ ସମସ୍ୟାର ନିରାକରଣ ପାଇଁ ଜେଲ୍ ବିଭାଗରେ ଖୁବ୍‌ଶୀଘ୍ର ୧୮ ଜଣ କ୍ଲିନିକାଲ ସାଇକୋଲୋଜିଷ୍ଟ ଏବଂ ୧୨ଜଣ ସାମାଜିକ କର୍ମଚାରୀ ଯୋଡ଼ି ହେବାକୁ ଯାଉଛନ୍ତି। ଏମାନେ କଏଦୀଙ୍କ ମାନସିକ ସ୍ଥିତିକୁ ପଢ଼ିବା ସହ ସେମାନଙ୍କୁ କାଉନସେଲ୍ କରିବେ। ଏହି ୩୦ ପଦ ପାଇଁ ଜେଲ୍ ବିଭାଗ ପକ୍ଷରୁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନ କରିଥିବା ପ୍ରାର୍ଥୀ ଏପ୍ରିଲ ୩ ତାରିଖରେ ସାକ୍ଷାତକାର ଦେବେ। ଏହାପରେ ଚୟନ କରାଯିବା ପରେ ସେମାନଙ୍କୁ ରାଜ୍ୟର ବିଭିନ୍ନ ଜେଲ୍‌ରେ ନିଯୁକ୍ତି ଦିଆଯିବ। ଏଥିପାଇଁ ଜଣେ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରି ନିଯୁକ୍ତି ଦେବେ। ପ୍ରାର୍ଥୀଙ୍କ ବୟସସୀମା ସର୍ବାଧିକ ୫୦ ବର୍ଷ ରହିଛି। ସେମାନଙ୍କୁ ମାସିକ ୪୦ହଜାର ଟଙ୍କା ଦରମା ଦିଆଯିବାକୁ ଥିବା ବେଳେ ନିଜର କାର୍ଯ୍ୟଦକ୍ଷତା ଅନୁସାରେ ଆହୁରି ୧୦ ହଜାର ଟଙ୍କା ଅଧିକ ଦରମା ଦିଆଯିବ।

କ୍ଲିନିକାଲ ସାଇକୋଲୋଜିଷ୍ଟମାନେ କଏଦୀଙ୍କ ଆଚାର, ବ୍ୟବହାର ଏବଂ ତାଙ୍କର ମାନସିକ ସ୍ଥିତିକୁ ପଢ଼ି ଆବଶ୍ୟକସ୍ଥଳେ ଚିକିତ୍ସା ଯୋଗାଇଦେବେ। ଏହାସହ କଏଦୀଙ୍କୁ କିପରି ମାନସିକ ଭାବେ ଚାପମୁକ୍ତ ରଖାଯିବ, ସେ ସଂପର୍କରେ ଜେଲ୍ ବିଭାଗକୁ ବି ପରାମର୍ଶ ଦେବେ। ସେହିପରି ନିଯୁକ୍ତ ହେବାକୁ ଥିବା ସାମାଜିକ କର୍ମୀମାନେ କଏଦୀଙ୍କ ମାନସିକ ଏବଂ ସ୍ୱାସ୍ଥ୍ୟ ସ୍ଥିତିର ମୂଲ୍ୟାଙ୍କନ କରିବେ। ଏହାର ନିରାକରଣ ବାଟ ମଧ୍ୟ ବତାଇବେ। ମାନସିକ ରୋଗୀଙ୍କ ଶକ୍ତି ଏବଂ ଦୁର୍ବଳତା ଅନୁଧ୍ୟାନ କରିବେ। ବନ୍ଦୀମାନଙ୍କ ଆଚରଣ ବିଧି, କଏଦୀମାନଙ୍କ ହେଉଥିବା ସମସ୍ୟ ଆଦି ବୁଝିବେ। କେଉଁ କାରଣ ପାଇଁ ଜଣେ କଏଦୀ ମାନସିକ ରୋଗୀ ଶିକାର ହେଉଛନ୍ତି, ତାହାକୁ ମଧ୍ୟ ଅଧ୍ୟୟନ କରିବେ। ମନସ୍ତତ୍ତ୍ୱବିତ୍ ଏବଂ ଅନ୍ୟମାନଙ୍କ ସହିତ ସମନ୍ୱୟ ରକ୍ଷା କରିବେ। ମାନସିକ ରୋଗୀ ଏବଂ ତାଙ୍କ ପରିବାରକୁ ଜ୍ଞାନ ଦେବେ। ମାନସିକ ରୋଗୀ ସମ୍ମୁଖୀନ ହେଉଥିବା ରୋଗ ବିଷୟରେ ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇବେ।

ଏନ୍‌ସିଆରବି ତଥ୍ୟ ଅନୁସାରେ, ୨୦୨୧ରେ ରାଜ୍ୟରେ ବିଭିନ୍ନ ଜେଲ୍‌ରେ ୬୯୯ଜଣ ମାନସିକ ରୋଗୀ ଥିଲେ। ଉତ୍ତରପ୍ରଦେଶରେ ୧ହଜାର ୭୯୧ଜଣ ମାନସିକ ରୋଗୀ ଥିଲେ। ଯୁପି ପ୍ରଥମ ଥିବା ବେଳେ ଓଡ଼ିଶା ଦ୍ୱିତୀୟରେ ଥିଲା।

## ୫ଜଣ ଡିଏସପିଙ୍କ ବଦଳି

**କଟକ, ୧୨ା୩(ସମିସ):** ରାଜ୍ୟ ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ନିଷ୍ପତ୍ତିକ୍ରମେ ଆଜି ୫ଜଣ ଡିଏସ୍‌ପିଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ଭୁବନେଶ୍ୱର ଏସ୍‌ଓଜି ଡିଏସ୍‌ପି ଥିବା ଆକାଶ ଚନ୍ଦ୍ର ସାହୁଙ୍କୁ ଭୁବନେଶ୍ୱର ବିପିଏସପିଏ (ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ)କୁ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ସିଏଡବ୍ଲୁ ଓ ସିଡବ୍ଲୁର ଡିଏସପି ସବିତାରାଣୀ ଜେନାଙ୍କୁ ପିଟିଆଇ(ପୁଲିସ ଟ୍ରେନିଂ ଇନଷ୍ଟିଚ୍ୟୁଟ) ବୈରୀ, ରାଜ୍ୟ ଏଚଆରପିସି ଡିଏସପି ରଜନୀକାନ୍ତ ମଲ୍ଲିକଙ୍କୁ ନୟାଗଡ଼ ପିଟିଏସ, ପୁଲିସ ମୁଖ୍ୟାଳୟ ଡିଏସପି ଅକ୍ଷୟ କୁମାର ନାୟକଙ୍କୁ ଭୁବନେଶ୍ୱର ବିପିଏସପିଏ ଓ ସଙ୍ଗୀତା ଟପୋଙ୍କୁ ଅନୁଗୁଳ ପିଟିସି ଡିଏସପି ଭାବେ ବଦଳି କରାଯାଇଛି।

## ୨ ଗଞ୍ଜେଇ ଚାଲାଣକାରୀଙ୍କୁ ୧୪ବର୍ଷ ଜେଲ୍

**କଟକ, ୧୨ା୩(ସମିସ):** ଦୁଇ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଅଞ୍ଚଳର ରବୀନ୍ଦ୍ର ସେନାପତି ଓ ରାଜେନ୍ଦ୍ର ବେହେରାଙ୍କୁ ୧୪ବର୍ଷ ସଶ୍ରମ ଜେଲ ଓ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଏହି ଅଭିଯୋଗ ସମ୍ପର୍କିତ ମାମଲାର ଶୁଣାଣି କରି କଟକ ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ସ୍ରୋତସ୍ୱିନୀ କର ଏପରି ନିର୍ଦ୍ଦେଶ ଦେଇଛନ୍ତି।

**୧ ଲକ୍ଷ ଲେଖାଏଁ ଜରିମାନା**

ଏଥିସହ ଜରିମାନା ଅନାଦେୟ ହେଲେ, ଦୁଇଜଣ ଦୋଷୀଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(୨)(ସି)ରେ ଅଭିଯୁକ୍ତ ରବୀନ୍ଦ୍ର ଓ ରାଜେନ୍ଦ୍ରଙ୍କୁ ଅଦାଲତ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୧, ନଭେମ୍ବର ୨୦ ତାରିଖରେ କଟକ ଗୋପାଳପୁର ଟ୍ରାଫିକ୍ ଛକ ନିକଟରେ ଏକ ମାଲବାହୀ ଗାଡ଼ିରୁ ୨କ୍ୱିଣ୍ଟାଲ ଗଞ୍ଜେଇ ଧରାପଡ଼ିଥିଲା। ଅବକାରୀ ଗୁଇନ୍ଦା ବିଭାଗର ଇନ୍ସପେକ୍ଟର ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତମାନେ ଗଞ୍ଜେଇ ଚାଲାଣ କରି ଧରାପଡ଼ିଥିଲେ। ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ସହ ରବୀନ୍ଦ୍ର ଓ ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ ହୋଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଦେବାଶିଷ ସାମନ୍ତରାୟ ଓ ଅତିରିକ୍ତ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ।

# ପୁଣିଥରେ ଏସ୍‌ସିବିରେ ଭର୍ତ୍ତି ହେଲେ ପଦ୍ମଶ୍ରୀ କମଳା ପୂଜାରୀ

**କଟକ, ୧୨ା୩(ସମିସ):** ପୁଣିଥରେ ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି ପଦ୍ମଶ୍ରୀ କମଳା ପୂଜାରୀ। ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇଥିବା ପଦ୍ମଶ୍ରୀ ପୂଜାରୀଙ୍କର ଭେଷଜ ବିଭାଗ ଆଇସିୟୁରେ ଚିକିତ୍ସା ଆରମ୍ଭ ହୋଇଛି। ତାଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏକ ଡାକ୍ତରୀ ଦଳ ଗଠନ କରିଛନ୍ତି। ପ୍ରଫେସର୍ ଡାକ୍ତର ଜୟନ୍ତ ପଣ୍ଡା, ପ୍ରଫେସର ଡାକ୍ତର ବିଜୟ ବେହେରା, ଡାକ୍ତର ଅରୁଣା ଆଚାର୍ଯ୍ୟ ଏବଂ ପ୍ରଫେସର୍ ଡାକ୍ତର ଅଶୋକ ମଲ୍ଲିକ ଏହି ଦଳରେ ରହିଛନ୍ତି। ପୂର୍ବରୁ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା ପଦ୍ମଶ୍ରୀ ପୂଜାରୀଙ୍କର ମୂତ୍ରାଶୟ ସଂକ୍ରମଣ ହୋଇଛି। ସେ ରକ୍ତହୀନତାର



ମଧ୍ୟ ଶିକାର ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ପ୍ରଫେସର୍ ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମେୟର ସୁବାସ ସିଂହ ଏସ୍‌ସିବିରେ ପଦ୍ମଶ୍ରୀ ପୂଜାରୀଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ପ୍ରକାଶଥାଉକି, ସୋମବାର ପଦ୍ମଶ୍ରୀ ପୂଜାରୀ ହଠାତ୍ ଅଚେତ ହୋଇପଡ଼ିବା ଯୋଗୁଁ ତାଙ୍କୁ ଜୟପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ଼ ମେଡିକାଲ ଅଣାଯାଇଥିଲା। ମଙ୍ଗଳବାର ସକାଳେ ସେ ଏସ୍‌ସିବିରେ ପହଞ୍ଚିଥିଲେ। ଏସସିବି କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରିବା ସହ ପଦ୍ମଶ୍ରୀ ପୂଜାରୀଙ୍କ ଚିକିତ୍ସା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିଥିଲେ। ତେବେ ଗତ ଜାନୁଆରୀ ପ୍ରଥମ ସପ୍ତାହରେ ସେ ଅସୁସ୍ଥ ହୋଇ ଏସ୍‌ସିବିକୁ ଆସିଥିଲେ। ୪ ଦିନ ଧରି ଏଠାରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଫେରିଥିଲେ।

# ପ୍ରାଥମିକ ଶିକ୍ଷକ ପଦୋନ୍ନତି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

**କଟକ, ୧୨ା୩(ସମିସ):** ପ୍ରାଥମିକ ଶିକ୍ଷକ ପଦୋନ୍ନତି ମାମଲାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ସମ୍ପୃକ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ଆଦେଶକୁ ଚାଲେଞ୍ଜ କରି ରୁଜୁ ଆବେଦନର ଶୁଣାଣି କରି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଯେହେତୁ ନିୟମ-୧୫(୧) (ଡି) (୧) ଅନୁସାରେ ଥିବା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆବେଦନକାରୀ ମାନେ ଓଟିଇଟି-୧ ଏବଂ ଓଟିଇଟି-୨ ପାସ୍ କରିବା ପାଇଁ ପୂର୍ବରୁ ମୁକ୍ତ ହୋଇଥିଲେ, ଏଣୁ ସମ୍ପୃକ୍ତ ଆବେଦନକାରୀ ଯେଉଁମାନେ ଲେବୁଲ ୫(ବି)ର ଗ୍ରେଡେସନ୍ ତାଲିକାରେ ରହିଛନ୍ତି ସେମାନଙ୍କୁ ଲେଭଲ୍ -୪କୁ ପଦୋନ୍ନତି ପାଇଁ ରହିଥିବା ଦାବିକୁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ବିଚାର କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଲେବୁଲ-୪କୁ ପଦୋନ୍ନତି ପାଇବା ତାରିଖଠାରୁ ତିନିବର୍ଷ ମଧ୍ୟରେ ଓଟିଇଟି-୨ଯୋଗ୍ୟତା ହାସଲ କରିବେ। ଆବେଦନକାରୀ ଯଦି ନିର୍ଦ୍ଧାରିତ ସମୟରେ ଓଟିଇଟି-୨ ଯୋଗ୍ୟତା ହାସଲ ନ କରନ୍ତି, ସେମାନଙ୍କୁ ପୁଣି ଲେବୁଲ୫(ବି)କୁ ଫେରାଇ ଦିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ଦିବାକର ବାରିକ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

# '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ ୧୩ ଅନୁଷ୍ଠାନ

**ଭୁବନେଶ୍ୱର, ୧୨ା୩ (ସମିସ):**

ଦେଶର ସବୁଠାରୁ ପଛୁଆ ରାଜ୍ୟ ଥିବା ଓଡ଼ିଶା ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶର ଶିଖର ଛୁଇଁଛି। '୫-ଟି' ଉପକ୍ରମରେ ରାଜ୍ୟର ପ୍ରତି କ୍ଷେତ୍ରରେ

**ମିଳିମିଶି ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ କରିବା: ପାଣ୍ଡିଆନ**

**ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଆମ ମନୋବଳ ବଢ଼ାଇଛି**





ରୂପାନ୍ତରଣ ସୁନିଶ୍ଚିତ କରାଯାଉଛି। ମୁଖ୍ୟମନ୍ତ୍ରୀ କେବଳ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିଜ ପରିବାର ବୋଲି କହିନଥାନ୍ତି, ବରଂ ସମସ୍ତଙ୍କ ସୁଖଦୁଃଖ କଥା ବୁଝୁଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ଆଜି କୃତଜ୍ଞତା ଜଣାଇବା ପାଇଁ ନବୀନ ନିବାସରେ ପହଞ୍ଚିଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଏପରି କହିଛନ୍ତି। ଆଜି ପ୍ରାୟ ୧୩ଟି ସଂଗଠନ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଦାବି ପୂରଣ କରିଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଳଷିତ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ ନିମନ୍ତେ ମିଳିତ ଭାବେ ଉଦ୍ୟମ କରିବା ପାଇଁ ଶ୍ରୀ ପାଣ୍ଡିଆନ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ।

ଆଜି ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ କୁକୁଡାଖଣ୍ଡି ଏନ୍‌ଏସିର ଜନସାଧାରଣ ନବୀନ ନିବାସରେ ପହଞ୍ଚି ଶ୍ରୀ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ବିଧାୟକ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ବୀରମହାରାଜପୁର ଏନ୍‌ଏସି, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଭେଡେନ୍ ଓ ବରଗଡ଼ ଏନ୍‌ଏସି, ବିଧାୟିକା ବର୍ଷା ସିଂ ବରିହାଙ୍କ ନେତୃତ୍ୱରେ ପାଇକମାଳ ଏନ୍‌ଏସି ଜନସାଧାରଣ '୫-ଟି' ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଦୀର୍ଘ ଦିନର ଦାବି ପୂରଣ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ସାଂସଦ ରମେଶ ମାଝିଙ୍କ ନେତୃତ୍ୱରେ ଯାଦବ ମହାସଂଘ, ସିଏମ୍‌ସି ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଅଲ ଓଡ଼ିଶା ଜିପିଏଲ୍‌ଏଫ୍ କର୍ମକର୍ତ୍ତା, ଅଲ୍ ଉତ୍କଳ ପ୍ରାଇମେରୀ ଟିଚର୍ସ ଫେଡେରେସନ୍, ଓଡ଼ିଶା ସୂଚନା ସେବା ସଂଘ, ଓଡ଼ିଶା ହସ୍ତଶିଳ୍ପ ସେବା ସଂଘ, ଓଡ଼ିଶା ବନ ସେବା ସଂଘ, ଅଞ୍ଜୁମନ ଏ ଇସଲାହ ମୁସଲିମ୍ କମ୍ୟୁନିଟି, ଅଲ୍ ଓଡ଼ିଶା ୬୬୨ ବର୍ଗ ଲାଇବ୍ରେରୀ ଆଟେଣ୍ଡାଣ୍ଟ ଆସୋସିଏସନ୍, ଭୁବନେଶ୍ୱର, ଅଲ ଓଡ଼ିଶା ଲାବୋରେଟୋରୀ ଆସିଷ୍ଟାଣ୍ଟ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ନବୀନ ନିବାସରେ ପହଞ୍ଚି '୫-ଟି' ଅଧ୍ୟକ୍ଷଙ୍କୁ ଦାବି ପୂରଣ ପାଇଁ ଧନ୍ୟବାଦ ଜଣାଇଥିଲେ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟ ସରକାର କାମ କରୁଛନ୍ତି। '୫-ଟି' ଅଧ୍ୟକ୍ଷ ଜିଲ୍ଲା ପରିଦର୍ଶନ କରି ଜନସାଧାରଣ ଏବଂ ବିଭିନ୍ନ ସଂଗଠନର ସମସ୍ୟା ଶୁଣିଥିଲେ ଆଉ ସେହି ଅନୁସାରେ ସମସ୍ୟା ଦୂର ପାଇଁ ସରକାର ପ୍ରତି ଦିନ ନୂଆନୂଆ ଘୋଷଣା କରୁଛନ୍ତି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଗ୍ରାମାଞ୍ଚଳରୁ ନେଇ ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ, ସରକାରୀ ଅନୁଷ୍ଠାନରୁ ନେଇ ବେସରକାରୀ ଅନୁଷ୍ଠାନଙ୍କ ଦାବି ପୂରଣ ତଥା ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହନମୂଳକ ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆବେଗପୂର୍ଣ୍ଣ ପଦକ୍ଷେପ ରାଜ୍ୟର ବୃହତ୍ତର ସ୍ୱାର୍ଥ ହାସଲ ନିମନ୍ତେ ଆମ ସମସ୍ତଙ୍କୁ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣା ଦେଇଛି ବୋଲି ନବୀନ ନିବାସ ଆସିଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରକାଶ କରିଥିଲେ।

# ସ୍କୁଲରେ ଏଆଇ ଟିଚର



ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ହେଉଥିବା ବେଳେ ଏବେ ଯୋଡ଼ି ହୋଇଛି ଶିକ୍ଷା କ୍ଷେତ୍ର। ପଢ଼ାକୁ ସହଜ ଓ ମଜାଦାର କରିବା ପାଇଁ ଭାରତର ପ୍ରଥମ ଏଆଇ ଶିକ୍ଷୟିତ୍ରୀକୁ ନିଯୁକ୍ତି ଦିଆଯାଇଛି। କେରଳର ଏକ ସ୍କୁଲ ରୋବଟ୍ ଶିକ୍ଷୟିତ୍ରୀକୁ ପରିଚିତ କରାଇ ଶିକ୍ଷା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିଥିବା କଥା କୁହାଯାଉଛି। ଏହି ଏଆଇ ଶିକ୍ଷୟିତ୍ରୀଙ୍କ ନାଁ 'ଆଇରିସ୍'। ଆଇରିସ୍ ହେଉଛି ରାଜ୍ୟ ତଥା ସମ୍ଭବତଃ ସମଗ୍ର ଦେଶରେ ପ୍ରଥମ ହ୍ୟୁମାନଏଡ ରୋବଟ୍ ଶିକ୍ଷୟିତ୍ରୀ। ଥିରୁବନନ୍ତପୁରମ କେଟିସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେକର୍ସ ଲ୍ୟାବ୍ ଏଜୁଟେକ୍ ପ୍ରା.ଲିଃ ମିଳିତ ଉଦ୍ୟମରେ ଏହାକୁ ଗତ ମାସରେ ଅନାବରଣ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସ୍କୁଲରେ ଛାତ୍ରଛାତ୍ରୀଙ୍କର ସୃଜନାଶୀଳତକୁ ଅଧିକ ମାର୍ଜିତ କରିବା। ଆଇରିସ୍ ତିନିଟି ଭାଷାରେ କଥା କହିପାରେ। ଆଇରିସ୍ ବିଭିନ୍ନ ପ୍ରସଙ୍ଗରେ ଜଟିଳ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ସହ କୌଣସି ବିଷୟରେ ବିସ୍ତୃତ ଆଲୋଚନା କରିପାରେ। ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଯେଉଁଥିରେ ଏଆଇ ଶିକ୍ଷୟିତ୍ରୀ ଆଇରିସ୍ ପିଲାଙ୍କ ସହ ହାତ ମିଶାଇ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଛି। ସେହିପରି ଆଇରିସ୍ ଭାରତର ପାରମ୍ପରିକ ପରିଧାନ ଶାଢ଼ିରେ ନଜର ଆସିଛି। ଆଇରିସ୍ ବେକରେ ମାଇକ୍ରୋଫୋନ୍‌କୁ ହାର ଭାବେ ପିନ୍ଧାଯାଇଛି। ୨୦୨୩ ଅଗଷ୍ଟରେ ଦେଶର ପ୍ରଥମ ଏଆଇ ସ୍କୁଲ କେରଳରେ ଖୋଲିଥିଲା।

## ଆଜିର ଇତିହାସ

- ୧୭୭୪- ଭାରତରେ ପ୍ରଥମ ଥର ଡାକସେବା କାର୍ଯ୍ୟାଳୟ ଖୋଲାଗଲା।
- ୧୮୮୧- ରୁଷ୍‌ର ଶାସକ ଆଲେକ୍‌ଜାଣ୍ଡାର୍ ଦ୍ୱିତୀୟଙ୍କୁ ହତ୍ୟା କରାଗଲା।
- ୧୯୨୧- ମଙ୍ଗୋଲିଆ ଚୀନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୯୬- କଲିକତାର ଇଡେନ୍ ଗାର୍ଡେନ୍‌ଠାରେ ଚାଲିଥିବା କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ଭାରତ ଶ୍ରୀଲଙ୍କାଠାରୁ ହାରିଗଲା।
- ୨୦୦୯- ସାର୍କ ସାହିତ୍ୟୋତ୍ସବ ଆଗ୍ରାରୁ ଆରମ୍ଭ ହେଲା।

# ରକ୍ତଶୁଦ୍ଧିରୁ ଆୟୁବୃଦ୍ଧି!

ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ। କେହି ବି ଏଥିରୁ ବାଦ ଯିବେନି। ତଥାପି ମଣିଷ ଅମର ହେବା ପାଇଁ ଚେଷ୍ଟା ଚଳାଇଛି। ଏହି କ୍ରମରେ ଚୀନ୍‌ରେ ଦୀର୍ଘାୟୁ ହେବା ପାଇଁ 'ରକ୍ତ ଶୁଦ୍ଧିକରଣ' କରିବା ଟ୍ରେଣ୍ଡ ଲୋକପ୍ରିୟ ହେବାରେ ଲାଗିଛି। ଏହି ବ୍ୟୁଟି ଟ୍ରେଣ୍ଡ କିଡ୍‌ନୀ ଡାଏଲିସିସ୍ ସହ ପାଖାପାଖି ସମାନ ବୋଲି କୁହାଯାଉଛି। ସ୍ଥାନୀୟ ବିୟୁଟି ସାଲୋନଗୁଡ଼ିକ ପକ୍ଷରୁ ଏପରି କରିବାଦ୍ୱାରା ମଣିଷ ଅଧିକ ୨୦ ବର୍ଷ ବଞ୍ଚିପାରିବ ବୋଲି ଦାବି କରୁଛନ୍ତି। ତେବେ ଏହି କଥାରେ କେତେ ସତ୍ୟତା ଅଛି ତାହା ଜଣା ନ ଥିଲେ ସୁଦ୍ଧା ଚୀନ୍‌ର ସାମାଜିକ ଗଣମାଧ୍ୟମରେ ଏହାର ଜୋରସୋରରେ ପ୍ରଚାର କରାଯାଉଛି। ଏଥି ସହିତ କୁହାଯାଉଛି ଯେ, ଏପରି କରିବା ଦ୍ୱାରା କେବଳ ମେଟାବୋଲିଜିମ୍ ବୃଦ୍ଧି ହେବ ନାହିଁ, ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧିପାଇବ ଓ ଶରୀର ରୋଗମୁକ୍ତ ରହିବ। ବର୍ତ୍ତମାନ ଏହି ଉପଚାର ଧନୀ ଲୋକଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ତେବେ ଏହି ଚିକିତ୍ସାରେ ପ୍ରଥମେ ସିରିଞ୍ଜ ମାଧ୍ୟମରେ ଶରୀରରୁ ରକ୍ତ ସଂଗ୍ରହ କରାଯାଏ, ପରେ ଏହି ରକ୍ତକୁ ଶୋଧନ କରାଯାଇ ଏହାକୁ ପୁନଃ ଇଞ୍ଜେକସନ୍ ମାଧ୍ୟମରେ ଶରୀରରେ ପ୍ରବେଶ କରାଯାଏ। ଏପରି କରିବା ଦ୍ୱାରା ଗାଢ଼ ରକ୍ତର ରଙ୍ଗ, ଚମକଯୁକ୍ତ ନାଲି ରଙ୍ଗରେ ପରିବର୍ତ୍ତନ ହୋଇଥାଏ। ଯାହାକୁ ଉନ୍ନତ ସ୍ୱାସ୍ଥ୍ୟର ସଂକେତ ଭାବେ ବିବେଚନା କରାଯାଏ। ଅନ୍ୟପକ୍ଷରେ ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଏହି ଚିକିତ୍ସା ସୁରକ୍ଷିତ କି ନାହିଁ ତାହା ସନ୍ଦେହଜନକ। ଏପରି କରିବା ଦ୍ୱାରା ମଣିଷ ଦୀର୍ଘାୟୁ ହେବ ବୋଲି ଯେଉଁ କୁହାଯାଉଛି, ତା'ର କୌଣସି ବୈଜ୍ଞାନିକ ପ୍ରମାଣ ମିଳିନାହିଁ।





# ୧୬ ବର୍ଷ ପରେ ଏକାଠି ଦିଶିବେ ଦର୍ଶିଲ୍-ଅମିର୍

ମିଷ୍ଟର୍ ପରଫେକ୍ଟନିଷ୍ଟ ଭାବେ ପରିଚିତ ବଲିଉଡ୍ ଅଭିନେତା ଅମିର୍ ଖାନ୍ ଗୋଟିଏ ଚଳଚ୍ଚିତ୍ର ନିର୍ମାଣ ପାଇଁ ବହୁତ ସମୟ ନେଇଥାନ୍ତି। ଅମିର୍‌ଙ୍କୁ ଶେଷ ଥର ପାଇଁ 'ଲାଲ ସିଂ ଚଡ୍ଡା' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ଫ୍ଲପ୍ ହେବା ପରେ ଅମିର୍ କିଛି ଦିନ ପାଇଁ ବଡ଼ ପରଦାରୁ ବ୍ରେକ୍ ନେଇଥିଲେ। ଏବେ ପୁଣି ଥରେ ସେ ପରଦାକୁ ଫେରିବା ପାଇଁ ଯୋଜନା କରୁଛନ୍ତି। ଅମିର୍‌ଙ୍କ ହାତରେ ଏବେ ଅନେକଗୁଡ଼ିଏ ପ୍ରୋଜେକ୍ଟ ଅଛି। ତନ୍ମଧ୍ୟରୁ କେତୋଟିରେ ସେ ନିଜେ ଅଭିନୟ କରିବେ ଓ ଅନ୍ୟ କେତେକରେ ସେ ପ୍ରଯୋଜକ ହେବେ। ଇତିମଧ୍ୟରେ ଅମିର୍‌ଙ୍କୁ ନେଇ ଏକ ଖବର ଆସିଛି। ୨୦୦୭ ରେ ଅମିର୍ ଓ ଦର୍ଶିଲ୍ ସଫାରିଙ୍କ ଫିଲ୍ମ 'ତାରେ ଜମିନ୍ ପର'କୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଗତ ବର୍ଷ ଅମିର୍ ଏହାର ସିକ୍ୱେଲ ସମ୍ପର୍କରେ ଘୋଷଣା କରିଥିଲେ। ନିକଟରେ ଦର୍ଶିଲ୍, ଅମିର୍‌ଙ୍କ ସହ ଏକ ଫଟୋ ସେୟାର୍ କରିଛନ୍ତି। ଫଟୋର ଉପରପାର୍ଶ୍ୱ 'ତାରେ ଜମିନ୍ ପର୍' ଫିଲ୍ମର ହୋଇଥିବାବେଳେ ତଳ ପାର୍ଶ୍ୱରେ ଦର୍ଶିଲ୍ ଜଣେ ଯୁବକ ଓ ଅମିର୍ ଜଣେ ବୁଢ଼ା ଲୋକ ଭାବେ ଦେଖାଯାଇଛନ୍ତି। ଏଥିରୁ ପୁଣି ଥରେ ଦର୍ଶିଲ୍ ଓ ଅମିର୍ ଏକାଠି ଆସିବେ ବୋଲି ଚର୍ଚ୍ଚା ହେଉଛି। ଦର୍ଶିଲ୍ ଏହି ଫଟୋରେ କ୍ୟାପସନ୍ ଦେଇ ଲେଖିଥିଲେ ଯେ, ୧୬ ବର୍ଷ ପରେ ପୁଣି ଆମେ ଏକାଠି ଆସୁଛୁ। କିଛିଦିନ ତଳେ ଅମିର୍ 'ସିତାରେ ଜମିନ୍ ପର'ରେ ସେ ଅଭିନୟ ଦୁନିଆକୁ ଫେରିବେ ବୋଲି ଘୋଷଣା କରିଥିଲେ। ଏହା 'ତାରେ ଜମିନ୍ ପର୍'ର ସିକ୍ୱେଲ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଉଧାର ଧନ ଫେରି ପାଇବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଅଭିଭାବକ ଚିନ୍ତାରେ ରହିବେ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ। ବ୍ୟବସାୟରେ ଲାଭ ମିଳିବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ। ହଠାତ୍ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ପଡ଼ିପାରେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ସମାଜରେ ମାନ ସମ୍ମାନ ପ୍ରତିଷ୍ଠା ବଢ଼ିବ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଘରକୁ ଅତିଥିଙ୍କ ଆଗମନ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ମନ୍ଦିରରେ ଦାନ କରନ୍ତୁ। ଅନ୍ୟମାନଙ୍କୁ ବ୍ୟକ୍ତିଗତ କଥା କହି ହଇରାଣରେ ପଡ଼ିପାରନ୍ତି।

ଦୂରାନ୍ତର ଶିକ୍ଷା

# ଆମେରିକାରେ ପଢ଼ିବାକୁ ଚାହୁଁଥିଲେ

## କେମିତି କରିବେ ଷ୍ଟୁଡେଣ୍ଟ ଭିସା



ଭାରତର ବହୁ ଛାତ୍ରଛାତ୍ରୀ ବିଦେଶରେ ପଢ଼ିବା ପାଇଁ ଇଚ୍ଛା ରଖନ୍ତି। ସେଥିପାଇଁ ସେମାନେ ଜର୍ମାନୀ, କାନାଡ଼ା, ଅଷ୍ଟ୍ରେଲିଆ, ଋଷ, ୟୁକ୍ରେନ ତଥା ଅନ୍ୟ ଦେଶକୁ ଯିବାକୁ ଚାହାନ୍ତି। ବିଶେଷକରି ଆମେରିକାରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ସେମାନେ ଅଧିକ ପସନ୍ଦ କରିଥାନ୍ତି। ତେବେ ଅନେକ ମେଧାବୀ ଛାତ୍ର ଇଚ୍ଛା କରି ବି ଆମେରିକାରେ ପାଠ ପଢ଼ି ପାରନ୍ତି ନାହିଁ। କାରଣ ଉଚ୍ଚ ଶିକ୍ଷା ପାଇଁ ଭିସା ବାଧକ ସାଜିଥାଏ। ସବୁଠୁ ବଡ଼ କଥା ହେଉଛି ଛାତ୍ରଛାତ୍ରୀମାନଙ୍କର ଷ୍ଟୁଡେଣ୍ଟ ଭିସା ବିଷୟରେ ଏତେଟା ଧାରଣା ନ ଥାଏ। ଆମେରିକାରେ ପଢ଼ିବା ପାଇଁ ଆପଣଙ୍କୁ କେଉଁ ଭିସା ଦରକାର, କେତେ ପ୍ରକାର ଭିସା ଅଛି, ସେଠାକୁ ଯିବା ପାଇଁ କେଉଁ ସବୁ ଦସ୍ତାବିଜ ଆବଶ୍ୟକ, ତାହାକୁ ନେଇ ଏ ପ୍ରସ୍ତୁତି...

**ଆମେରିକାରେ ପାଠପଢ଼ା ପଦ୍ଧତି:** ଆମେରିକାରେ ଉଚ୍ଚ ଶିକ୍ଷାକୁ ୪ଟି ଶ୍ରେଣୀରେ ଭାଗ କରାଯାଇଥାଏ। ଏହି ବିଭାଗଗୁଡ଼ିକ ଏଏ, ଏଏସ୍, ଏଏଏସ୍, ବ୍ୟାଚଲର୍ସ,ମାଷ୍ଟର୍ସ ଓ ପି.ଏଚ୍.ଡି ଭାବରେ ଜଣାଯାଇଥାଏ। ପ୍ରାୟ ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ିବା ପାଇଁ ୨୦-୩୦ କ୍ରେଡିଟ୍ ଓ ସ୍ନାତକୋତ୍ତର ପାଇଁ ୩୦- ୬୪ କ୍ରେଡିଟ୍ ଥିବା ଦରକାର।

ଆମେରିକାରେ ବିଦେଶରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ୩ ପ୍ରକାର ଷ୍ଟୁଡେଣ୍ଟ ଭିସା ଥାଏ। ଯାହା ଆଧାରରେ ସେଠାରେ ଛାତ୍ରଛାତ୍ରୀଙ୍କୁ ଇଣ୍ଟରନ୍ୟାସନାଲ୍ ଷ୍ଟୁଡେଣ୍ଟ ହେଲଥ୍ ଇନ୍‌ସ୍ୟୁରାନ୍ସ ପାଇଁ ମଧ୍ୟ ଆବେଦନ କରିବା ପାଇଁ କୁହାଯାଇଥାଏ।

**ଏଫ୍ -୧:** ଏକାଡେମିକ୍ ପାଠ୍ୟକ୍ରମ ପାଇଁ ଏଫ୍ -୧ ଭିସା ମିଳିଥାଏ।

**ଜେ-୧:** ଏହା ସେହି ବିଷୟ ପାଇଁ ଛାତ୍ରଛାତ୍ରୀଙ୍କୁ ଦରକାର ପଡ଼େ, ଯେଉଁ ସବୁ ବିଷୟରେ ପ୍ରାକ୍ଟିକାଲ୍ ଟ୍ରେନିଂ ବ୍ୟବସ୍ଥା ଥାଏ।

**ଏମ୍-୧:** ପ୍ରଫେସନାଲ୍ କୋର୍ସରେ ପାଠ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ଏହି ଭିସାର ଆବଶ୍ୟକତା ରହିଛି।

### କେଉଁ ସବୁ ପ୍ରମାଣପତ୍ର ଦରକାର

ସେମିଷ୍ଟାର୍ ପାଇଁ ନାମାଙ୍କନ ଭରିବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଖରେ ସମସ୍ତ ପ୍ରକାର ଆବଶ୍ୟକ ପ୍ରମାଣପତ୍ର ଥିବା ନିହାତି ଦରକାର। ସେଥିପ୍ରତି ବିଶେଷ ସତର୍କ ହେବା ଉଚିତ। ପାସ୍‌ପୋର୍ଟ, ଭିସା, ସମସ୍ତ ଜରୁରି ପ୍ରମାଣପତ୍ରର ନକଲ ସହ ଫଟୋକପି, ଆଇ-୨୦ ଫର୍ମ, ହାଇସ୍କୁଲ ମାର୍କସିଟ୍, ଡିଗ୍ରୀ ସାର୍ଟିଫିକେଟ୍, ଇଂଲିସ୍ ଲାଙ୍ଗୁଏଜ୍ ପ୍ରୋଫିଏନ୍‌ସି ଟେଷ୍ଟ ସ୍କୋର୍, ୟୁନିଭର୍ସିଟି ଆଡମିଶନ୍ ଲେଟର୍, ଫ୍ଲାଇଟ୍ ଟିକେଟ୍, ମେଡିକାଲ୍ ରେକର୍ଡ, ସ୍ୱାସ୍ଥ୍ୟ ବୀମା ଇତ୍ୟାଦି ଆମେରିକାରେ ରହି ସେମାନଙ୍କୁ ପଢ଼ିବାର ସୁଯୋଗ ଦେବ।

ଷ୍ଟୁଡେଣ୍ଟ ଭିସା ପାଇବାର ପ୍ରକ୍ରିୟା ବିଳମ୍ବ ହୋଇଥାଏ। ତେଣୁ କୋର୍ସ ଆରମ୍ଭର ୪/୫ ମାସ ପୂର୍ବରୁ ଆବେଦନ କରିବା ଆବଶ୍ୟକ।

# ବିନାନୁମତିରେ ହ୍ୱାଟସ୍‌ଅପ୍‌ରେ ନେଇ ହେବନି ସ୍କ୍ରିନ୍‌ସଟ୍




ହ୍ୱାଟସଅପ୍ ନିଜର ୟୁଜର୍ସଙ୍କ ଅନୁଭବକୁ ଅଧିକ ସୁବିଧାଜନକ କରିବା ପାଇଁ ନିୟମିତ ଭାବରେ କାମ କରି ଆସୁଛି। ତା'ସହ ସେ ନୂଆ ନୂଆ ପ୍ରାଇଭେସି ଫିଚର୍ସ ଆଣିଥାଏ ୟୁଜର୍ସଙ୍କ ପାଇଁ। ମେଟାର ଅଧୀନରେ ଥିବା ହ୍ୱାଟସଅପ୍ ବର୍ତ୍ତମାନ ବ୍ୟବହାରକାରୀଙ୍କ ପ୍ରୋଫାଇଲ୍ ଫଟୋର ସ୍କ୍ରିନ୍‌ସଟ୍ ନେବାର ସୁବିଧାକୁ ବନ୍ଦ କରିବା ପାଇଁ କାର୍ଯ୍ୟ କରୁଛି। ରିପୋର୍ଟ ଅନୁସାରେ, ହ୍ୱାଟସଅପ୍ ଆଣ୍ଡ୍ରଏଡ୍ ବିଟା ଟେଷ୍ଟର୍ସ ପାଇଁ ପ୍ରୋଫାଇଲ୍ ଫଟୋର ସ୍କ୍ରିନ୍‌ସଟ୍ ନେବା ସୁବିଧାକୁ ବନ୍ଦ କରିବାର ଅପସନ୍ ଦେଇଛି। ଏହି ନୂଆ ଫିଚର୍ ବର୍ତ୍ତମାନ କେତେକ ଆଣ୍ଡ୍ରଏଡ୍ ଫୋନ୍ ୟୁଜର୍ସଙ୍କ ପାଇଁ ଉପଲବ୍ଧ କରାଇଛି। ଏହାକୁ ଅପଡେଟ୍ ଭର୍ସନ ମାଧ୍ୟମରେ ବ୍ୟବହାରକାରୀ ଇନ୍‌ଷ୍ଟଲ୍ କରି ପାଇପାରିବେ। ଯଦି କୌଣସି ବ୍ୟବହାରକାରୀ ପ୍ରୋଫାଇଲ୍ ଫଟୋର ସ୍କ୍ରିନ୍‌ସଟ୍ ନେବାର ପ୍ରୟାସ କରେ, ତେବେ ତାଙ୍କ ପାଖକୁ ଗୋଟିଏ ନୋଟିଫିକେସନ୍ ଆସିବ। ଫଳରେ ଜଣଙ୍କ ଗୋପନୀୟତାକୁ ଏହା ଆହୁରି ସୁରକ୍ଷିତ କରିପାରିବ। ତା'ସହ ଜଣଙ୍କ ବିନାନୁମତିରେ ତାଙ୍କ ଗୋପନୀୟତା ଆଉ କାହା ସହ ସେୟାର୍ ହୋଇ ପାରିବ ନାହିଁ। ଏହା ସହିତ ହ୍ୱାଟସଅପ୍‌ର କମ୍ପାନି ମେଟା, ହ୍ୱାଟସଅପ୍ ପାଇଁ ଗୋଟିଏ ସ୍ୱତନ୍ତ୍ର ହେଲପ୍‌ଲାଇନ୍‌ର ମଧ୍ୟ ଶୁଭାରମ୍ଭ କରିବ। ଯାହାର ମୂଳ ଉଦ୍ଦେଶ୍ୟ ରହିଛି ଡିଫେକ୍ ସମସ୍ୟା ସହ ଲଢ଼ିବା। ଡିଫେକ୍ କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରି ତିଆରି କରାଯାଇଥିବା ଫଟୋ କିମ୍ବା ଭିଡିଓ ଅଟେ। ଯାହା ମାଧ୍ୟମରେ ଲୋକଙ୍କୁ ଭ୍ରମିତ କରାଯାଏ। ହ୍ୱାଟସ୍‌ଅପ୍ ଏହି ହେଲପ୍‌ଲାଇନ୍ ଚଳିତ ମାସରୁ ଆରମ୍ଭ କରିବ। ଫଳରେ ହେଲପ୍‌ଲାଇନ୍‌ର ବ୍ୟବହାର କରି ୟୁଜର୍ସ ମିଛ ଖବରରୁ ନିଜକୁ ସୁରକ୍ଷିତ ରଖି ପାରିବେ।

# ସମ୍ଭାବନା



ବୃତ୍ତିଗତ ଶିକ୍ଷା

# କାର୍ପେଟ୍ ଡିଜାଇନିଂ

**ସମୟ ସହ କାର୍ପେଟ୍ ଡିଜାଇନିଂର କାମ ବଢ଼ିଚାଲିଛି। ପରିବର୍ତ୍ତିତ ସମୟ ସହ କାର୍ପେଟ୍ ଡିଜାଇନିଂର ବୈଷୟିକ ଜ୍ଞାନକୌଶଳରେ ମଧ୍ୟ ପରିବର୍ତ୍ତନ ହେଉଛି। ଯେଉଁ କାମ ବିଗତ ଦିନଗୁଡ଼ିକରେ ହାତରେ ହୋଇ ପାରୁଥିଲା, ତାହାର ଡିଜାଇନ୍ ବର୍ତ୍ତମାନ କମ୍ପ୍ୟୁଟର ମାଧ୍ୟମରେ ସହଜରେ ହୋଇପାରୁଛି। କାର୍ପେଟ୍ ଆର୍ଟ ପ୍ରତି ଲୋକଙ୍କ ଚାହିଦା ବଢ଼ିଛି। ଅନ୍ୟ ପକ୍ଷରେ କାର୍ପେଟ୍ ଇଣ୍ଡଷ୍ଟ୍ରୀର ଲଗାତାର ଅଭିବୃଦ୍ଧି ହିଁ ଏଥିରେ ଯୁବପିଢ଼ିଙ୍କୁ କ୍ୟାରିୟର କରିବାକୁ ଅଧିକ ସୁଯୋଗ ଯୋଗାଇ ପାରିବ। ଯୁବକଯୁବତୀ କାର୍ପେଟ୍ ଡିଜାଇନିଂକୁ ମଧ୍ୟ କ୍ୟାରିୟର କରି ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରିବେ।**







### କାର୍ପେଟ୍ ଟେକ୍ନୋଲୋଜି କ'ଣ

କାର୍ପେଟ୍ ଟେକ୍ନୋଲୋଜି ଉଭୟ କଳା ଓ ବିଜ୍ଞାନର ସୁନ୍ଦର ସମ୍ମିଶ୍ରଣ। ଯାହା ଯୁବପିଢ଼ି ପାଇଁ ଏବେ ଉନ୍ନତମାନର କ୍ୟାରିୟର ବିକଳ୍ପ ଅଟେ। କଳାକୁ ଭଲ ପାଉଥିବା ଲୋକେ ଫ୍ଲୋର କଭରିଂ ପାଇଁ କାର୍ପେଟ୍‌ର ବ୍ୟବହାର କରିଥାଆନ୍ତି। ଆକର୍ଷଣୀୟ କାର୍ପେଟ୍ ବନେଇବା ପାଇଁ ଡିଜାଇନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥାଏ। କାର୍ପେଟ୍ ଟେକ୍ନୋଲୋଜି କୋର୍ସ କରୁଥିବା ଆଶାୟୀଙ୍କୁ ଏଥିରେ ଥିବା ଭିନ୍ନ ଭିନ୍ନ ଜ୍ଞାନକୌଶଳ ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଭାବରେ ପ୍ରଶିକ୍ଷଣ ଦିଆଯାଏ।

### ଶିକ୍ଷାଗତ ଯୋଗ୍ୟତା

କାର୍ପେଟ୍ ଟେକ୍ନୋଲୋଜିରେ ସ୍ନାତକ କରିବା ପାଇଁ ଆଶାୟୀଙ୍କୁ ଯୁକ୍ତ ୨ ଶ୍ରେଣୀରେ ୫୦ ପ୍ରତିଶତ ନମ୍ବର ରଖି ପାସ୍ ହୋଇଥିବା ଅନିବାର୍ଯ୍ୟ। ଏହାସହିତ ଟେକ୍ସଟାଇଲ୍ ଇଞ୍ଜିନିୟରିଂ ବା ଟେକ୍ସଟାଇଲ୍ କେମେଷ୍ଟ୍ରି କ୍ଷେତ୍ରରେ ଡିପ୍ଲୋମା ଡିଗ୍ରୀ ଆଧାରରେ ପ୍ରବେଶ ନେଇପାରିବେ। କେତେକ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା ମାଧ୍ୟମରେ ଆଡମିଶନ୍ ଦେଇଥାନ୍ତି। ସ୍ନାତକୋତ୍ତର କୋର୍ସ ପାଇଁ ଇଞ୍ଜିନିୟରିଂର କୌଣସି ବି କ୍ଷେତ୍ରରେ ୫୫ ପ୍ରତିଶତ ନମ୍ବର ସହ ବି.ଟେକ୍ ଡିଗ୍ରୀ ଆବଶ୍ୟକ। 'ଗେଟ୍' ପରୀକ୍ଷାର ମାର୍କ ଆଧାରରେ ଆଶାୟୀଙ୍କୁ ମଧ୍ୟ ପ୍ରବେଶ ମିଳିଥାଏ।

### ନିଯୁକ୍ତି ସୁଯୋଗ

ଏ କ୍ଷେତ୍ରରେ ଚାକିରିର ଅନେକ ସୁଯୋଗ ରହିଛି। ଏହି ଇଣ୍ଡଷ୍ଟ୍ରୀ ସହ ସଂପୃକ୍ତ ଅନେକଗୁଡ଼ିଏ କମ୍ପାନିରେ ପ୍ରୋସେସ୍ ଇଞ୍ଜିନିୟର୍, ଟେକ୍ସଟାଇଲ୍ ଇଞ୍ଜିନିୟର୍, କ୍ୱାଲିଟି କଣ୍ଟ୍ରୋଲ୍ ସୁପରଭାଇଜର୍, ଫେବ୍ରିକ୍ ଡେଭଲପ୍‌ମେଣ୍ଟ ଏକ୍‌ଜିକ୍ୟୁଟିଭ୍, ମେଡିକାଲ୍ ଟେକ୍ସଟାଇଲ୍ ଇଞ୍ଜିନିୟର୍, ଟେକ୍ସଟାଇଲ୍ ମଶିନାରୀ ଟେକ୍ନିସିଆନ୍ ତଥା ଟେକ୍ସଟାଇଲ୍ ଡିଜାଇନ୍‌ର ଆଦି ପଦରେ ଚାକିରି କରିପାରିବେ। ଜୁନିୟର ଡିଜାଇନର୍ ଭାବରେ କାମ କଲାପରେ ପରବର୍ତ୍ତୀ ସମୟରେ ସିନିୟର୍ ଡିଜାଇନର୍ ଭାବରେ ମଧ୍ୟ ଏଥିରେ ନିଯୁକ୍ତି ପାଇପାରିବେ।

### ରୋଜଗାର

କାର୍ପେଟ୍ ଡିଜାଇନିଂରେ ପଦ ଓ ଯୋଗ୍ୟତା ଆଧାରରେ ଆଶାୟୀଙ୍କୁ ପ୍ରଥମରୁ ବାର୍ଷିକ ୨.୫ ଲକ୍ଷରୁ ୩.୫ ଲକ୍ଷ ପର୍ଯ୍ୟନ୍ତ ବେତନ ଦିଆଯାଇଥାଏ। ପ୍ରୋସେସ୍ ଇଞ୍ଜିନିୟର୍‌ଙ୍କୁ ୪.୫ ଲକ୍ଷ ଟଙ୍କା, କ୍ୱାଲିଟି କଣ୍ଟ୍ରୋଲ୍ ସୁପରଭାଇଜର୍‌ଙ୍କୁ ୩ ଲକ୍ଷ ଟଙ୍କା, କାର୍ପେଟ୍ ଆଣ୍ଡ ଟେକ୍ସଟାଇଲ୍ ଇଞ୍ଜିନିୟର୍‌ଙ୍କୁ ୫ ଲକ୍ଷରୁ ୧୨ ଲକ୍ଷ ଟଙ୍କାର ପାରିଶ୍ରମିକ ମିଳିଥାଏ। ଏହି କ୍ଷେତ୍ରରେ କାର୍ପେଟ୍ ଟେକ୍ନିସିଆନ୍‌ଙ୍କୁ ୪ ରୁ ୬ ଲକ୍ଷ ଟଙ୍କାର ପ୍ୟାକେଜ୍ ମିଳିଥାଏ। ସପ୍ତାହରେ ୩୭ରୁ ୪୦ ଘଣ୍ଟା କାମ କରିବାକୁ ପଡ଼ିଥାଏ। ତେବେ ଅର୍ଡର ପୂରା କରିବା ପାଇଁ ବେଳେବେଳେ ଏହାଠୁ ବି ଅଧିକ ସମୟ କାମ କରିବାକୁ ପଡ଼ିଥାଏ।

### ଆବଶ୍ୟକ ଦକ୍ଷତା

ଜଣେ ଏହି କ୍ଷେତ୍ରରେ କ୍ୟାରିୟର୍ କରିବାକୁ ଚାହୁଁଥିଲେ, କମ୍ପ୍ୟୁଟର, ଆର୍ଟ ସହ ରଙ୍ଗ ଉପରେ ବିଶେଷ ଜ୍ଞାନ ରଖିଥିବା ଦରକାର। ସମୟାନୁବର୍ତ୍ତୀ ହୋଇ କାମ କରିବା ସହ ଜଣେ ଡିଜାଇନ୍ ଓ ଅପଡେଟ୍ ଟ୍ରେଣ୍ଡକୁ ବି ଗୁରୁତ୍ୱ ଦେଉଥିବା ଆବଶ୍ୟକ।

### ପ୍ରମୁଖ ସଂସ୍ଥାନ

- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ପେଟ୍ ଟେକ୍ନୋଲୋଜି, ଭଦୋହୀ, ଉତ୍ତରପ୍ରଦେଶ
- ଲଳିତ କଳା ଇନ୍‌ଷ୍ଟିଚ୍ୟୁଟ୍, ଜବଲପୁର, ମଧ୍ୟପ୍ରଦେଶ
- କଲେଜ ଅଫ୍ ଆଟର୍ସ ଆଣ୍ଡ କ୍ରାଫ୍ଟ, ଉତ୍ତର ପ୍ରଦେଶ

## ରଣଜୀ ଟ୍ରଫି ଫାଇନାଲ

# ବିଦର୍ଭର ବିଜୟ ଲକ୍ଷ୍ୟ ୫୩୮



**ମୁମ୍ବାଇ,୧୨ ।୩(ଏଜେନ୍ସି)**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି । ପ୍ରଥମ ପାଳିରେ ୧୧୯ ରନର ଅଗ୍ରଣୀ ହାସଲ କରିଥିବା ମୁମ୍ବାଇ ଦ୍ୱିତୀୟ ପାଳିରେ ୧୩୦.୨ ଓଭରରେ ୪୧୮ ରନକରି ଅଲଆଉଟ ହୋଇଛି । ଫଳରେ ବିଦର୍ଭ ସମ୍ମୁଖରେ ୫୩୮ ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିସହ ମୁମ୍ବାଇ ତା'ର ସ୍ଥିତିକୁ ଆହୁରି ଦୃଢ କରିଛି । ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ବିଦର୍ଭ ମଙ୍ଗଳବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଦୁଇ ଓଭରରେ ବିନାକ୍ଷତିରେ ୧୦ ରନ ସଂଗ୍ରହ କରିଛି । ମ୍ୟାଚ୍ ଆଉ ଦୁଇଦିନ ବାକିଥିବା ବେଳେ ବିଦର୍ଭ ୧୦ ୱିକେଟ ବାକିଥାଇ ଆଉ ୫୨୮ ରନ ଆବଶ୍ୟକ କରୁଛି । ଷ୍ଟମ୍ପ ଅବସାରଣ ବେଳକୁ ଦୁଇ ଓପନର ଅଥର୍ବ ତାଇଡେ ୩ ଓ ଧ୍ରୁବ ସୋରେ ୭ ରନକରି ଅପରାଜିତ ରହିଛନ୍ତି ।

### ହର୍ଷ ଦୁବେଙ୍କୁ ୫ ୱିକେଟ: ମୁସିର ଖାନଙ୍କ ଶତକ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୪୧/୨ରୁ ଖେଳ ଆରମ୍ଭ କରି ମୁମ୍ବାଇ ତୃତୀୟ ଦିବସରେ ଅଲଆଉଟ ହୋଇଥିଲା । ଅପରାଜିତ ଥିବା ଦୁଇ ବ୍ୟାଟର ମୁସିର ଖାନ୍ ୫୧ରୁ ଖେଳ ଆରମ୍ଭ କରି ୧୩୬ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ । ସେହିପରି ୫୮ରୁ ଖେଳ ଆରମ୍ଭ କରି ଅଧିନାୟକ ଆଜିଙ୍କ୍ୟ ରାହାଣେ ୭୩ ରନକରି ଆଉଟ ହୋଇଥିଲେ । ତାରକା ବ୍ୟାଟର ଶ୍ରେୟସ ଆୟର ୯୫ରନର ପାଳି ଖେଳି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ । ଶାମ୍ସ ମୁଲାନୀ ୫୦ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ନିମ୍ନକ୍ରମର ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ । ବୋଲିଂରେ ବିଦର୍ଭ ତରଫରୁ ହର୍ଷ ଦୁବେ ସର୍ବାଧିକ ୫, ୟଶ ଠାକୁର ୩, ଆଦିତ୍ୟ ଠାକରେ ଓ ଅମନ ମୋଖାଡେ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ପୂର୍ବରୁ ଟସ୍ ହାରି ମୁମ୍ବାଇ ପ୍ରଥମ ପାଳିରେ ୬୪.୩ ଓଭରରେ ୨୨୪ ରନକରି ଅଲଆଉଟ ହୋଇଥିଲା । ଜବାବରେ ବିଦର୍ଭ ପ୍ରଥମ ପାଳିରେ ୪୫.୩ ଓଭରରେ ୧୦୫ ରନକରି ଅଲଆଉଟ ହେବା ସହ ପଛରେ ପଡିଥିଲା । ମ୍ୟାଚ୍ ଅମୀମାଂସିତ ରହିଲେ ମୁମ୍ବାଇ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ବିଜୟୀ ହୋଇ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିବ ।

## ସଚିନଙ୍କ ରେକର୍ଡ ଭାଙ୍ଗିଲେ ମୁସିର

୧୯ ବର୍ଷରୁ କମ୍ ବିଶ୍ୱକପ୍ ତାରକା ମୁସିର ଖାନ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି । ସେ ମୁମ୍ବାଇର ସର୍ବକନିଷ୍ଠ ବ୍ୟାଟର ଭାବେ ରଣଜୀ ଫାଇନାଲରେ ଶତକ ହାସଲ କରିଛନ୍ତି । ଏହି କ୍ରମରେ ସେ ସଚିନଙ୍କୁ ପଛରେ ପକାଇଛନ୍ତି । ସଚିନ ୨୧ ବର୍ଷରେ ଏହି ସଫଳତା ପାଇଥିବା ବେଳେ ମୁସିର ୧୯ ବର୍ଷ ୧୪ ଦିନ ବୟସରେ ରଣଜୀ ଫାଇନାଲରେ ଶତକ ଅର୍ଜନ କରିଛନ୍ତି । ଦ୍ୱିତୀୟ ପାଳିରେ ମୁସିର ୩୨୬ ବଲର ସମ୍ମୁଖୀନ ହୋଇ ୧୦ ଚୌକା ସହ ୧୩୬ ରନର ଶତକୀୟ ପାଳି ଖେଳିଥିଲେ । ସଚିନ ୧୯୯୪-୯୫ ରଣଜୀ ଫାଇନାଲରେ ପଞ୍ଜାବ ବିପକ୍ଷରେ ୧୪୦ ରନର ଶତକୀୟ ପାଳି ଖେଳି ସେତେବେଳେ ସର୍ବକନିଷ୍ଠ ସାବ୍ୟସ୍ତ ହୋଇଥିଲେ । ମୁସିର ହେଉଛନ୍ତି ଟେଷ୍ଟ ଖେଳାଳି ସର୍ଫରାଜ ଖାନ୍‌ଙ୍କ ସାନ ଭାଇ । ମୁମ୍ବାଇ ପାଇଁ ମୁସିର ଏଥର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ସେ କ୍ୱାର୍ଟର ଫାଇନାଲରେ ଦ୍ୱିଶତକ ହାସଲ କରିଥିବା ବେଳେ ସେମିଫାଇନାଲରେ ଅର୍ଦ୍ଧଶତକ ଓ ଫାଇନାଲରେ ଶତକ ଅର୍ଜନ କରିଛନ୍ତି । ବରୋଦା ବିପକ୍ଷ କ୍ୱାର୍ଟର ଫାଇନାଲରେ ସେ ପ୍ରଥମ ପାଳିରେ ୨୦୪ ରନର ଦ୍ୱିଶତକୀୟ ପାଳି ଖେଳିଥିଲେ । ଯାହାଫଳରେ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ମୁମ୍ବାଇ ବିଜୟୀ ହୋଇଥିଲା । ସେହିପରି ସେ ତାମିଲନାଡୁ ବିପକ୍ଷ ସେମି ଫାଇନାଲରେ ପ୍ରଥମ ପାଳିରେ ୫୫ ରନ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ।



### ରୋହିତ, ସଚିନ, ଗାଭାସ୍କର ଦେଖିଲେ ମ୍ୟାଚ୍

ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଦେଖିବାକୁ ତୃତୀୟ ଦିବସରେ ଏକାଧିକ ତାରକା ୱାଙ୍ଖେଡେ ଷ୍ଟାଡିୟମରେ ଉପସ୍ଥିତ ଥିଲେ । ମୁମ୍ବାଇରେ ରହୁଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ମୁମ୍ବାଇ ଅଭିଜ୍ଞ ଦ୍ରୁତ ବୋଲର ଧବଲ କୁଲକର୍ଣ୍ଣୀଙ୍କ ସହ ଡ୍ରେସିଂ ରୁମ୍‌ରେ ଦେଖିବାକୁ ମିଳିଥିଲା । ସେହିପରି ସୋମବାର ଦ୍ୱିତୀୟ ଦିବସରେ କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର, ପୂର୍ବତନ ମହିଳା କ୍ରିକେଟର ଡାଏନା ଇଦୁଲଜୀ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚ୍ ଦେଖିଥିଲେ । ମଙ୍ଗଳବାର କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ପୂର୍ବତନ ଅଧିନାୟକ ତଥା ମୁଖ୍ୟ ଚୟନକର୍ତ୍ତା ଦିଲୀପ ଭେଙ୍ଗସରକାର, କୋଲକାତା ନାଇଟ ରାଇଡର୍ସ ମୁଖ୍ୟ ପ୍ରଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡିତ ମ୍ୟାଚ୍ ଉପଭୋଗ କରିଥିଲେ ।

## ଜୟସ୍ୱାଲ ଫେବୃଆରୀର ଶ୍ରେଷ୍ଠ କ୍ରିକେଟର



**ଦୁବାଇ,୧୨ ।୩(ଏଜେନ୍ସି)**

ଭାରତୀୟ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ ଅର୍ଥାତ ଫେବୃଆରୀ ମାସର ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଛନ୍ତି । ମହିଳା ବର୍ଗରେ ଅଷ୍ଟ୍ରେଲୀୟ ତାରକା ଅଲରାଉଣ୍ଡର ଆନାବେଲ ସଦରଲାଣ୍ଡ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟର କେନ୍ ୱିଲିୟମସନ ଓ ଶ୍ରୀଲଙ୍କା ଓପନର ପାଥୁମ ନିଶାଙ୍କାଙ୍କୁ ପଛରେ ପକାଇ ଜୟସ୍ୱାଲ ଏହି ପୁରସ୍କାର ହାସଲ କରିଛନ୍ତି । ମଙ୍ଗଳବାର ଆଇସିସି ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିଛି । ଗତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଜୟସ୍ୱାଲ ଦୁଇଟି ଦ୍ୱିଶତକ ହାସଲ କରିବାସହ ୫ଟି ଯାକ ମ୍ୟାଚ୍ ଖେଳି ମୋଟ୍ ୭୧୨ ରନ ସଂଗ୍ରହ କରିଥିଲେ । ସେ ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ଦ୍ୱିଶତକ ଅର୍ଜନ କରିଥିଲେ । ସେ ଦ୍ୱିତୀୟ ଟେଷ୍ଟର ପ୍ରଥମ ପାଳିରେ ୨୦୯ ଓ ତୃତୀୟ ଟେଷ୍ଟର ଦ୍ୱିତୀୟ ପାଳିରେ ୨୧୪ ରନ ସଂଗ୍ରହ କରି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଚଳିତ ଆଇସିସି ଟେଷ୍ଟ ଚାମ୍ପିଅନସିପ୍‌ରେ ସେ ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଛନ୍ତି । ୯ଟି ମ୍ୟାଚ୍ ଖେଳି ସେ ୧,୦୦୦ ରନ ପୂରଣ କରିଛନ୍ତି । ସବୁଠାରୁ କମ୍ ମ୍ୟାଚ୍ ଖେଳି ସେ ୧,୦୦୦ ରନ ପୂରଣ କରିବାରେ ପ୍ରଥମ ଭାରତୀୟ ବ୍ୟାଟର ଓ ଏପରି କରିବାରେ ସେ କିମ୍ବଦନ୍ତୀ ଡନ୍ ବ୍ରାଡମ୍ୟାନଙ୍କ ପରେ ବିଶ୍ୱ ଦ୍ୱିତୀୟ ବ୍ୟାଟର ସାବ୍ୟସ୍ତ ହୋଇଛନ୍ତି । ତୃତୀୟ ଟେଷ୍ଟର ଦ୍ୱିତୀୟ ପାଳିରେ ୧୨ଟି ଛକା ମାରି ୨୧୪ ରନ ସଂଗ୍ରହ କରିଥିଲେ । ଗୋଟିଏ ପାଳିରେ ସର୍ବାଧିକ ଛକା ମାରିବାରେ ସେ ପ୍ରଥମ ଭାରତୀୟ ଓ ୱାସିମ ଆକ୍ରମଙ୍କ ରେକର୍ଡର ସମକକ୍ଷ ହୋଇଥିଲେ । ପୁରସ୍କାର ପାଇଥିବାରୁ ସେ ଖୁସି ଜାହିର କରିଛନ୍ତି ।

## ଟି-୨୦ ବିଶ୍ୱକପ୍

# ବାଦ୍ ପଡ଼ିପାରନ୍ତି କୋହଲି



**ନୂଆଦିଲ୍ଲୀ,୧୨ ।୩(ଏଜେନ୍ସି):** ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଆଗାମୀ ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡିପାରନ୍ତି । ମିଳିଥିବା ରିପୋର୍ଟ ମୁତାବକ ଜାତୀୟ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ବିଶ୍ୱକପ୍ ଦଳରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇସାରିଛନ୍ତି । ୩୫ ବର୍ଷୀୟ କୋହଲି ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଭଲ ପ୍ରଦର୍ଶନ କରିପାରିଲେ ତାଙ୍କୁ ଟି-୨୦ ଦଳରେ ରଖିବା ନେଇ ବିଚାର କରାଯାଇପାରେ । ଗତ ଦୁଇମାସ ହେବ ସେ ବିଶ୍ରାମରେ ଅଛନ୍ତି । କୋହଲି ବିଶ୍ୱକପ୍‌ରେ ୧୩୧.୩୦ ଷ୍ଟ୍ରାଇକରେଟ୍‌ରେ ୧୧୪୧ ରନ ସଂଗ୍ରହ କରିଛନ୍ତି । କୋହଲିଙ୍କ ସ୍ଥାନରେ ରିଙ୍କୁ ସିଂ, ସୂର୍ଯ୍ୟକୁମାର ଯାଦବ କିମ୍ବା ଶୁବମାନ ଗିଲଙ୍କ ଭଳି ବ୍ୟାଟରଙ୍କୁ ସ୍ଥାନ ମିଳିପାରେ । ମେ ମାସ ପ୍ରଥମ ସପ୍ତାହରେ ସବୁ ଦଳଗୁଡିକ ଟି-୨୦ ବିଶ୍ୱକପ୍ ପାଇଁ ସମ୍ଭାବ୍ୟ ଦଳୀୟ ତାଲିକା ଆଇସିସିକୁ ପଠାଇବେ । ଏଥର ଟି-୨୦ ବିଶ୍ୱକପ୍ ଆମେରିକା ଓ ୱେଷ୍ଟଇଣ୍ଡିରେ ଆୟୋଜନ ହେବ । ଜୁନ୍ ୨ରୁ ଆରମ୍ଭ ହୋଇ ଏହି ମେଗା ଇଭେଣ୍ଟ ୨୯ ତାରିଖରେ ଶେଷ ହେବ । ବିଶ୍ୱକପ୍‌ରେ ରୋହିତ ଶର୍ମା ଦଳରେ ନେତୃତ୍ୱ ନେବେ । ତେବେ କୋହଲିଙ୍କ ଭୂମିକା ନେଇ କୌଣସି ନିଷ୍ପତ୍ତି ନିଆଯାଇନଥିଲେ ମଧ୍ୟ ସେ ଦଳରୁ ବାଦ୍ ପଡିବା ଯଥେଷ୍ଟ ସମ୍ଭାବନା ରହିଛି । କୋହଲି ଗତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳି ନଥିଲେ । ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏହି ହାଇପ୍ରୋଫାଇଲ ସିରିଜରୁ ଓହରିଯାଇଥିଲେ । ସେ ପୁତ୍ର ସନ୍ତାନର ଜନକ ହେବାର ସୌଭାଗ୍ୟ ଲାଭ କରିଥିଲେ । ଜାନୁଆରୀ ୧୭ରେ ସେ ଆଫଗାନିସ୍ତାନ ବିପକ୍ଷରେ ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ।

## ଅଷ୍ଟ୍ରେଲିଆର ନେତୃତ୍ୱ ନେବେ ମାର୍ଶ



**ମେଲବୋର୍ଣ୍ଣ, ୧୨ ।୩ (ଏଜେନ୍ସି):** ଜୁନ ମାସ ପ୍ରାରମ୍ଭରେ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଆୟୋଜିତ ହେବ । ଏଥିଲାଗି ଅଲ୍‌ରାଉଣ୍ଡର ମିଚେଲ ମାର୍ଶ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେବେ । ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡ୍ରିଉ ମ୍ୟାକ୍‌ଡୋନାଲ୍ଡଙ୍କ ସମେତ ଚୟନ କମିଟିର ଅଧ୍ୟକ୍ଷ ଜର୍ଜ ବେଲୀ ଓ ଟୋନି ଡୋଡେମେଡ୍ ମିଳିତ ଭାବେ ମାର୍ଶଙ୍କ ନାମକୁ ଅଧିନାୟକ ଲାଗି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ନିକଟରେ ସୁପାରିସ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଆରୋନ ଫିଞ୍ଚ ଅବସର ନେବାପରେ ମାର୍ଶ ୨୦୨୩ରେ ୮ ଟି-୨୦ ମ୍ୟାଚରେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେଇଥିଲେ । ସେହିଭଳି ଭାରତ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଯେତେବେଳେ ମାର୍ଶଙ୍କୁ ବିଶ୍ରାମ ଦିଆଯାଇଥିଲା ସେତେବେଳେ ମାଥ୍ୟୁ ୱେଡ୍‌ଙ୍କୁ ଅଧିନାୟକ ଦ । ୟି ତ୍ୱ ମିଳିଥିଲା । ଏବେ କିନ୍ତୁ ଟି-୨୦ ବିଶ୍ୱକପ୍‌ରେ ମାର୍ଶ ଦଳର ନେତୃତ୍ୱ ସମ୍ଭାଳିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇସାରିଛି । ଯାହା ଆନୁଷ୍ଠାନିକ ଭାବେ ଘୋଷଣା ହେବାକୁ ବାକି ରହିଛି । ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଗ୍ରୁପ୍-ବି'ରେ ସ୍ଥାନ ପାଇଛି । ଜୁନ ୫ରେ ଓମାନ ବିପକ୍ଷରେ ଖେଳି ଅଷ୍ଟ୍ରେଲିଆ ଦଳ ଅଭିଯାନ ଆରମ୍ଭ କରିବ । ଏହାପରେ ଇଂଲଣ୍ଡ, ନାମିବ୍ୟା ଓ ସ୍କଟ୍‌ଲାଣ୍ଡ ସହ ଯଥାକ୍ରମେ ଜୁନ ୮, ୧୧ ଓ ୧୫ରେ ଖେଳିବାର କାର୍ଯ୍ୟସୂଚୀ ରହିଛି ।

## 'କୀର୍ତ୍ତି' ପ୍ରତିଭା ଅନ୍ୱେଷଣରେ ସହାୟ ହେବ: ଅନୁରାଗ

**ଚଣ୍ଡିଗଡ଼, ୧୨ ।୩ (ଏଜେନ୍ସି)**




୯ରୁ ୧୮ ବର୍ଷ ବୟସର ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ପକ୍ଷରୁ ମଙ୍ଗଳବାର 'କୀର୍ତ୍ତି' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଏହି 'ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେସନ' (କୀର୍ତ୍ତି) କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଅନ୍ୟତମ ଅତିଥି ଭାବେ ଓଡ଼ିଆ ଜାଭେଲିନ ତାରକା କିଶୋର ଜେନା ମଧ୍ୟ ଉପସ୍ଥିତ ରହିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର କୋଣ ଅନୁକୋଣରୁ ୯ରୁ ୧୮ ବର୍ଷ ମଧ୍ୟରେ ସ୍କୁଲ ଯାଉଥିବା କ୍ରୀଡ଼ା ପ୍ରତିଭାଙ୍କୁ ଅନ୍ୱେଷଣ କରିବା । ଦୌଡ଼କୁଦ, ବକ୍ସିଂ, କୁସ୍ତି, ହକି, ଫୁଟ୍‌ବଲ, ଭଲିବଲ୍, ଖୋ ଖୋ, ତୀରନ୍ଦାଜୀ ସମେତ ୧୦ଟି କ୍ରୀଡ଼ାରେ ପ୍ରଥମ ପର୍ଯ୍ୟାୟରେ ୫୦ ହଜାର ଆବେଦନକାରୀଙ୍କ ମୂଲ୍ୟାଙ୍କନ କରାଯାଇଛି । ଦେଶର ୫୦ ପ୍ରତିଭା ମୂଲ୍ୟାୟନ କେନ୍ଦ୍ର ମାଧ୍ୟମରେ ବର୍ଷସାରା ୨୦ ଲକ୍ଷ ମୂଲ୍ୟାୟନ କରିବାକୁ 'କୀର୍ତ୍ତି' ଲକ୍ଷ୍ୟ ରଖିଛି । ଉଦ୍‌ଘାଟନୀ ଅବସରରେ ଅନୁରାଗ ଠାକୁର କହିଥିଲେ, 'ଦେଶରେ କ୍ରୀଡ଼ା ସଂସ୍କୃତି ଗଠନ କରିବା ଏବଂ ଅଲିମ୍ପିକ୍ସ ଏବଂ ଏସୀୟ କ୍ରୀଡ଼ା ଭଳି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତକୁ ପଦକ ଜିତିବା ପାଇଁ ପ୍ରତିଭାର ଏକ ଭଣ୍ଡାର ସୃଷ୍ଟି କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ଥିଲା । ୨୦୩୬ ସୁଦ୍ଧା ଭାରତକୁ ବିଶ୍ୱର ଶ୍ରେଷ୍ଠ-୧୦ ଏବଂ ୨୦୪୭ ସୁଦ୍ଧା ଶ୍ରେଷ୍ଠ-୫ କ୍ରୀଡ଼ାରାଷ୍ଟ୍ର ମଧ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ । କୀର୍ତ୍ତି ଦେଶର ପ୍ରତ୍ୟେକ ବ୍ଲକରେ ପହଞ୍ଚି ସେହି ପିଲାଙ୍କ ନିକଟରେ ପହଞ୍ଚିବ, ଯେଉଁମାନେ ଖେଳ ଖେଳିବାକୁ ଚାହୁଁଛନ୍ତି ।'

## ୧୪ତମ ଜାତୀୟ ବରିଷ୍ଠ ମହିଳା ହକି ଆଜିଠୁ

**ପୁଣେ, ୧୨ ।୩ (ଏଜେନ୍ସି):** ଜାତୀୟ ବରିଷ୍ଠ ମହିଳା ହକି ଦଳର ୧୪ତମ ସଂସ୍କରଣ ବୁଧବାରଠାରୁ ପୁଣେର ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି । ମାର୍ଚ୍ଚ ୨୩ରେ ଉଦ୍‌ଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ମୋଟ୍ ୨୭ ଗୋଟି ଦଳ ଭାଗନେବେ । ଏହି ଦଳଗୁଡ଼ିକୁ ୮ଟି ପୁଲ୍‌ରେ ଭାଗ କରାଯାଇଛି । ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ମାର୍ଚ୍ଚ ୨୦ରେ କ୍ୱାର୍ଟର ଫାଇନାଲ ଖେଳିବେ । ଡିଫେଣ୍ଡିଂ ଚାମ୍ପିଅନ ମଧ୍ୟପ୍ରଦେଶ ଓ ଛତିଶଗଡ଼ ମଧ୍ୟରେ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ ।

ଓଡ଼ିଶା ମହିଳା ହକି ଦଳ ଏହି ପ୍ରତିଯୋଗିତାରେ ପୁଲ୍-ଇ'ରେ ସ୍ଥାନ ପାଇଛି । ଓଡ଼ିଶା ବାଦ୍ ଚଣ୍ଡିଗଡ଼ ଓ ଗୋଆ ଏହି ପୁଲ୍‌ରେ ରହିଛନ୍ତି । ଶୁକ୍ରବାର ଗୋଆ ବିପକ୍ଷରେ ଖେଳି ଓଡ଼ିଶା ଦଳ ଅଭିଯାନ ଆରମ୍ଭ କରିବ । ଏହାପରେ ଓଡ଼ିଶା ପୁଲ୍ ପର୍ଯ୍ୟାୟର ଶେଷ ମ୍ୟାଚରେ ମାର୍ଚ୍ଚ ୧୭ରେ ଚଣ୍ଡିଗଡ଼ ବିପକ୍ଷରେ ଖେଳିବ । ପାଖାପାଖି ଦୁଇ ସପ୍ତାହ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୨୯ଜଣ ଅନ୍ତର୍ଜାତୀୟ ଖେଳାଳି ବିଭିନ୍ନ ଦଳରୁ ପ୍ରତିନିଧିତ୍ୱ କରିବେ । ଏଥିରେ ଓଡ଼ିଶାର ମାରିଆନା କୁଜୁର, ଆଜମିନା କୁଜୁର ଓ ଜ୍ୟୋତି ଛତ୍ରି ରହିଛନ୍ତି ।




## ପେରୀଙ୍କ ବିଧ୍ୱଂସୀ ବୋଲିଂ

**ନୂଆଦିଲ୍ଲୀ, ୧୨ ।୩ (ଏଜେନ୍ସି)**

ଅଷ୍ଟ୍ରେଲିଆର ତାରକା ଅଲ୍‌ରାଉଣ୍ଡର ଏଲିସେ ପେରୀ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ) ଇତିହାସରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି । ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମହିଳା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପେରୀ ମଙ୍ଗଳବାର ଏଠାରେ ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମୁକାବିଲାରେ ୧୫ ରନ ବ୍ୟୟରେ ୬ ୱିକେଟ୍ ସଫଳତା ପାଇଥିଲେ । ଫଳରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୧୧୩ ରନରେ ଅଲ୍‌ଆଉଟ୍ ହୋଇଯାଇଛି । ଜବାବରେ ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ଶେଷ ଖବର ସୁଦ୍ଧା ୧୩ ଓଭରରେ ୩ ୱିକେଟ୍ ହରାଇ ୮୬ ରନ କରିଛି । ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ପାଇଁ ହେଲୀ ମାଥ୍ୟୁସ (୨୬ ରନ) ଓ ଏସ୍ ସଜନା (୩୦ ରନ) ପ୍ରଥମ ୱିକେଟ୍‌ରେ ୪୩ ରନ ସଂଗ୍ରହ କରିଥିଲା । କିନ୍ତୁ ଏହି ଯୋଡ଼ି ଭାଙ୍ଗିବା ପରେ ବୋଲିଂ କରିବାକୁ ଆସିଥିବା ଏଲିସେ ପେରୀଙ୍କୁ ସାମ୍ନା କରି ନ ପାରି ମୁମ୍ବାଇ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୯ ଓଭରରେ ୧୧୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ମୁମ୍ବାଇ ଏହାର ଶେଷ ୯ ୱିକେଟ ୪୮ ରନ୍ ମଧ୍ୟରେ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦୁଇ ଓପନରଙ୍କ ବ୍ୟତୀତ ନାଟ୍ ସ୍କିଭର-ବ୍ରଣ୍ଟ (୧୦) ଓ ପ୍ରିୟଙ୍କା ବାଲା (୧୯*) ଦୁଇଅଙ୍କ ସ୍କୋର କରିପାରିଥିଲେ । ଅଧିନାୟିକା ହରମନପ୍ରୀତ୍ କୌର ଖାତା ଖୋଲିବା ପୂର୍ବରୁ ପେରୀଙ୍କ ଶିକାର ବନିଥିଲେ । ପେରୀ ତାଙ୍କ ୪ ଓଭର ସ୍ପେଲରେ ମାତ୍ର ୧୫ ରନ ବ୍ୟୟ କରି ୬ ୱିକେଟ୍ ନେବା ସହ ଡବ୍ଲ୍ୟୁପିଏଲ୍ ଇତିହାସରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି । ପୂର୍ବରୁ ଏହି ରେକର୍ଡ ମାରିଜନେ କାପ୍ପ (୫/୧୫ ବନାମ ଗୁଜରାଟ)ଙ୍କ ନାମରେ ଥିବା ରେକର୍ଡକୁ ଭଙ୍ଗ କରିଥିଲେ ।

### ଇଣ୍ଡିଆନ ୱେଲ୍ସ ଟେନିସ; ଜୋକୋଭିଚ୍‌ଙ୍କ ବିପର୍ଯ୍ୟୟ

**ଇଣ୍ଡିଆନ ୱେଲ୍ସ, ୧୨ ।୩ (ଏଜେନ୍ସି):** ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ପୁରୁଷ ଏକକ ପ୍ରତିଯୋଗିତାରେ ସର୍ବିଆର ନୋଭାକ ଜୋକୋଭିଚ୍ ଇଟାଲୀ କ୍ୱାଲିଫାୟର ଖେଳାଳି ଲୁକା ନାର୍ଡିଙ୍କଠାରୁ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍‌ରେ ୪-୬, ୬-୩, ୩-୬ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ନାର୍ଡି ଏବେ ବିଶ୍ୱ ମାନ୍ୟତାର ୧୨୩ତମ ସ୍ଥାନରେ ରହିଛନ୍ତି । ଏଥିସହ ସହ କ୍ରମାଗତ ୧୧ଟି ବିଜୟ ପରେ ଜୋକୋଭିଚ୍ ପରାସ୍ତ ହୋଇଛନ୍ତି । ସେହିପରି ଚତୁର୍ଥ ସିଡ୍ ରୁଷିଆର ଡାନିଲ ମେଦଭେଦେଭ ୬-୪, ୫-୭, ୬-୩ ସେଟ୍‌ରେ ଆମେରିକାର ସେବାଷ୍ଟିଆନ କୋଡ୍ରାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି । ସେହିପରି ୧୩ତମ ସିଡ୍ ଗ୍ରିଗର ଡିମିଟ୍ରୋଭ ୬-୩, ୬-୩ ସିଧାସଳଖ ସେଟ୍‌ରେ ୨୧ତମ ସିଡ୍ ଆଡ୍ରିଆନ ମାନ୍ନାରିନୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି ।

## ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ

**ଇଂଲଣ୍ଡ,୧୨ ।୩(ଏଜେନ୍ସି):** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ୧୦ କୋଟି ୭୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଭାରତୀୟ ମହିଳା ତାରକା ପିଭି ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ମହିଳା ଏକକ ପ୍ରତିଯୋଗିତାରେ ବିଶ୍ୱର ୧୧ ନଂ ଖେଳାଳି ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପ୍ରାରମ୍ଭିକ ମୁକାବିଲାରୁ ଜର୍ମାନୀର ୟଭୋନ ଲି ରିଟାୟାର୍ଡ ହର୍ଟ ହୋଇ ଓହରିଯିବା ଫଳରେ ବିଜୟୀ ହୋଇ ସିନ୍ଧୁ ଅଗ୍ରଗତି କରିଛନ୍ତି । ସେତେବେଳକୁ ପ୍ରଥମ ଗେମ୍‌ରେ ସିନ୍ଧୁ ୨୧-୧୦ରେ ଅଗ୍ରଣୀ ରହିଥିଲେ । ଏବେ ସେ ଦ୍ୱିତୀୟ ରାଉଣ୍ଡରେ କୋରିଆର ଅନ ସେ ୟଙ୍ଗଙ୍କୁ ଭେଟିବେ । ମହିଳା ଏକକରେ ଅନ୍ୟତମ ଭାରତୀୟ ଖେଳାଳି ଆକର୍ଷୀ କାଶ୍ୟପ ୧୬-୨୧, ୧୧-୨୧ରେ ତାଇୱାନର ପାଇ ୟୁ-ପୋଙ୍କଠାରୁ ପରାସ୍ତ ହୋଇଛନ୍ତି ।




### ଏଚ୍‌ଏସ୍ ପ୍ରଣୟ ହାରିଲେ

ପୁରୁଷ ଏକକରେ ଭାରତ ଏଚ୍‌ଏସ୍ ପ୍ରଣୟ ୨୧-୧୪, ୧୩-୨୧, ୧୩-୨୧ରେ ଚୀନ୍‌ର ୱେଙ୍ଗ ହଙ୍ଗୟାଙ୍ଗଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ସେହିପରି ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ କିଦାମ୍ବି ଶ୍ରୀକାନ୍ତ ଓ ଡେନମାର୍କ ଭିକ୍ଟର ଆକ୍ସେଲସେନ ପରସ୍ପରକୁ ଭେଟିବେ ।

## ଜାପାନ ଯୋଡ଼ିକୁ ଭେଟିବେ ରତୁପର୍ଣ୍ଣା-ଶ୍ୱେତପର୍ଣ୍ଣା



**ଭୁବନେଶ୍ୱର,୧୨ ।୩(ସମିସ):** ବିଶ୍ୱ ଶ୍ରେଷ୍ଠ ତଥା ସମ୍ମାନଜନକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ଦୁଇ ଓଡ଼ିଆ ମହିଳା ତାରକା ରତୁପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ପଣ୍ଡା ଅଂଶଗ୍ରହଣ କରିବେ । ଏହି ଦୁଇ ଦୁଇ ଭଉଣୀ ମହିଳା ଯୁଗଳ ଟୁର୍ଣ୍ଣାମେଣ୍ଟରେ ଭାଗନେବେ । ଦୁଇ ଖେଳାଳି ରାଜ୍ୟ କ୍ରୀଡ଼ା ପାଇଁ ଗୌରବ ଆଣିଦେଇଛି । ଅଣ ସିଡ୍ ଏହି ଯୋଡି ପ୍ରଥମ ରାଉଣ୍ଡରେ ଜାପାନର ରିନ ଆୱାନାଗା ଓ କିଏ ନାକାନିସଙ୍କୁ ଭେଟି ଅଭିଯାନ ଆରମ୍ଭ କରିବେ । ପୂର୍ବରୁ ଏହି ଦୁଇ ଭଉଣୀ ଏକାଧିକ ଜାତୀୟ ତଥା ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ସଫଳ ପ୍ରଦର୍ଶନ କରି ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA